# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

•VOLUME- 43 •ISSUE-155 •MONDAY •1 DECEMBER 2025 •PAGE-20 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୧୫୫ •ସୋମବାର •୧ ଡିସେମ୍ବର ୨୦୨୫ •ପୃଷ୍ଠା-୨୦ •ଟ.୬.୦୦






To locate your nearest store and know more on 8147349242. Buy online at tanishq.co.in or Download our App *Conditions apply.

Chandrasekharpur, Bhubaneswar, Mob-7205050700 | Master Canteen Square, Bhubaneswar, Mob-9238307043

Cantonment Road, Cuttack, Mob-9238307044 | Amalapada, Lane-2, Angul, Mob-9090066000, 8147485152

# ରାଜ୍ ଭବନ ଏବେ ହେବ ଲୋକ ଭବନ

ନୂଆଦିଲ୍ଲୀ, ୩୦।୧୧ (ଏଜେନ୍ସି): ଉପନିବେଶ କାଳର ସଙ୍କେତକୁ ହଟାଇବା ପାଇଁ କେନ୍ଦ୍ର ସରକାର ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି। ରାଜ୍ ଭବନ ଗୁଡ଼ିକର ନାମ ବଦଳାଇ ଏବେ ଲୋକ ଭବନ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରାଳୟ ପକ୍ଷରୁ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ସରକାରମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟପାଳଙ୍କ ଭବନକୁ 'ଲୋକ ଭବନ' ଏବଂ ଉପ-ରାଜ୍ୟପାଳଙ୍କ ବାସଭବନକୁ 'ଲୋକ ନିବାସ' କରିବାକୁ କୁହାଯାଇଛି। ଗତ ବର୍ଷ ଅଗଷ୍ଟ ୨ରେ ରାଷ୍ଟ୍ରପତି ଭବନରେ ଅନୁଷ୍ଠିତ ରାଜ୍ୟପାଳମାନଙ୍କ ସମ୍ମିଳନୀରେ ଏହି ନାମ ବଦଳାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।ତାମିଲନାଡୁ ରାଜ୍ୟପାଳ ଆରଏନ ରବିଙ୍କ ନେତୃତ୍ୱରେ ଏହି ପ୍ରସ୍ତାବର ସମୀକ୍ଷା କରି ଚୂଡ଼ାନ୍ତ କରାଯାଇଥିଲା। ସେ ହିଁ ଉପନିବେଶ କାଳର ନାମକୁ ହଟାଇବାକୁ ପ୍ରସ୍ତାବ ଦେଇଥିଲେ।

# ଭାରୋତ୍ତୋଳକଙ୍କୁ ହତ୍ୟା

ରୋହତକ, ୩୦।୧୧ (ଏଜେନ୍ସି): ହରିୟାଣା ରୋହତକର ଜାତୀୟସ୍ତରର ଜଣେ ପାରା ଆଥଲେଟଙ୍କୁ ପିଟି ପିଟି ହତ୍ୟା କରାଯାଇଛି। ମୃତକଙ୍କ ନାମ ରୋହିତ ଧନକର (୨୮)। ଦୁଇ ଦିନ ତଳେ ସେ ବନ୍ଧୁ ଜତିନଙ୍କ ସହ ସମ୍ପର୍କୀୟଙ୍କ ବିବାହରେ ଯୋଗ ଦେବା ପାଇଁ ରେୱାରି-ଖେରା ଯାଇଥିଲେ। ଏଠାରେ ସେ ବର ପକ୍ଷର କିଛି ଲୋକଙ୍କ ଖରାପ ବ୍ୟବହାରକୁ ବିରୋଧ କରିଥିଲେ। ଏହାକୁ ନେଇ ତାଙ୍କ ସହ ଧନକରଙ୍କ କଥା କଟାକଟି ହୋଇଥିଲା। ବିବାହରେ ସାମିଲ ହୋଇ ରୋହତକ ଫେରୁଥିବାବେଳେ ୧୫ରୁ ୨୦ ଜଣ ବ୍ୟକ୍ତି ପିଛା କରି ପଛ ପଟୁ ତାଙ୍କ କାର୍‌କୁ ଧକ୍କା ଦେଇଥିଲେ। ଏହା ପରେ ଲୁହାଛଡ଼ ଏବଂ ହକି ଷ୍ଟିକ୍‌ରେ ମାଡ଼ ମାରି ଚାଲି ଯାଇଥିଲେ। ଗୁରୁତର ଅବସ୍ଥାରେ ଧନକରଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ଦୁଇ ଦିନ ପରେ ତାଙ୍କର ମୃତ୍ୟୁ ହୋଇଥିଲା। ପୁଲିସ ଏହି ମାମଲାରେ ୬ ଜଣଙ୍କୁ ଗିରଫ କରି ତଦନ୍ତ ଜାରି ରଖିଛି।

# ଜନ୍ମଦିନରେ ଗୁଳିକାଣ୍ଡ, ୪ ମୃତ

ୱାସିଂଟନ,୩୦।୧୧(ଏଜେନ୍ସି): ଆମେରିକାର କାଲିଫର୍ଣ୍ଣିଆ ରାଜ୍ୟର ଷ୍ଟକଟନର ଲୁସିଲ ଆଭେନ୍ୟୁର ବ୍ୟାନକ୍ୱେଟ ହଲ୍‌ରେ ଏକ ଶିଶୁ ଜନ୍ମଦିନ ପାର୍ଟିରେ ଗୁଳିକାଣ୍ଡ ଘଟିଛି। ଏଥିରେ ୪ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୧୦ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ମୋଟ ଉପରେ ୧୪ ଜଣଙ୍କୁ ଗୁଳି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୪ ଜଣ ପ୍ରାଣ ହରାଇଛନ୍ତି। ଆହତଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପ୍ରଥମେ ବାଣ ଫୁଟାଯାଉ ଥିବା ଭାବିଥିଲୁ ବୋଲି ଘଟଣାସ୍ଥଳରେ ଉପସ୍ଥିତ ଥିବା ବ୍ୟକ୍ତିମାନେ କହିଛନ୍ତି। କିନ୍ତୁ ପରେ ଏହା ଗୁଳିକାଣ୍ଡ ଥିଲା ବୋଲି ଜଣାପଡିଥିଲା। ସାନ ଫ୍ରାନସିସ୍କୋ ପୂର୍ବକୁ ୫୦ ମାଇଲ ଦୂରରେ ଏହି କାଣ୍ଡ ଘଟିଛି। ଆକ୍ରମଣକାରୀ ମାନେ ହଲ୍ ଭିତରକୁ ପସି ଗୁଳ ଚଳାଇଥିଲେ।

# ସପ୍ତାହେ ବଢ଼ିଲା ଏସ୍‌ଆଇଆର୍ ଅବଧି

ନୂଆଦିଲ୍ଲୀ,୩୦।୧୧(ଏଜେନ୍ସି):

ନିର୍ବାଚନ କମିଶନ ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ ଚାଲିଥିବା ସ୍ପେଶାଲ ଇଣ୍ଟେନସିଭ୍ ରିଭିଜନ (ଏସ୍‌ଆଇଆର୍)ର ସମୟ ସୀମାକୁ ଆଉ ଗୋଟିଏ ସପ୍ତାହ ବୃଦ୍ଧି କରିଛନ୍ତି। ଅନ୍ତିମ ଭୋଟର ତାଲିକା ୨୦୨୬ ଫେବୃଆରୀ ୧୪ ଜାରି କରାଯିବ ବୋଲି କମିଶନ କହିଛନ୍ତି। ଏବେ ଭୋଟର ସଂଶୋଧନ ଡିସେମ୍ବର ୧୧ ପର୍ଯ୍ୟନ୍ତ ଚାଲିବ। ପୂର୍ବରୁ ଏହା ଡିସେମ୍ବର ୪ ପର୍ଯ୍ୟନ୍ତ ଚାଲିବାର ଥିଲା। ପ୍ରଥମେ ଡ୍ରାଫ୍ଟ ତାଲିକା ଡିସେମ୍ବର ୯ରେ ଜାରି ହେବାର କାର୍ଯ୍ୟକ୍ରମ ଥିଲା। ଏବେ ଏହା ଡିସେମ୍ବର ୧୬ରେ ଜାରି ହେବ ବୋଲି କୁହାଯାଇଛି। ବିହାର ପରେ ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ ଏସ୍‌ଆଇଆର ଅକ୍ଟୋବର ୨୮ରେ ଆରମ୍ଭ ହୋଇଥିଲା। ଏହି ପ୍ରକ୍ରିୟାରେ ଭୋଟର ତାଲିକାର ସଂଶୋଧନ ହେବାର କାର୍ଯ୍ୟକ୍ରମ ଥିଲା। ଏଥିରେ ନୂଆ ଭୋଟରଙ୍କ ନାମ ସାମିଲ କରାଯିବା ସହ ତାଲିକାରେ ଥିବା ତ୍ରୁଟି ସୁଧାର କରାଯିବ। ଆସନ୍ତାବର୍ଷ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ତେଣୁ ଏହି ରାଜ୍ୟରେ ଚାଲିଥିବା ଏସ୍‌ଆଇଆର୍ ପ୍ରକ୍ରିୟା ନେଇ ଚର୍ଚ୍ଚା ଚାଲିଛି। ତେବେ ଆସାମରେ ଏସ୍‌ଆଇଆର୍ ଆରମ୍ଭ କରାଯାଇ ନାହିଁ। ଆସାମରେ ନାଗରିକତା ନେଇ ନିୟମ ଭିନ୍ନ। ତେଣୁ ଏହି ରାଜ୍ୟରେ ଏସ୍‌ଆଇଆର୍‌ର ପ୍ରକ୍ରିୟା ମଧ୍ୟ ଭିନ୍ନ ହେବ ଓ ପରେ ହେବ ବୋଲି ନିର୍ବାଚନ କମିଶନ କହିଛନ୍ତି।

**ଡିସେମ୍ବର ୧୧ ପର୍ଯ୍ୟନ୍ତ ଚାଲିବ ୧୨ ରାଜ୍ୟରେ ଭୋଟର ସଂଶୋଧନ**

**ଫେବୃଆରୀ ୧୪ରେ ଜାରି ହେବ ଅନ୍ତିମ ତାଲିକା**

**ଦୁଇଗୁଣା ହେବ ବିଏଲ୍‌ଓଙ୍କ ଦରମା**

ନିର୍ବାଚନ କମିସନ ବୁଥ ଲେଭୁଲ ଅଫିସର (ବିଏଲ୍‌ଓ)ଙ୍କ ଦରମା ଦୁଇଗୁଣା ବୃଦ୍ଧି କରିବାକୁ ଘୋଷଣା କରିଛନ୍ତି। ଫଳରେ ବିଏଲ୍‌ଓଙ୍କ ଦରମା ୬,୦୦୦ରୁ ବୃଦ୍ଧି ପାଇଁ ୧୨,୦୦୦ ହେବ ବୋଲି କୁହାଯାଇଛି। ଏହାକୁ ବାଦ ଦେଲେ ରୋଲ ପ୍ରସ୍ତୁତ କରୁଥିବା ଓ ଏଥିରେ ପରିବର୍ତ୍ତନ କରୁଥିବା ବିଏଲ୍‌ଓ ସୁପର ଭାଇଜରଙ୍କ ଦରମା ୧୨ ହଜାରରୁ ୧୮ ହଜାରକୁ ବୃଦ୍ଧି କରାଯାଇଛି। ଯେଉଁ ସରକାରୀ କର୍ମଚାରୀଙ୍କୁ ବିଏଲ୍‌ଓର ଦାୟିତ୍ୱ ଦିଆଯାଇଛି ସେମାନଙ୍କୁ ଦରମା ବ୍ୟତୀତ ଏହି ପାଉଣା ଅଲଗା ଦିଆଯିବ ବୋଲି କୁହାଯାଇଛି। ଶନିବାର ନିର୍ବାଚନ କମିଶନ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରି ୨୦୧୫ରେ ଏଭଳି ପରିବର୍ତ୍ତନ କରାଯାଇଥିଲା ବୋଲି ଉଲ୍ଲେଖ କରିଛନ୍ତି। ପ୍ରଥମଥର ପାଇଁ ଇଲେକ୍ଟୋରାଲ ଅଫିସର୍ସ (ଇଆରଓଏସ୍) ଓ ଆସିଷ୍ଟାଣ୍ଟ ଇଲେକ୍ଟୋରାଲ ରେଜିଷ୍ଟ୍ରେସନ ଅଫିସର୍ସ (ଏଇଆରଓଏସ୍)ଙ୍କୁ ମଧ୍ୟ ପାରିଶ୍ରମିକ ତଥା ବେତନ ଦିଆଯିବାକୁ ଘୋଷଣା କରାଯାଇଛି। ଦେଶର ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ପ୍ରଦେଶରେ ଚାଲୁଥିବା ଏସ୍‌ଆଇଆର୍ ପ୍ରକ୍ରିୟାରେ ମୋଟ୍ ୫.୩୨ ଲକ୍ଷ ବିଏଲ୍‌ଓ କାର୍ଯ୍ୟ କରୁଛନ୍ତି। ପ୍ରତ୍ୟେକ ବିଏଲ୍‌ଓଙ୍କୁ ପାଖାପାଖି ୯୫୬ ଭୋଟରଙ୍କ ତାଲିକାର ରିଭିଜନ କରିବା ନେଇ ଦାୟିତ୍ୱ ଦିଆଯାଇଛି।

# ପ୍ରେମିକର ହତ୍ୟା ପରେ ମୃତଦେହକୁ ବାହାହେଲେ ପ୍ରେମିକା



ନୂଆଦିଲ୍ଲୀ,୩୦।୧୧(ଏଜେନ୍ସି): ମହାରାଷ୍ଟ୍ରର ନାନ୍ଦେଡରେ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି। ଜଣେ ଯୁବତୀ ନିଜ ପ୍ରେମିକଙ୍କ ଶବ ସହ ବିବାହ କରିଛନ୍ତି। ପ୍ରେମିକ ଅନ୍ୟ ଜାତିର ହୋଇଥିବାରୁ ପ୍ରେମିକାର ପରିବାର ଲୋକେ ତାଙ୍କୁ ହତ୍ୟା କରିଥିଲେ। ଏ ନେଇ ଯୁବତୀ ଥାନାରେ ଅଭିଯୋଗ କରିଥିଲେ ଓ ପ୍ରମିକଙ୍କ ମୃତଦେହ ସହ ବିବାହ କରିବାକୁ ଇଚ୍ଛା ଜାହିର କରିଥିଲେ। ପରିବାର ବିରୋଧ ସତ୍ତ୍ୱେ ଯୁବତୀ ଜଣକ ମୃତଦେହ ସହ ବିବାହ କରିଥିଲେ ଓ ନ୍ୟାୟ ପାଇଁ ଲଢ଼େଇ ଜାରି ରଖିବେ ବୋଲି ସଂକଳ୍ପ ନେଇଥିଲେ। ଏହି ଘଟଣା ଆମ ଦେଶରେ ଥିବା କ୍ରୁର ଜାତିଗତ ଭେଦଭାବର ବାସ୍ତବିକତାକୁ ଦର୍ଶାଉଛି। ଏହି ଘଟଣା ନେଇ ପୂରା ମହାରାଷ୍ଟ୍ରରେ ଚର୍ଚ୍ଚା ଚାଲିଛି।

**ପ୍ରେମ ଆଗରେ ହାର ମାନିଲା ଜାତିପ୍ରଥା**


ଅନ୍ୟ ଜାତିର ଝିଅକୁ ପ୍ରେମ କରିବା କାରଣରୁ ଜଣେ ୨୦ ବର୍ଷର ଯୁବକ ସକ୍ଷମ ଟେଟେଙ୍କୁ ମହଙ୍ଗା ପଡିଛି ଓ ଶେଷରେ ତାଙ୍କୁ ଜୀବନ ଦେବାକୁ ହୋଇଛି। ପ୍ରେମିକା ଆଞ୍ଚଲଙ୍କ ବାପା ଓ ଭାଇମାନେ ଯୁବକଙ୍କୁ ବାଡେଇବା ପରେ ଗୁଳି ମାରିଥିଲେ। ପରେ ତାଙ୍କ ମୁଣ୍ଡକୁ ପଥରରେ ଛେଚିଥିଲେ। ମୃତ୍ୟୁପରେ ଯୁବକଙ୍କ ଅନ୍ତିମ ସଂସ୍କାରରେ ଆଞ୍ଚଲ ନିଜ ମଥାରେ ସିନ୍ଦୂର ଲଗାଇଥିଲେ ଓ ତାଙ୍କ ଘରେ ବୋହୂ ହୋଇ ରହିବେ ବୋଲି ପ୍ରତିଜ୍ଞା କରିଥିଲେ। ୩ ବର୍ଷ ତଳେ ନିଜ ଭାଇଙ୍କ ଜରିଆରେ ସକ୍ଷମଙ୍କୁ ଭେଟିଥିଲେ ଆଞ୍ଚଲ। ତାଙ୍କ ଘରକୁ ବରାବର ଯିବା ଫଳରେ ଦୁହିଁଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। କିନ୍ତୁ ଦୁହିଁଙ୍କ ଜାତି ଅଲଗା ହୋଇଥିବାରୁ ଏହି ସମ୍ପର୍କଙ୍କୁ ଆଞ୍ଚଲଙ୍କ ପରିବାର ବିରୋଧ କରିଥିଲେ। ବାରମ୍ବାର ଧମକ ସତ୍ତ୍ୱେ ଆଞ୍ଚଲ ନିଜର ପ୍ରେମ ସମ୍ପର୍କ ଜାରି ରଖିଥିଲେ। ଯେତେବେଳେ ଆଞ୍ଚଲ ବିବାହ କରିବାକୁ ଯାଉଥିବା କଥା ଜାଣିଲେ, ସେତେବେଳେ ତାଙ୍କ ପରିବାର ଲୋକ ସକ୍ଷମଙ୍କୁ ହତ୍ୟା କରିଥିଲେ। ସକ୍ଷମଙ୍କ ଅନ୍ତିମ ସଂସ୍କାର ବେଳେ ଆଞ୍ଚଲ ତାଙ୍କ ଘରକୁ ଯାଇ ନିଜ ଶରୀରରେ ହଳଦୀ ଲଗାଇବା ସହ ମଥାରେ ସିନ୍ଦୂର ପିନ୍ଧିଥିଲେ ଓ ତାଙ୍କ ମର ଶରୀରକୁ ବିବାହ କରିଥିଲେ। ବାକି ଜୀବନ ସକ୍ଷମଙ୍କ ଘରେ ବିତାଇବାକୁ ସେ କହିଥିଲେ। ଆମ ପ୍ରେମର ବିଜୟ ହେଲା ଓ ମୋ ବାପା ଓ ଭାଇମାନେ ହାରିଯାଇଛନ୍ତି ବୋଲି ଆଞ୍ଚଲ କହିଛନ୍ତି। ପୁଲିସ ଏହି ଘଟଣାରେ ମାମଲା ରୁଜୁ କରିବା ସହ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି।

# ନ୍ୟାସନାଲ ହେରାଲ୍ଡ ମାମଲା: ସୋନିଆ, ରାହୁଲଙ୍କ ବିରୋଧରେ ଏତଲା

ନୂଆଦିଲ୍ଲୀ, ୩୦।୧୧ (ଏଜେନ୍ସି): ନ୍ୟାସନାଲ ହେରାଲ୍ଡ ମାମଲାରେ କଂଗ୍ରେସ ସାଂସଦ ସୋନିଆ ଗାନ୍ଧୀ ଏବଂ ରାହୁଲ ଗାନ୍ଧୀଙ୍କ ବିରୋଧରେ ନୂଆ ଏତଲା ରୁଜୁ କରାଯାଇଛି। ଏହି ଏତଲାରେ ସାମ ପିତ୍ରୋଦା, ସୁମନ ଦୁବେ, ସୁନୀଲ ଭଣ୍ଡାରୀ ଏବଂ ଜଣେ ଅଜ୍ଞାତ ବ୍ୟକ୍ତିଙ୍କ ସହିତ ତିନି କମ୍ପାନୀ ଆସୋସିଏଟେଡ ଜର୍ଣ୍ଣାଲ୍ସ ଲିମିଟେଡ (ଏଜିଏଲ), ଡୋଟେକ୍ସ ମର୍ଚ୍ଚେଣ୍ଡାଇଜ ପ୍ରାଇଭେଟ ଲିମିଟେଡ ଏବଂ ୟଙ୍ଗ ଇଣ୍ଡିଆନର ନାମ ରହିଛି। ଏମାନେ ସମସ୍ତେ ମିଶି ଜାଲିଆତି କରି ଏଜିଏଲ ହାସଲ କରିଥିବା ପୁଲିସ ଏହାର ଏତଲାରେ ଅଭିଯୋଗ କରିଛି। ଅଭିଯୋଗ ଅନୁଯାୟୀ, ୨୦୧୦ରେ ଏଜିଏଲ ପାଖରେ ପ୍ରାୟ ୨ ହଜାର କୋଟି ଟଙ୍କାର ସମ୍ପତ୍ତି ଥିଲା। ଏହି ସମୟରେ ୟଙ୍ଗ ଇଣ୍ଡିଆନକୁ କୋଲାକାତାର ଡୋଟେକ୍ସ ମର୍ଚ୍ଚେଣ୍ଡାଇଜ କୋଟିଏ ଟଙ୍କା ଦେଇଥିଲା। ପରେ କଂଗ୍ରେସକୁ ୫୦ ଲକ୍ଷ ଟଙ୍କା ପରିଶୋଧ କରି ୟଙ୍ଗ ଇଣ୍ଡିଆନ କମ୍ପାନୀ ଏଜିଏଲକୁ ନିଜ ନିୟନ୍ତ୍ରଣକୁ ନେଇ ଯାଇଥିଲା। ୟଙ୍ଗ ଇଣ୍ଡିଆନ କମ୍ପାନୀରେ ରାହୁଲ ଏବଂ ସୋନିଆଙ୍କ ୭୬ ପ୍ରତିଶତ ଅଂଶଧନ ଥିଲା। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ହେଡକ୍ୱାର୍ଟର୍ସ ଇନଭେଷ୍ଟିଗେସନ ୟୁନିଟ (ଏଚଆଇୟୁ)ର ଅଭିଯୋଗ କ୍ରମେ ଅକ୍ଟୋବର ୩ ତାରିଖରେ ଏହି ମାମଲାରେ ଏତଲା ରୁଜୁ କରାଯାଇଥିଲା। ଅନ୍ୟପକ୍ଷରେ କଂଗ୍ରେସ ଏହି ଅଭିଯୋଗକୁ ରାଜନୈତିକ ପ୍ରତିଶୋଧର କାର୍ଯ୍ୟାନୁଷ୍ଠାନ କହିଛି। ବିରୋଧୀଙ୍କୁ ଦବାଇବା ପାଇଁ ଏପରି କରାଯାଉଛି। ଏତଲା ବିଷୟରେ କୌଣସି ସୂଚନା ନ ଥିବା କୁହାଯାଇଛି। କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି ଯେ ମୋଦୀ-ଶାହା ଯୋଡ଼ି କଂଗ୍ରେସର ପ୍ରମୁଖ ନେତୃତ୍ୱଙ୍କ ବିରୋଧରେ ଉତ୍ପୀଡ଼ନ, ଧମକ ଏବଂ ପ୍ରତିଶୋଧ ପରାୟଣର ରାଜନୀତି କରୁଛନ୍ତି।

**ପ୍ରତିଶୋଧର କାର୍ଯ୍ୟାନୁଷ୍ଠାନ: କଂଗ୍ରେସ**



- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-155 ♦MONDAY ♦1 DECEMBER 2025 ♦PAGE-20 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୧୫୫ ♦ସୋମବାର ♦୧ ଡିସେମ୍ବର ୨୦୨୫ ♦ପୃଷ୍ଠା-୨୦ ♦ଟ.୬.୦୦




'ବିରାଟ' ଶତକ

▸କ୍ରୀଡ଼ା ପୃଷ୍ଠାରେ...

# ସ୍ୱନକ୍ଷତ୍ରର ସଂକଳ୍ପ

॥ ମାନସ ମଙ୍ଗରାଜ ॥

କୋଭିଡ୍ ମହାମାରୀର ଭୟଙ୍କର ସମୟ। ଯେଉଁ ସମୟରେ ପାଠକମାନଙ୍କ ପାଇଁ ଏକପ୍ରକାର ଅଛୁଆଁ ହୋଇଯାଇଥିଲା ସମ୍ବାଦପତ୍ର। ସେହି କଷ୍ଟକର ସମୟରେ ଆତ୍ମପ୍ରକାଶ କରିଥିଲା 'ସକାଳ'। ଭବିଷ୍ୟତରେ ଓଡ଼ିଆ ସମ୍ବାଦପତ୍ରର ଇତିହାସ ଲେଖାଯିବା ବେଳେ ଅତ୍ୟନ୍ତ ପ୍ରତିକୂଳ ସମୟରେ 'ସକାଳ'ର ଆତ୍ମପ୍ରକାଶ ହୁଏତ ଅବିଶ୍ୱାସ୍ୟ ମନେ ହୋଇପାରେ; ମାତ୍ର ଏକବିଂଶ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧି ଶେଷ ଭାଗରେ 'ସକାଳ'ର ଆବିର୍ଭାବ ରକ୍ତିମ ରେଖାଙ୍କିତ ହୋଇ ରହିବ ନିଶ୍ଚୟ।

କେହି ସ୍ୱୀକାର କରୁ ବା ନ କରୁ ପକ୍ଷପାତ ଏକ ଚରମ ବାସ୍ତବତା। ବର୍ତ୍ତମାନ ସମୟରେ ଏହି ପକ୍ଷପାତ ମୁଖ୍ୟଧାର ଗଣମାଧ୍ୟମ ପ୍ରତି ପାଠକଙ୍କର ବିଶ୍ୱସନୀୟତା ହ୍ରାସ କରିଛି। ଅନୁରୂପ ଭାବରେ ସାମାଜିକ ଗଣମାଧ୍ୟମର ପ୍ରଭାବ ମୁଦ୍ରିତ ଗଣମାଧ୍ୟମ ପ୍ରତି ସୃଷ୍ଟି କରିଛି ସଙ୍କଟ। ପକ୍ଷପାତ ଓ ନିରପେକ୍ଷତା ମଧ୍ୟରେ ସୂକ୍ଷ୍ମ ବିଭାଜନ ରେଖା ସାଧାରଣ ପାଠକଙ୍କୁ ମୁଦ୍ରିତ ଗଣମାଧ୍ୟମଠାରୁ ଦୂରେଇ ନେଉଛି। ଖବର ପ୍ରସାରର ଦ୍ରୁତ ମାଧ୍ୟମ ଏବେ ମୁଦ୍ରିତ ସମ୍ବାଦପତ୍ରଗୁଡ଼ିକରେ ପ୍ରକାଶିତ ଖବରକୁ ଆଉ ତଟକା ରଖିପାରୁନି। ଏପରି ସମୟରେ ସମ୍ବାଦପତ୍ରଗୁଡ଼ିକୁ ନିଜର ସ୍ଥିତି ପାଇଁ ସଂଗ୍ରାମ କରିବାକୁ ପଡୁଛି। ନ୍ୟୁଜ ପ୍ରିଣ୍ଟ, ମୁଦ୍ରଣରେ ବ୍ୟବହୃତ ସାମଗ୍ରୀର ଆକାଶଛୁଆଁ ମୂଲ୍ୟବୃଦ୍ଧି ସବୁ ଖବରକାଗଜକୁ ସଂଘର୍ଷ କରିବାକୁ ବାଧ୍ୟ କରିଛି। 'ସକାଳ' ବି ଏଥିରୁ ବାଦ ପଡ଼ିନାହିଁ।

ଏହି ସମୟରେ ସମ୍ବାଦପତ୍ରଗୁଡ଼ିକ ପାଇଁ ସରକାରୀ ପୃଷ୍ଠପୋଷକତା ଏକ ଅନିବାର୍ଯ୍ୟ ଆବଶ୍ୟକତା। ମାତ୍ର ବିଡ଼ମ୍ବନା; 'ସକାଳ' ଏଥିରୁ ଏକପ୍ରକାର ବଞ୍ଚିତ। 'ସକାଳ' କାହିଁକି ଏହି ପୃଷ୍ଠପୋଷକତାରୁ ବଞ୍ଚିତ, ତାହାର ଉତ୍ତର ଆମ ପାଖରେ ନାହିଁ ଓ ଆମକୁ ଏହାର ଉତ୍ତର ଦେବାକୁ କେହି ଉଚିତ ମଣୁନାହାନ୍ତି । ଏହାସତ୍ତ୍ୱେ ଆମେ ଆମର ଧର୍ମରୁ ବିଚ୍ୟୁତ ହୋଇନାହୁଁ, ପାଠକଙ୍କ ସ୍ୱାର୍ଥରେ ସାଲିସ କରିନାହୁଁ, ଖବରକୁ ମୋଡ଼ି ମକଚି କାହାକୁ ନିଶାଣ କରିନାହୁଁ। ଭଲକୁ ଭଲ, ଖରାପକୁ ଖରାପ କହିବାର ସାମର୍ଥ୍ୟ ରଖିଛୁ। ତଥ୍ୟ ଓ ପ୍ରସଙ୍ଗକୁ ଯଥାସମ୍ଭବ ବସ୍ତୁନିଷ୍ଠ ଓ ନିରପେକ୍ଷ ଭାବରେ ପ୍ରକାଶ କରିବାକୁ ଉଦ୍ୟମ କରି ଆସିଛୁ ଓ ଏହି ନୀତିରେ ଅଟଳ ରହିବାକୁ ସଂକଳ୍ପ ମଧ୍ୟ ନେଇଛୁ। ସ୍ୱୀକାର କରିବାରେ ଦ୍ୱିଧା ନାହିଁ ଯେ ପାଠକମାନଙ୍କର ଆଦର, ଶ୍ରଦ୍ଧା, ଉତ୍ସାହ ଓ ସହଯୋଗ ଆମକୁ ଆମର ମୂଲ୍ୟାୟନ କରିବାକୁ ସୁଯୋଗ ଦେଇଛି। ଆମ ଭିତରେ ଆତ୍ମପ୍ରତ୍ୟୟ ସୃଷ୍ଟି କରିଛି।

ଆଦ୍ୟ ଶୈଶବ ଅତିକ୍ରମ କରି ମଧ୍ୟ ଶୈଶବରେ ପ୍ରବେଶ କରିଛି 'ସକାଳ'। ପାଞ୍ଚ ପୂରି ଛଅ ବର୍ଷରେ ପାଦ ଦେଇଛି। ଆପଣାଛାଏଁ ଚାଲିବା ଆରମ୍ଭ କରିଛି। ସତକୁ ଅବିକଳ ସତ ଓ ମିଛକୁ ଅବିକଳ ମିଛ ଭାବରେ ପ୍ରକାଶ କରିବୁ ବୋଲି ପ୍ରଥମ ପ୍ରକାଶ ଦିନଠାରୁ 'ସକାଳ' ନେଇଥିବା ସଂକଳ୍ପରେ ଅଟଳ ରହିଛି। ପଞ୍ଚମ ସ୍ୱନକ୍ଷତ୍ରରେ ଅନୁଚିନ୍ତା ନୁହେଁ, ଆମେ ଆମର ସଂକଳ୍ପକୁ ଦୋହରାଉଛୁ। ଏହି ସମୟ ମଧ୍ୟରେ 'ସକାଳ'କୁ କୋଳେଇ କାଖେଇ ଚାଲିବା ଶିଖାଇଥିବା ଆମର ସହୃଦୟ ପାଠକ, ପୃଷ୍ଠପୋଷକ, ବିଜ୍ଞାପନଦାତାଙ୍କୁ ହୃଦୟରୁ କୃତଜ୍ଞତା ଜ୍ଞାପନ କରୁଛୁ। ସବୁ ବାଧାବିଘ୍ନ ଓ ଘାତ ପ୍ରତିଘାତ ଭିତରେ ଯେଉଁ ବିତରକ ଭାଇମାନେ 'ସକାଳ'କୁ ପ୍ରତି ଘରେ ପହଞ୍ଚାଇ ଆମକୁ ପରିଚୟ ଦେଇଛନ୍ତି, ସେମାନଙ୍କ ନିକଟରେ ଆମେ ନତମସ୍ତକ। ଆପଣମାନେ ଗତ ୫ ବର୍ଷ ହେଲା ଆମକୁ ଦେଇଥିବା ଅଶେଷ ସ୍ନେହ, ଅସୁମାରୀ ଶ୍ରଦ୍ଧାକୁ ଆମେ ପାଶୋରି ନାହୁଁ କି ପାଶୋରି ପାରିବୁ ନାହିଁ। କୃତଜ୍ଞତା ସର୍ବଦା ଶବ୍ଦହୀନ, କୃତଜ୍ଞତା ଜ୍ଞାପନ ସର୍ବଦା ଭାଷାରୁ ଊର୍ଦ୍ଧ୍ୱରେ। ତଥାପି ଆମେ ଅନ୍ତରରୁ ଆପଣମାନଙ୍କୁ ବିନମ୍ର କୃତଜ୍ଞତା ଜ୍ଞାପନ କରୁଛୁ। ବିଗତ ବର୍ଷମାନଙ୍କ ପରି ଆଗାମୀ ବର୍ଷଗୁଡ଼ିକରେ ବି ଆପଣମାନଙ୍କ ଶ୍ରଦ୍ଧା ଓ ସହଯୋଗ ଆମ ପ୍ରତି ଅତୁଟ ରହୁ ବୋଲି କାମନା କରୁଛୁ। ●


ସାଂସଦ, ରାଜ୍ୟସଭା

## ଆଜିଠାରୁ ସଂସଦର ଶୀତକାଳୀନ ଅଧିବେଶନ

# ବିରୋଧୀଙ୍କ ହାତରେ 'ଏସ୍ଆଇଆର୍' ଅସ୍ତ୍ର

■ ନୂଆଦିଲ୍ଲୀ, ୩୦।୧୧ (ଏଜେନ୍ସି): ଆସନ୍ତାକାଲି ଠାରୁ ଆରମ୍ଭ ହେବାକୁ ଯାଉଛି ସଂସଦର ଶୀତକାଳୀନ ଅଧିବେଶନ। ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍ଆଇଆର୍ କୁ ନେଇ ସଂସଦରେ ପୁଣି ଅଚଳାବସ୍ଥା ସୃଷ୍ଟି ହୋଇପାରେ। ଆଜି ଅନୁଷ୍ଠିତ ସର୍ବଦଳୀୟ ବୈଠକରୁ ଏଭଳି ସୂଚନା ମିଳିଛି। ୧୨ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳରେ ଚାଲିଥିବା ଏସ୍ଆଇଆର୍ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଛି। ପ୍ରବଳ କାମ ଚାପ ଯୋଗୁଁ ବୁଥ ସ୍ତରୀୟ ଅଧିକାରୀଙ୍କ ମୃତ୍ୟୁ ଓ ଆତ୍ମହତ୍ୟା

- ସର୍ବଦଳୀୟ ବୈଠକରେ ବିରୋଧୀଙ୍କ ଦାବି
- ଏସ୍ଆଇଆର ଉପରେ ଆଲୋଚନା ହେଉ
- ପ୍ରତିଶ୍ରୁତି ଦେବାକୁ ମନାକଲେ ସରକାର



ଘଟଣାକୁ ନେଇ ବିରୋଧୀ ଦଳମାନେ ଉଦବେଗ ପ୍ରକାଶ କରିଛନ୍ତି। ନିର୍ବାଚନ କମିସନ କାହିଁକି ତରବରିଆ ଭାବେ ଏସ୍ଆଇଆର୍ ପ୍ରକ୍ରିୟା ଆଗେଇ ନେବାକୁ ଉଦ୍ୟମ କରୁଛନ୍ତି ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ତେଣୁ ଏହା ଉପରେ ବିସ୍ତୃତ ଆଲୋଚନା କରିବାକୁ ବିରୋଧୀ ଦଳ ଦାବି କରିଛନ୍ତି। କିନ୍ତୁ ସରକାର ଏହା ଉପରେ କୌଣସି ପ୍ରତିଶ୍ରୁତି ଦେବାକୁ ମନା କରିଦେଇଛନ୍ତି। ▸ପୃଷ୍ଠା-୧୧

## ସ୍ୱର ଶାଣିତ କରିବ ବିଜେଡି

■ ଭୁବନେଶ୍ୱର, ୩୦।୧୧ (ସମିସ): ଆସନ୍ତାକାଲି ଠାରୁ ଆରମ୍ଭ ହେଉଥିବା ସଂସଦର ଶୀତକାଳୀନ ଅଧିବେଶନରେ ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ଏକାଧିକ ପ୍ରସଙ୍ଗକୁ ଦୃଢ଼ ସ୍ୱରରେ ଉପସ୍ଥାପନ କରିବ ବିଜେଡି। ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତି, ବୃଦ୍ଧି ପାଉଥିବା ମହିଳା ଓ ଶିଶୁ ବିରୋଧୀ ହିଂସା, ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବି, କୋଇଲା ରାଜଭାଗରେ ସଂଶୋଧନ ପରି ପ୍ରସଙ୍ଗକୁ ବିଜେଡି ଦୃଢ଼ତାର ସହ ଉତ୍ଥାପନ କରିବ। ଅଧିବେଶନରେ ନୂଆପଡ଼ା ଉପନିର୍ବାଚନରେ କିପରି ପ୍ରବଳ ଜାଲିଆତି ହୋଇଛି, ସେନେଇ ମଧ୍ୟ ବିଜେଡି ଗୃହରେ ▸ପୃଷ୍ଠା-୧୧


# ଆଡ଼ବାୟା ପ୍ରଶାସନ

## ଭଡ଼ା ଘରେ ଅଙ୍ଗନବାଡ଼ି, ନିର୍ମାଣ ହେବ ପାଚେରୀ !

■ ଭୁବନେଶ୍ୱର, ୨୯।୧୧ (ସମିସ): ଅଙ୍ଗନବାଡ଼ି ଶିଶୁଙ୍କୁ ବୁଲା କୁକୁର ଓ ଗାଇ ଗୋରୁ ଆକ୍ରମଣ ଭୟ ରହୁଛି। ଏହିକ୍ରମରେ ଆସନ୍ତା ଡିସେମ୍ବର ୩୧ ସୁଦ୍ଧା ସବୁ ଅଙ୍ଗନବାଡି କେନ୍ଦ୍ରରେ ପାଚେରୀ ଓ ଫାଟକ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ ସବୁ ଜିଲ୍ଲାପାଳଙ୍କୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ମହିଳା ଓ ଶିଶୁ ବିକାଶ ବିଭାଗ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଲେଖିଛି। ମାତ୍ର ବିଡ଼ମ୍ବନା ହେଉଛି ରାଜ୍ୟରେ ୨୦୧୫୦ ଅଙ୍ଗନବାଡ଼ି କେନ୍ଦ୍ରର ନିଜସ୍ୱ ଘର ନାହିଁ; ଏପରିକି ଘର ପାଇଁ ଜମି ଆବଣ୍ଟନ ହୋଇନାହିଁ। ଅଧିକାଂଶ ସ୍ଥାନରେ ନିଜସ୍ୱ ଘର ଅଭାବରୁ ଭଡ଼ାଘର, ନିକଟସ୍ଥ ସ୍କୁଲ ବା ସାଧାରଣ ଲୋକଙ୍କ ଦୟାରେ ଅଙ୍ଗନବାଡ଼ି କେନ୍ଦ୍ର ଚାଲୁଛି। ଏଠାରେ କିପରି ପାଚେରୀ ନିର୍ମାଣ କରାଯାଇ ଫାଟକ ଲଗାଯିବ ତାହାକୁ ନେଇ ପ୍ରଶ୍ନ ଉଠିଛି। କିଛିଦିନ ତଳେ ବୁଲା ଗାଇଗୋରୁ ଓ ▸ପୃଷ୍ଠା-୧୧

- ୨୦୧୫୦ ଅଙ୍ଗନବାଡି କେନ୍ଦ୍ରର ନାହିଁ ନିଜସ୍ୱ ଘର
- ମାସକରେ କେମିତି କାର୍ଯ୍ୟକାରୀ ହେବ ନିର୍ଦ୍ଦେଶ

# ଆଜି ଦୌଡ଼ିବ ଓଡ଼ିଶା



- 'ସକାଳ'ର ୫ମ ସ୍ୱନକ୍ଷତ୍ର ଅବସରରେ ୫ ସ୍ଥାନରେ ମିନି ମାରାଥନ୍
- ରାଜ୍ୟସ୍ତରୀୟ ବିତର୍କରେ ଭାଗନେବେ ୩୦ ଜିଲ୍ଲାର ଶ୍ରେଷ୍ଠ ପ୍ରତିଯୋଗୀ

■ ଭୁବନେଶ୍ୱର, ୩୦।୧୧ (ସମିସ): ଦୈନିକ ଓଡ଼ିଆ ସମ୍ବାଦପତ୍ର 'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଦିବସ ଅବସରରେ 'ସକାଳ' ଓ 'ନନ୍ଦିଘୋଷ ଟିଭି' ପକ୍ଷରୁ ସୋମବାର ରାଜ୍ୟର ୫ଟି ସହରରେ ଅନୁଷ୍ଠିତ ହେବ 'ମିନି ମାରାଥନ'। ଭୁବନେଶ୍ୱର, ବାଲେଶ୍ୱର, ସମ୍ବଲପୁର, ଜୟପୁର ଏବଂ ରାଉରକେଲାରେ ମାରାଥନ ନିମନ୍ତେ ସକାଳ ୫ଟାରୁ ପଞ୍ଜୀକରଣ ହେବ ଓ ସକାଳ ୬ଟାରେ ମିନି ମାରାଥନକୁ ବିଶିଷ୍ଟ ଅତିଥିମାନେ ପତାକା ହଲାଇ ଉଦ୍‌ଘାଟନ କରିବେ। ଉଦ୍‌ଯାପନ ଉତ୍ସବରେ କୃତୀ ▸ପୃଷ୍ଠା-୧୧





INDIA'S FIRST 5 YEAR WARRANTY* *Conditions apply

TOLL FREE 1800 266 0018

Additional Offers on Flipkart amazon.in

Hero MotoCorp Ltd, Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC0173541. For further information, contact your nearest Hero MotoCorp authorised outlet or CALL TOLL-FREE 1800 266 0018 or visit us on www.heromotocorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. As per cumulative dispatch numbers till August 2025. ^Finance offers are at the sole discretion of the financier, subject to its respective T&Cs. Hero MotoCorp reserves the rights to modify or withdraw any or all the offers without prior notice. *Ex-showroom prices are applicable in Odisha.

LOW ROI 4.99%^ PER DAY EMI ₹69^

**Authorized Dealers: Bhubaneswar:** Rohan Hero - 9289922474, Bharat Hero - 9289922180, Arundhati Hero - 9289923183, DD Hero - 9439650824, **Jatni:** Vishal Hero - 9289922984, **Nayagarh:** Bhagabati Hero - 9289922687, **Puri:** Sanjib Hero - 9289923107, **Authorized HeroSure Dealers: Bhubaneshwar:** Arundhati Motobikes - 7682841658, **Associate Dealers: Nimapara:** Basudev Automobiles - 9861020724, **Pipili:** Shri Ram Motors - 9437110789, **Balugaon:** Mahamayee Motors - 9437004624, **Khurdha:** Dinesh Trading Co. - 9778097876, **Sakhigopal:** Sai Motors - 9439765820, **Begunia:** Rashmi Automobiles - 9178316145, **Balipatna:** Jagannath Motors - 7064309702, **Chandpur:** Apsara - 9861418161, **Banamalipur:** Duladei Motors - 7735425890, **Sunderpada:** Basudev Motors - 6371525029, **Nakhra:** S.G. Automobiles - 9778779778.

RS/Hero/11/25

# ଅଟକିଲା ସୀତା ବିବାହ; ଦୁର୍ଘଟଣାରେ କର୍ତ୍ତା ମୃତ

ଗୋପ,୩୦।୧୧(ସମିସ): ଅଧାରେ ଅଟକିଲା ରାମଚରିତ ମାନସର ସୀତା ବିବାହ। ରାମଚରିତ ମାନସ କାର୍ଯ୍ୟକ୍ରମର କର୍ତ୍ତା ହୋଇଥିବା ଯୋଗେନ୍ଦ୍ର ସେନାପତି (୫୦)ଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିବା ପରେ ୯ ଦିନ ଧରି ଚାଲିବାକୁଥିବା ଏହି କାର୍ଯ୍ୟକ୍ରମ ୩ ଦିନରେ ବନ୍ଦ ହୋଇଯାଇଥିବା ଜଣାପଡ଼ିଛି। ପ୍ରକାଶ ଯେ, ପ୍ରତିବର୍ଷ ପରି ଚଳିତ ବର୍ଷ ଗୋପ ପଞ୍ଚାୟତ ଅନ୍ତର୍ଗତ ବାୟାକୁଦା ଗ୍ରାମରେ ଲକ୍ଷ୍ମୀପୂଜା କମିଟି ପକ୍ଷରୁ ୯ମ ରାମଚରିତ ମାନସ କାର୍ଯ୍ୟକ୍ରମ ୨୮ ତାରିଖ ଦିନ ଆରମ୍ଭ ହେବା ପରେ ସନ୍ଧ୍ୟାରେ ପ୍ରବଚକ ଅଧ୍ୟାପକ ସନ୍ତୋଷ କୁମାର ସାହୁଙ୍କ ଦ୍ୱାରା ପ୍ରବଚନ ହୋଇଥିଲା। ଏହି ରାମଚରିତ ମାନସ ଦୀର୍ଘ ୯ ଦିନ ବ୍ୟାପୀ ଚାଲିଥା'ନ୍ତା। ରବିବାର ସନ୍ଧ୍ୟାରେ ରାମଚରିତ ମାନସ କାର୍ଯ୍ୟକ୍ରମରେ ସୀତା ବିବାହ ଥିବାରୁ କର୍ତ୍ତା ହୋଇଥିବା ଯୋଗେନ୍ଦ୍ର ସେନାପତି ତାଙ୍କ ବାଇକ୍ ଯୋଗେ ବାଣ ଆଣିବାକୁ ଚାରିଛକ ଯାଉଥିଲେ। ଗୋପ-ଚାରିଛକ ରାସ୍ତାର ଚାରିଛକ ନିକଟସ୍ଥ ଅନ୍ନପୂର୍ଣ୍ଣା ବିଦ୍ୟାଳୟ ନିକଟରେ ଅପର ପାର୍ଶ୍ୱରୁ ଦ୍ରୁତଗତିରେ ଆସୁଥିବା ବୋଲେରୋ ଗାଡ଼ି ସମ୍ମୁଖରୁ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ବାଇକ୍ ଆରୋହୀ ଗୁରୁତର ଅବସ୍ଥାରେ ରାସ୍ତାରେ ପଡ଼ିଥିଲେ। ସ୍ଥାନୀୟ ପୁଲିସ ଓ କେତେକ ଯୁବକ ବାଇକ୍ ତାଙ୍କୁ ଚାରିଛକ ଡାକ୍ତରଖାନାକୁ ନେବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ଜଣାପଡ଼ିବା ପରେ ଗୋପ ବ୍ଲକ୍ ଅଞ୍ଚଳରେ ଏକ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଥିଲା। ପୁଲିସ ବୋଲେରୋ ଗାଡ଼ିକୁ ଜବତ କରିବା ସହିତ ଚାରିଛକ ଥାନାରେ ଏକ ମାମଲା (୧୫୧/୨୫) ରୁଜୁ ହୋଇଛି। ଏପଟେ ରାମଚରିତ ମାନସ କାର୍ଯ୍ୟକ୍ରମକୁ ସ୍ଥଗିତ କରାଯାଇଥିବାବେଳେ ରାମଚନ୍ଦ୍ର, ଲକ୍ଷ୍ମଣଙ୍କ ସହିତ ମା' ସୀତାଙ୍କ ମୂର୍ତ୍ତିକୁ ବିସର୍ଜନ କରାଯାଇଛି।
















































New
AROGYA HOSPITAL
Provides Best Health Solutions
Regd. No.: 260/2024
Specialist in :
Laproscopic Surgery
Gynaecology Surgery
Orthopaedic Surgery
Knee Replacement
Hip Replacement
Kidney Surgery
Plastic Surgery
ENT Surgery
Ultra Sound, Digital X-ray, Pathology & Pharmacy
Hospital Area, Nayagarh Road, Khordha-752055
7751 0051 00, 7008 8464 94, 7440 1111 31, 7440 1111 41
www.newarogyahospital.com
newarogyakhordha@gmail.com



ଦୈନିକ ଖବରକାଗଜ 'ସକାଳ' ପଂଚମ ସ୍ୱ ନକ୍ଷତ୍ର ଦିବସ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ସମସ୍ତଙ୍କର ସୁଖ, ସମୃଦ୍ଧି କାମନା କରୁଛି। ଚଳିତ ଶିକ୍ଷାବର୍ଷ ୨୦୨୫-୨୬ ରେ ବି. ଏସ୍.ସି ନର୍ସିଂରେ ଆଡ୍‌ମିସନ ପାଇଁ ଏବେ ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ମାନ ଦଣ୍ଡ କୋହଳ କରାଯାଇଛି। ଓଡ଼ିଶା ଯୁଗ୍ମ ପ୍ରବେଶିକାରେ କେବଳ ପରୀକ୍ଷା ଦେଇଥିବା ପ୍ରାର୍ଥୀ ବି.ଏସ୍.ସି. ନର୍ସିଂ କୋର୍ସରେ ନିଜର ନାମ ମୁକ୍ତି କଲେଜ ଅଫ୍ ନର୍ସିଙ୍ଗ, ଗଣେଶ୍ୱରପୁର, ଗୋପ ରେ ଲେଖାଇ ପାରିବେ।
MUKTI COLLEGE OF NURSING
B.Sc. Nursing [4 Years]
Address : Ganeswarpur, Gop, Puri
ଶ୍ରୀଯୁକ୍ତ ଅଶୋକ କୁମାର ନନ୍ଦ
ପ୍ରତିଷ୍ଠାତା, ମୁକ୍ତି ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍, ମାଟିଆଖାଡ, ଗୋପ


ଦୈନିକ ଖବରକାଗଜ 'ସକାଳ' ଚାରିବର୍ଷ ମଧ୍ୟରେ ଓଡ଼ିଶାବାସୀଙ୍କ ପାଖରେ ବେଶ୍ ଆଦୃତ ହୋଇପାରିଛି। 'ସକାଳ' ର ପଂଚମ ସ୍ୱ ନକ୍ଷତ୍ର ଦିବସ ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦ ପଦ୍ମରେ ସମସ୍ତଙ୍କର ସୁଖ, ସମୃଦ୍ଧି କାମନା କରୁଛି। ଏହାର ସଂପାଦକ, ସମସ୍ତ କର୍ମକର୍ତ୍ତା ଓ ସାମ୍ବାଦିକ ବନ୍ଧୁ ଓ ପାଠକ ପାଠିକାମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା ଜଣାଉଛି।
ଶ୍ରୀମତୀ ଝୁନୁ ମଲ୍ଲିକ
ଅଧ୍ୟକ୍ଷା, ଗୋପ ବ୍ଲକ୍,
(ବିଜୁ ଜନତା ଦଳ)


ନିରପେକ୍ଷ ନିର୍ଭିକ ଓ ଜନସାଧାରଣଙ୍କ ଚାହିଦା ମୁତାବକ ଖବର ପ୍ରକାଶ କରି ଚାରି ବର୍ଷ ମଧ୍ୟରେ ଦୈନିକ ଖବରକାଗଜ 'ସକାଳ' ବେଶ୍ ଲୋକପ୍ରିୟତା ଅର୍ଜନ କରିଛି। 'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଦିବସ ଅବସରରେ ଅଗଣିତ ପାଠକ ପାଠିକା, ସାମ୍ବାଦିକ କର୍ମଚାରୀମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା।
ଶ୍ରୀଯୁକ୍ତ ମନ୍ଦୀପ ପାଇକରାୟ
ସମାଜସେବୀ, ଗୋପ ବ୍ଲକ୍


ଦୈନିକ ଲୋକପ୍ରିୟ ଖବରକାଗଜ 'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଦିବସ ଅବସରରେ ସମସ୍ତଙ୍କୁ ଶୁଭେଚ୍ଛା
ଶୁଭେଚ୍ଛା ସହ
ମନୋଜ ରଥ
ସଭାପତି, ଉତ୍କଳ ବିଦ୍ୱତ୍ ପରିଷଦ
(ଧର୍ମ, ସଂସ୍କୃତି ଓ ପରମ୍ପରାର ଜାଗ୍ରତ ପ୍ରହରୀ)
ପୁରୀ ଧାମ, ଓଡ଼ିଶା
ମୋ: ୯୪୩୭୨୩୨୫୨୬, ୯୪୩୭୦୩୭୦୩୨
ଆଧ୍ୟାତ୍ମ ସମ୍ପନ୍ନ ଭାରତ, ସଶକ୍ତ ଭାରତ


ନନ୍ଦିଘୋଷ ହସ୍ପିଟାଲ୍, ଖୋର୍ଦ୍ଧା
ଅଲ୍‌ଟ୍ରାସାଉଣ୍ଡ ସେଣ୍ଟର୍
ସରକାରୀ ଚିକିତ୍ସାଳୟରେ ସମସ୍ତଙ୍କ ପାଇଁ ଦେୟମୁକ୍ତ ସ୍ୱାସ୍ଥ୍ୟ ସେବା
୯୬.୫ ଲକ୍ଷରୁ ଉର୍ଦ୍ଧ୍ୱ ପରିବାରକୁ ବାର୍ଷିକ ୫ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା
ପରିବାରର ମହିଳା ସଦସ୍ୟାଙ୍କ ପାଇଁ ବାର୍ଷିକ ୧୦ ଲକ୍ଷ ଟଙ୍କାର ଚିକିତ୍ସା ସହାୟତା
ଦେଶ ଭିତରେ ପ୍ରାୟ ୭୦୦ ଚିକିତ୍ସାଳୟ ପଞ୍ଜିକୃତ
ନନ୍ଦିଘୋଷ ହସ୍ପିଟାଲ୍
ନୟାଗଡ ରୋଡ୍, ଖୋର୍ଦ୍ଧା ମେଡିକାଲ ଗେଟ୍ ସାମନା, ଖୋର୍ଦ୍ଧା
ଯୋଗାଯୋଗ - ୯୪୩୭୮୦୦୪୨୦, ୯୪୩୭୫୪୬୭୫୪


PRANANATH COLLEGE (AUTONOMOUS)
PRANANATH COLLEGE (AUTONOMOUS)
KHORDHA-752057 (ODISHA)
NAAC Accredited "A' Level
'ସକାଳ'ର ପଞ୍ଚମ ଜନ୍ମୋତ୍ସବ ଅବସରରେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ହାର୍ଦିକ ଅଭିନନ୍ଦନ। ଏହା ଦୀର୍ଘଜିବୀ ହେଉ
(ଡ଼ ବିନ୍ଦୁଶ୍ରୀ ମିଶ୍ର) ଅଧ୍ୟକ୍ଷା,
ପ୍ରାଣନାଥ ମହାବିଦ୍ୟାଳୟ (ସ୍ୱୟଂଶାସିତ)
ଖୋରଧା


ଖୁବ୍ କମ୍ ଦିନରେ ଓଡ଼ିଶାର ଦୈନିକ ଖବରକାଗଜ 'ସକାଳ' ବେଶ୍ ଲୋକପ୍ରିୟତା ହାସଲ କରିପାରିଛି। ଏହାର ପଞ୍ଚମ ସ୍ୱନକ୍ଷତ୍ର ଦିବସ ଅବସରରେ ମହାପ୍ରଭୁଙ୍କ ପାଦପଦ୍ମରେ ପୁରୀବାସୀଙ୍କ ସୁଖ, ସମୃଦ୍ଧି ଓ ନିରାମୟ ଜୀବନ କାମନା କରୁଛି।
ସୁନୀଲ କୁମାର ମହାନ୍ତି
ବିଧାୟକ, ପୁରୀ


www.vedantaaluminium.com
vedanta
transforming for good
ବେଦାନ୍ତ
ଓଡ଼ିଶା ସହ,
ଭାରତ ପାଇଁ
ଆଲୁମିନିୟମ,
ଭବିଷ୍ୟତର ଏକ ରଣନୈତିକ ଏବଂ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ଯାହା ମହାକାଶ ଅନୁସନ୍ଧାନ ରୁ ନେଇ ସ୍ୱଚ୍ଛ ଶକ୍ତି, ଭିତ୍ତିଭୂମି ଏବଂ ଜାତୀୟ ପ୍ରତିରକ୍ଷା ପର୍ଯ୍ୟନ୍ତ ଭବିଷ୍ୟତର ମୂଳଦୁଆ ନିର୍ମାଣ କରୁଛି।
ଓଡ଼ିଶାର ବକ୍ସାଇଟ୍ ଭାରତର ଭବିଷ୍ୟତ ଗଠନ କରିବ।
ଏହି ସମ୍ଭାବନାକୁ ପୂର୍ଣ୍ଣ ରୂପ ଦେବାରେ ବେଦାନ୍ତ, ସରକାରଙ୍କ ସହିତ ପ୍ରତିଶ୍ରୁତିବଦ୍ଧ।
ଓଡ଼ିଶାର ରୂପାନ୍ତରଣ -
• ଝାରସୁଗୁଡାରେ ବାର୍ଷିକ 18 ଲକ୍ଷ ଟନ୍ କ୍ଷମତା ବିଶିଷ୍ଟ ବିଶ୍ୱର ସର୍ବବୃହତ ଆଲୁମିନିୟମ ସ୍ମେଲ୍ଟର
• ବାର୍ଷିକ 30 ଲକ୍ଷ ଟନ୍ ଗ୍ରୀନଫିଲ୍ଡ ଇଣ୍ଟିଗ୍ରେଟେଡ୍ ଆଲୁମିନିୟମ୍ କମ୍ପ୍ଲେକ୍ସ ପାଇଁ 1 ଲକ୍ଷ କୋଟି ଟଙ୍କାର ନୂତନ ପୁଞ୍ଜିନିବେଶ
• ପ୍ରସ୍ତାବିତ ଆଲୁମିନିୟମ ପାର୍କରେ 500 ରୁ ଅଧିକ ଅନୁଗାମୀ ଶିଳ୍ପକୁ କଞ୍ଚାମାଲ ଏବଂ ବିଦ୍ୟୁତ୍ ଯୋଗାଣ
• ବାର୍ଷିକ 50 ଲକ୍ଷ ଟନ୍ କ୍ଷମତା ବିଶିଷ୍ଟ ଏକ ଅତ୍ୟାଧୁନିକ ଆଲୁମିନା ରିଫାଇନାରୀ ମାଧ୍ୟମରେ କଳାହାଣ୍ଡିର ବିକାଶକୁ ସୁଦୃଢ଼ କରୁଛୁ
ଓଡ଼ିଶାରେ 1 ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜିନିବେଶ
ପ୍ରତିଷ୍ଠା ପରଠାରୁ ଓଡ଼ିଶାରେ 5 ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି
20,000 ରୁ ଅଧିକ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପାଇଁ ସୁଯୋଗ ସୃଷ୍ଟି
ଦେଶ୍ କୀ ଜରୁରତୋ କେ ଲିୟେ


EVOS
ALCHEMY
PATIA, RAGHUNATHPUR
evos
SPREADING LOVE
ODISHA'S TALLEST & LARGEST LANDMARK
*T&C apply
Artistic Impression
Luxurious 3, 3+S & 4+S Bedded Residences
₹1.95 Cr Onwards*
6.9 ACRE AREA | 4 TOWERS | 42/43 STOREYS | MORE THAN 70% OPEN SPACE
Raghunathpur, Nandankanan Road, Bhubaneswar
ORERA RP/19/2023/01077 | rera.odisha.gov.in
9776-099-997
www.evosalchemy.com

# ବିଭାଗୀୟ ନିର୍ଦ୍ଦେଶକୁ ଅବମାନନା; ଶିକ୍ଷୟିତ୍ରୀ ନିଲମ୍ବିତ

**ପୁରୀ,୩୦।୧୧(ସମିସ):** ଗୋପ ଶିକ୍ଷା ମଣ୍ଡଳ ତଥା କୋଣାର୍କ ଏନ୍ଏସିର ୫ ନମ୍ବର ୱାର୍ଡ ଅନ୍ତର୍ଗତ ଡାଲିମ୍ବଗୋରଡ଼ା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ନେହମୟୀ ସ୍ୱାଇଁ ବିଭାଗୀୟ ନିର୍ଦ୍ଦେଶକୁ ଅବମାନନା କରିବାରୁ ତାଙ୍କୁ ନିଲମ୍ବନ କରାଯାଇଛି। ଗୋପ ବିଇଓ ପ୍ରମୋଦ କୁମାର କର ଏହି ସୂଚନା ଦେଇଛନ୍ତି।

ଶିକ୍ଷୟିତ୍ରୀ ଶ୍ରୀମତୀ ସ୍ୱାଇଁ ୨୦୨୪ ଅକ୍ଟୋବର ୨୯ ତାରିଖରେ ଡାଲିମ୍ବଗୋରଡ଼ା ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ଏହି ଦାୟିତ୍ୱ ନେବା ପରଠାରୁ ଛାତ୍ରଛାତ୍ରୀଙ୍କୁ ନିମ୍ନମାନର ମଧ୍ୟାହ୍ନଭୋଜନ ଦେବା, ଅଧିକ ଉପସ୍ଥାନ ଦର୍ଶାଇ ମଧ୍ୟାହ୍ନଭୋଜନ ସାମଗ୍ରୀ ହଡ଼ପ କରିବା, ସ୍କୁଲ ପରିଚାଳନା କମିଟି ସଦସ୍ୟଙ୍କୁ ଗୁରୁତ୍ୱ ନ ଦେବା, ପାଚିକା ନିଯୁକ୍ତିରେ ଅନିୟମିତତା କରିବା, ସରକାରୀ ଅନୁଦାନ ହଡ଼ପ କରିବା ଆଦି ଅଭିଯୋଗ ଅଭିଭାବକମାନେ ପୁରୀ ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ବାରମ୍ବାର କରି ଆସୁଥିଲେ। ଏହି ଅଭିଯୋଗ ଆଧାରରେ ଗତ ମାର୍ଚ୍ଚ ୧୮ ଓ ଅଗଷ୍ଟ ୭ ତାରିଖରେ ଦୁଇଟି ପର୍ଯ୍ୟାୟରେ ଗୋପ ବିଇଓଙ୍କ ପକ୍ଷରୁ ପୃଥକ୍ ପୃଥକ୍ ଭାବେ ଦୁଇଜଣିଆ ତଦନ୍ତ କମିଟି ମାଧ୍ୟମରେ ତଦନ୍ତ କରାଯାଇଥିଲା। ଅଭିଯୋଗର ସତ୍ୟତାକୁ ଭିତ୍ତିକରି ଗୋପ ବିଇଓ ଶ୍ରୀ କର ସ୍ନେହମୟୀଙ୍କ ବିରୋଧରେ ବିଭାଗୀୟ ପ୍ରୋସିଡିଂ କରିବା ସହିତ କୈଫିୟତ ତଲବ କରିଥିଲେ। ସ୍ନେହମୟୀ ଏହାର କୌଣସି ଜବାବ ନ ଦେଇ ଗୋପ ବିଇଓ ଏବଂ ପୁରୀ ଡିଇଓଙ୍କ ଉପରେ ରାଜନୈତିକ ଚାପ ପକାଇଥିଲେ। ଗତ ସେପ୍ଟେମ୍ବର ୮ରେ ସ୍ନେହମୟୀଙ୍କୁ ଚନ୍ଦ୍ରଭାଗା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇଥିଲା। କିନ୍ତୁ ସ୍ନେହମୟୀ ବିଭାଗୀୟ ନିର୍ଦ୍ଦେଶକୁ ଅବମାନନା କରି ଛୁଟିରେ ରହିବା ସହିତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ତାଙ୍କ ଅପିଲକୁ ଗତ ଅକ୍ଟୋବର ୧୦ରେ ଖାରଜ କରି ଦେଇଥିଲେ। ଏହାପରେ ଦୀର୍ଘ ୪୫ ଦିନ ବିତିଯାଇଥିଲେ ମଧ୍ୟ ସ୍ନେହମୟୀ ଉପରିସ୍ଥ ଅଧିକାରୀଙ୍କୁ କୌଣସି କୈଫିୟତ ଦେଇ ନ ଥିଲେ କିମ୍ବା ଚନ୍ଦ୍ରଭାଗା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରେ ଯୋଗଦେଇ ନ ଥିଲେ। ବିଭାଗୀୟ ନିର୍ଦ୍ଦେଶକୁ ଅବମାନନା କରି ସେ ଦୀର୍ଘଦିନ ଧରି ଛୁଟିରେ ରହିବା ସହିତ ଏଯାବତ୍ ଡାଲିମ୍ବଗୋରଡ଼ିରେ କାର୍ଯ୍ୟରତ ଏକମାତ୍ର ଶିକ୍ଷୟିତ୍ରୀଙ୍କୁ ବିଦ୍ୟାଳୟର ଦାୟିତ୍ୱ ହସ୍ତାନ୍ତର କରିନାହାନ୍ତି। ଫଳରେ ବିଦ୍ୟାଳୟକୁ ଆସିଥିବା ସରକାରୀ ଅନୁଦାନ ଖର୍ଚ୍ଚ ହୋଇପାରି ନାହିଁ। ଚଳିତ ବର୍ଷ ପିଲାମାନେ ପୋଷାକ ଯୋଗାଣରୁ ବଞ୍ଚିତ ହୋଇଛନ୍ତି। ପୁରୀ ଡିଇଓଙ୍କ ନିର୍ଦ୍ଦେଶକ୍ରମେ ଗତ ୨୫ ତାରିଖରେ ଗୋପ ବିଇଓ ଶ୍ରୀ କର ସ୍ନେହମୟୀଙ୍କୁ ନିଲମ୍ବନ କରିଛନ୍ତି। ଜଣେ ଶିକ୍ଷୟିତ୍ରୀ ଭାବେ ସ୍ନେହମୟୀଙ୍କ ବେଆଇନ କାର୍ଯ୍ୟକଳାପ ସୀମା ଟପିଥିବା ସ୍କୁଲ ପରିଚାଳନା କମିଟି ସଦସ୍ୟ ତଥା ୫ ନମ୍ବର ୱାର୍ଡର କାଉନ୍ସିଲର ନିହାର ରଞ୍ଜନ ବେଉରା ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ଗୋପ ବିଇଓ ଶ୍ରୀ କର କହିଛନ୍ତି, ସ୍ନେହମୟୀଙ୍କ ବିରୋଧରେ ମଧ୍ୟାହ୍ନଭୋଜନ ହଡ଼ପ, ପାଚିକା ନିଯୁକ୍ତିରେ ଅନିୟମିତତା ଭଳି ବହୁ ଅଭିଯୋଗ ଜିଲ୍ଲାପାଳ, ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବିଭିନ୍ନ ପୋର୍ଟାଲରେ କରାଯାଇଛି। ତାଙ୍କ ବିଶୃଙ୍ଖଳାକୁ ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ତାଙ୍କୁ ଅନ୍ୟତ୍ର ବଦଳି କରାଗଲା। ହେଲେ ସେ ନିର୍ଦ୍ଦେଶକୁ ଅବମାନନା କରି ଦୀର୍ଘଦିନ ଛୁଟିରେ ରହିଲେ। ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟ ତାଙ୍କ ଅପିଲକୁ ଖାରଜ କରି ଦେଇଛନ୍ତି। ଏଭଳି ବିଶୃଙ୍ଖଳା ପାଇଁ ବାଧ୍ୟ ହୋଇ ତାଙ୍କୁ ନିଲମ୍ବିତ କରିବାକୁ ପଡ଼ିଲା ବୋଲି ଶ୍ରୀ କର କହିଛନ୍ତି।

# ଜିଲ୍ଲାସ୍ତରୀୟ ଯୁବ ଉତ୍ସବ: ଶ୍ରେଷ୍ଠ ଦଳ ରାଜ୍ୟସ୍ତରକୁ ମନୋନୀତ

**ପୁରୀ,୩୦।୧୧(ସମିସ):** ପୁରୀ ଜିଲ୍ଲାସ୍ତରୀୟ ଯୁବ ଉତ୍ସବ ରବିବାର ଜିଲ୍ଲା ସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଉଦ୍‌ଘାଟନ କରିବା ସହ ଯୁବବର୍ଗଙ୍କ ପ୍ରତିଭାର ଉନ୍ମେଷ ଦିଗରେ ଏହା ଏକ ସୁନ୍ଦର ପଦକ୍ଷେପ ବୋଲି କହିଥିଲେ। ପ୍ରତ୍ୟେକ ପିଲା ମଧ୍ୟରେ କିଛି ନା କିଛି ପ୍ରତିଭା ରହିଛି। ଏହାର ପରିପ୍ରକାଶ ପାଇଁ ଏହିଭଳି ପ୍ଲାଟ୍‌ଫର୍ମ ଉପଯୋଗୀ ସାବ୍ୟସ୍ତ ହୋଇଥାଏ। ପିଲା ଉପରେ ବାପା-ମାଆ ଅଯଥା ଚାପ ନ ଦେଇ ତା' ଆଗ୍ରହର ଶିକ୍ଷାଲାଭ ଦିଗରେ ସହାୟକ ହେଲେ ତାହା ଅଧିକ ଫଳପ୍ରଦ ହେବ ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା କହିଥିଲେ, ବିଭିନ୍ନ ବ୍ଲକ୍ ଓ ସହରାଞ୍ଚଳରୁ ଚୟନ ହୋଇଆସିଥିବା ପ୍ରତିଯୋଗୀଙ୍କ ମଧ୍ୟରୁ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରକୁ ପ୍ରେରଣ କରାଯିବ। ତେଣୁ ସମସ୍ତ ପ୍ରତିଯୋଗୀ ଶ୍ରେଷ୍ଠ ପ୍ରଦର୍ଶନ କରିବାକୁ ସେ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମକୁ ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପରିଚାଳନା କରିଥିବାବେଳେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ସମସ୍ତଙ୍କୁ ସ୍ୱାଗତ ଓ ଯୁବ ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଏନ୍ଏସ୍ଏସ୍ ଅଫିସର ଗୋଲକ ବିହାରୀ ପଲେଇ ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ପ୍ରତିଯୋଗିତା ଆୟୋଜନ ପରେ ଅପରାହ୍ଣରେ ପୁରସ୍କାର ପ୍ରଦାନ କରାଯାଇଥିଲା। କବିତା ରଚନାରେ ପୁରୀ ମ୍ୟୁନିସିପାଲିଟିର ଆର୍ଯ୍ୟମାନ କର ପ୍ରଥମ, ପିପିଲି ଏନ୍ଏସିର ସ୍ୱର୍ଣ୍ଣଲତା ନାୟକ ଦ୍ୱିତୀୟ, ସତ୍ୟବାଦୀ ବ୍ଲକ୍‌ର ବବିତା ବାରିକ ତୃତୀୟ, ଗଳ୍ପ ରଚନାରେ କୋଣାର୍କ ଏନ୍ଏସିର ବୈଶାଖୀ ପ୍ରସାଦ ପ୍ରଥମ, ପୁରୀ ମ୍ୟୁନିସିପାଲିଟିର ଚିନ୍ମୟୀ ପଣ୍ଡା ଦ୍ୱିତୀୟ, ସତ୍ୟବାଦୀ ବ୍ଲକ୍‌ର ବିଶ୍ୱ ସାହୁ ତୃତୀୟ, ବକ୍ତୃତାରେ ବ୍ରହ୍ମଗିରି ବ୍ଲକ୍‌ର ଅକ୍ଷୟ ପରିଡ଼ା ପ୍ରଥମ, ସତ୍ୟବାଦୀ ବ୍ଲକ୍‌ର ଅନ୍ନପୂର୍ଣ୍ଣା ରଥ ଦ୍ୱିତୀୟ, ପିପିଲି ବ୍ଲକ୍‌ର ଜସ୍ମିନ ନୂର ଆଞ୍ଚଲ ତୃତୀୟ, ଚିତ୍ରାଙ୍କନରେ ପୁରୀ ମ୍ୟୁନିସିପାଲିଟିର ଅଭୟ ପଣ୍ଡା ପ୍ରଥମ, ବ୍ରହ୍ମଗିରି ବ୍ଲକ୍‌ର ଦେବଦତ୍ତ ଲେଙ୍କା ଦ୍ୱିତୀୟ ଓ ସତ୍ୟବାଦୀ ବ୍ଲକ୍‌ର ସାଇ ପ୍ରସାଦ ପଟ୍ଟନାୟକ ତୃତୀୟ, ବିଜ୍ଞାନ ପ୍ରଦର୍ଶନୀରେ ବ୍ରହ୍ମଗିରି ବ୍ଲକ୍‌ର ଅଭିପ୍ସା ମହାପାତ୍ର ପ୍ରଥମ, ପିପିଲି ଏନ୍ଏସିର ସେକ୍ ରିଜୱାନ ଦ୍ୱିତୀୟ, ନିମାପଡ଼ା ଏନ୍ଏସିର ଶ୍ରୀକାନ୍ତ ଜେନା ତୃତୀୟ, ଲୋକ ସଙ୍ଗୀତରେ ପିପିଲି ଏନ୍ଏସିର ପୀୟୂଷ ଦାସ ଓ ସାଥି ପ୍ରଥମ, ସତ୍ୟବାଦୀ ବ୍ଲକ୍‌ର ସତ୍ୟରଞ୍ଜନ ଦାଶ ଓ ସାଥି ଦ୍ୱିତୀୟ, ବ୍ରହ୍ମଗିରି ବ୍ଲକ୍‌ର ଅଂଶୁମାନ ମହାନ୍ତି ଓ ସାଥି ତୃତୀୟ ଏବଂ ଲୋକନୃତ୍ୟରେ ପୁରୀ ସଦର ବ୍ଲକ୍‌ର ବର୍ଷା ମହାରଣା ଓ ସାଥି ପ୍ରଥମ, ପୁରୀ ମ୍ୟୁନିସିପାଲିଟିର ସିପ୍ରା ମିଶ୍ର ଓ ସାଥି ଦ୍ୱିତୀୟ ଓ ଡେଲାଙ୍ଗ ବ୍ଲକ୍‌ର ମୌସୁମୀ ବେହେରା ଓ ସାଥି ତୃତୀୟ ସ୍ଥାନ ହାସଲ କରିଥିଲେ। ସମସ୍ତ ବିଜେତା ଦଳକୁ ଟ୍ରଫି, ନଗଦ ଅର୍ଥରାଶି ଓ ସାର୍ଟିଫିକେଟ୍ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲ୍ଲାର ପ୍ରଥମ ହୋଇଥିବା ଦଳଗୁଡ଼ିକ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ଓ ରାଜ୍ୟର ଶ୍ରେଷ୍ଠ ଦଳ ଜାତୀୟସ୍ତର ପାଇଁ ଯୋଗ୍ୟ ହେବେ ବୋଲି ଜିଲ୍ଲା କ୍ରୀଡ଼ା ଅଧିକାରୀ ସୂଚନା ଦେଇଥିଲେ।


# ୪୦ ୟୁନିଟ୍ ରକ୍ତ ସଂଗ୍ରହ

**ପୁରୀ,୩୦।୧୧(ସମିସ):** ପୁରୀ ଜିଲ୍ଲା ଚିକିତ୍ସାଳୟରେ ରକ୍ତ ଅଭାବକୁ ଦୃଷ୍ଟିରେ ରଖି ସଖା ସହାୟ ଓ ସାହିଭାଇ ସଂଗଠନର ଯୁଗ୍ମ ପ୍ରଚେଷ୍ଟାରେ ରାଣୀ ସତୀଭବନରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ୍ ୪୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଏହି ଶିବିରକୁ ପୁରୀ ବ୍ଲଡ୍ ବ୍ୟାଙ୍କର ଅଧିକାରୀ ଓ କର୍ମଚାରୀମାନେ ସଫଳ କରିଥିଲେ। ଶିବିରକୁ ଉଦ୍‌ଘାଟନ କରିଥିଲେ ସଖା ସହାୟର ଅଧ୍ୟକ୍ଷ ଦିବାକର ହାତୀ ଓ ସାହିଭାଇ ସଂଗଠନର କାର୍ଯ୍ୟକାରୀ ଅଧ୍ୟକ୍ଷ ବ୍ରଜବନ୍ଧୁ ମହାରଣା। ପୁରୀ ମେଡିକାଲ ବ୍ଲଡ୍ ବ୍ୟାଙ୍କର ଅଧିକାରୀ ଶିବିରକୁ ପରିଦର୍ଶନ କରି ସଂଗଠନମାନଙ୍କ ଏହି ପ୍ରୟାସକୁ ସ୍ୱାଗତ କରିଥିଲେ। ଶିବିର ଶେଷରେ ସାହିଭାଇର ସମ୍ପାଦକ ଚନ୍ଦ୍ରଶେଖର ମିଶ୍ର ସମସ୍ତ ରକ୍ତଦାତା, ସେବାଦାତା, ବ୍ଲଡ୍ ବ୍ୟାଙ୍କ କର୍ମଚାରୀ ଓ ସ୍ଥାନୀୟଲୋକଙ୍କୁ ଧନ୍ୟବାଦ ଜଣାଇଥିଲେ।

● ଶ୍ରୀମନ୍ଦିରକୁ ନେଇ ବିବାଦୀୟ ଟିପ୍ପଣୀ

# ଶୁଭଙ୍କରଙ୍କ ବିରୋଧରେ ଏତଲା


**ପୁରୀ,୩୦।୧୧(ସମିସ):** ଲୋକପ୍ରିୟ ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍‌ସର ଶୁଭଙ୍କର ମିଶ୍ରାଙ୍କ ପାଇଁ ଅଡୁଆ ବଢ଼ିଛି। ଶ୍ରୀମନ୍ଦିରକୁ ନେଇ ଦେଇଥିବା ବିବାଦୀୟ ଟିପ୍ପଣୀ ଲାଗି ରବିବାର ତାଙ୍କ ବିରୋଧରେ ସିଂହଦ୍ୱାର ଥାନାରେ ଏତଲା ଦିଆଯାଇଛି। ବରିଷ୍ଠ ସେବାୟତ ଗୌରହରି ପ୍ରଧାନ ଶୁଭଙ୍କରଙ୍କ ନାଁରେ ଏହି ଏତଲା ଦେଇଛନ୍ତି। ସୋସିଆଲ ମିଡିଆ ଇନ୍‌ଫ୍ଲୁଏନ୍ସର ଶୁଭଙ୍କର ଶ୍ରୀମନ୍ଦିର ଉପରେ ଦେଇଥିବା ବିବାଦୀୟ ଟିପ୍ପଣୀ ଭକ୍ତ, ଜଗନ୍ନାଥପ୍ରେମୀ ଏବଂ ସେବାୟତଙ୍କୁ ଆଘାତ ଦେଇଛି। ତୁରନ୍ତ ପୁରୀ ପୁଲିସ ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏତଲାରେ ଦର୍ଶାଯାଇଛି। ଏ ସମ୍ପର୍କରେ ପୁରୀ ଏସ୍‌ପି ପ୍ରତୀକ୍ ସିଂ କହିଛନ୍ତି, ସେବାୟତଙ୍କ ପକ୍ଷରୁ ଥାନାରେ ଏକ ଏତଲା ଦିଆଯାଇଛି। ଘଟଣାର ଅଡିଓ, ଭିଡିଓ ସହିତ ଶ୍ରୀମନ୍ଦିର ପ୍ରଶାସନ ସହିତ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ। ଶ୍ରୀମନ୍ଦିର ପ୍ରସଙ୍ଗରେ ଯେଉଁ ବ୍ୟକ୍ତି ଭୁଲ୍ ତଥ୍ୟ ପ୍ରଦାନ କରିଥିବେ ସେମାନଙ୍କ ବିରୋଧରେ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଶୁଭଙ୍କର ନିଜ ପଡ୍‌କାଷ୍ଟରେ କହିଛନ୍ତି ଯେ ଯଦି କୌଣସି ପ୍ରେମୀଯୁଗଳ ଶ୍ରୀମନ୍ଦିର ଯାଆନ୍ତି ତେବେ ସେମାନଙ୍କ ସମ୍ପର୍କ ଭାଙ୍ଗିଯାଏ ବା ସେମାନେ ବିବାହ କରିପାରନ୍ତି ନାହିଁ। କାରଣ ଶ୍ରୀମନ୍ଦିର ଉପରେ ମା' ରାଧାରାଣୀଙ୍କ ଅଭିଶାପ ପଡ଼ିଛି। ମା' ରାଧାରାଣୀ ପ୍ରଭୁ ଜଗନ୍ନାଥ ରୂପରେ ଶ୍ରୀକୃଷ୍ଣଙ୍କୁ ଦର୍ଶନ କରିବାକୁ ଆସିଥିବାବେଳେ ସେବାୟତମାନେ ତାଙ୍କୁ ମନ୍ଦିର ଭିତରକୁ ପ୍ରବେଶ କରିବାକୁ ବାରଣ କରିଥିଲେ। ଆଉ କହିଥିଲେ ମନ୍ଦିର ଭିତରକୁ ଭଗବାନଙ୍କ ପତ୍ନୀଙ୍କୁ ମଧ୍ୟ ଆସିବାର ଅନୁମତି ନାହିଁ। ଏଥିରେ କ୍ରୋଧିତ ହୋଇ ମା' ରାଧାରାଣୀ ଅଭିଶାପ ଦେଇଥିଲେ ଯେ, ଆଜିଠୁ କୌଣସି ଅବିବାହିତ ଯୋଡ଼ି ମନ୍ଦିର ଭିତରକୁ ଆସିଲେ ସେମାନଙ୍କର ସମ୍ପର୍କ ଭାଙ୍ଗିଯିବ ଏବଂ ବିବାହ ହୋଇପାରିବ ନାହିଁ। ଶୁଭଙ୍କରଙ୍କ ଶ୍ରୀମନ୍ଦିର ଓ ମହାପ୍ରଭୁଙ୍କ ପ୍ରତି ଏଭଳି ଭୁଲ୍ ଉପସ୍ଥାପନକୁ ନେଇ ଜଗନ୍ନାଥପ୍ରେମୀ, ଗବେଷକ ଓ ସେବାୟତଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।









GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION,.BALLIGUDA.
No. 4425 //RWDBLG,. Date 28.11.2025

O-1630

Government of Odisha

**1st Corrigendum to the Bid Identification No. Online tender /13/EERWD BLG/ 2025-26**

The tender invited vide Bid Identification No. **Online tender/13/EERWD BLG/ 2025-26** vide T.O. Office Letter No.**4287 dt. 20.11.2025.** Due to unavoidable circumstances, the availability of tender online for bidding is from **01.12.2025 at 10.00A.M.** to **08.12.2025** upto **5.00P.M.** Instead of **25.11.2025** at 10.00AM to **02.12.2025** up to 5.00 P.M. **Opening Dt.09.12.2025.**

The other terms and conditions are remained unchanged.

**Further details , corrigendum(s) etc can be seen from the e-procurement portal "https:// www.tendersorissa.gov.in"**

Executive Engineer
R.W. Division, Balliguda

OIPR-25164/11/0020/2526

---

GOVERNMENT OF ODISHA
OFFICE OF THE SUPERINTENDING ENGINEER,
PUBLIC HEALTH DIVISION, BALANGIR.
Email. ID – eephbgr@yahoo.co.in, Ph. No – (06652 – 234647)

C-1568

**NOTICE INVITING TENDERS**
**NATIONAL COMPETITIVE BIDDING THROUGH e-Procurement**
**Bid Identification No. ACEPHBGR 13 /2025-26 Dt. 20.11.2025**

| | | | |
|---|---|---|---|
| 01. | Name of the Work | : | 10 No. |
| 02. | Estimated Cost | : | Approx Rs.5.78 Lakhs to 66.55 Lakh |
| 03. | Period of Completion | : | 02 Months to 04 Months |
| 04. | Date & Time of availability of bid document in the portal | : | From 11.00 AM of dt. 29.11.2025 to **5.00 PM of** dt. 15.12.2025 |
| 05. | Last date / time of receipt of bids in the portal | : | 5 PM of dt. 15.12.2025 |
| 06. | Date & Time of opening of bids | : | At 11.00 AM of dt. 16.12.2025 |
| 07. | Name and Address of the Officer Inviting Bid | : | **The Superintending Engineer<br>Office Of The Superintending Engineer<br>Public Health Division, Balangir<br>At-Tulasinagar, Po/Dist-Balangir<br>Pin-767001, Odisha, Phone:-06652-234647<br>E-mail:-eephbgr@yahoo.co.in** |

**Further details can be seen from the web site https://tenders.ori.nic.in or www.tendersodisha.gov.in**

OIPR-13005/11/0046/2526

Addl. Chief Engineer
P.H. Division, Balangir

---

## ପୌରପରିଷଦ କାର୍ଯ୍ୟାଳୟ, ଜଗତସିଂହପୁର
## ଜଗତସିଂହପୁର ସହରବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

**ନିବେଦନ**

- ପାଇଖାନା ଟାଙ୍କି ସଫା କରିବା ପାଇଁ ପୌରପରିଷଦର ଏକ ସେସ୍‌ପୋଲ ଗାଡି ରହିଛି ଟୋଲ ଫି ନଂ ୧୪୪୨୦ ରେ ଯୋଗାଯୋଗକରି ଏହି ସେବାର ସଠିକ ବିନିଯୋଗ କରନ୍ତୁ ଏବଂ ସୁସ୍ଥ ରୁହନ୍ତୁ ।
- ପରିଷଦର ଦେୟ ନିର୍ଦ୍ଧାରିତ ସମୟରେ ପଇଠ କରନ୍ତୁ ।
- ସରକାରୀ ତଥା ପୌରପରିଷଦ ଜମି ଓ ଡ୍ରେନକୁ ବେଆଇନଭାବେ ଅବରୋଧ କରନ୍ତୁ ନାହିଁ ।
- ଅଳିଆ ଆବର୍ଜନାକୁ ଏଣେତେଣେ ନ ପକାଇ ପୌରପରିଷଦର ବେଟ୍ରିଚାଳିତ ଗାଡିରେ ଦୈନନ୍ଦିନ ଦିଅନ୍ତୁ ।
- କାର୍ଯ୍ୟରତ ପରିମଳ କର୍ମଚାରୀଙ୍କୁ ଆପଣଙ୍କ ପରିବେଶ ପପରିଷ୍କାର ନିମନ୍ତେ ସହଯୋଗ କରନ୍ତୁ ।
- ପୌରାଞ୍ଚଳର ନୂତନ ଗୃହ ନିର୍ମାଣ କରିବା ପୂର୍ବରୁ **online** ମାଧ୍ୟମରେ **www.sujog.odisha.gov.in portal** ରେ ଆବେଦନକରି ପୌରପରିଷଦରୁ ଅନୁମତି ନିଅନ୍ତୁ ।
- ପଲିଥିନ ବର୍ଜନ କରନ୍ତୁ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତୁ ।
- ଅଦରକାରୀ ଇଲୋକ୍ଟ୍ରୋନିକ୍ସ ବର୍ଜ୍ୟବସ୍ତୁକୁ ଏଣେତେଣେ ନପକାଇ ପ୍ରତ୍ୟେକ ଶନିବାର ଦିନ ପୌରପରିଷଦ ଗାଡିରେ ଦିଅନ୍ତୁ ।
- ଛୋଟ/ ବଡ ପ୍ରତ୍ୟେକ ବ୍ୟବସାୟ ପ୍ରତିଷ୍ଠାନ ସେମାନଙ୍କର ବ୍ୟବସାୟର ପ୍ରମାଣ ପତ୍ର **online** ମାଧ୍ୟମରେ **www.sujog.odisha.gov.in portal** ରେ ଆବେଦନ କରି ପୌରପରିଷଦରୁ ଟ୍ରେଡ ଲାଇସେନ୍ସ କରାଇ ନିଅନ୍ତୁ ।
- ଜଗତସିଂହପୁର ସହରକୁ ସ୍ୱଚ୍ଛ ଏବଂ ସୁସ୍ଥ କରିବା ପାଇଁ ଆପଣଙ୍କ ସହଯୋଗ ଏକାନ୍ତ କାମ୍ୟ ।

| ଶ୍ରୀମତୀ ସୀମା ଜେନା | ଶ୍ରୀଯୁକ୍ତ ରାଜେନ୍ଦ୍ର କୁମାର ବିଶୋଇ | ଶ୍ରୀମତୀ ଅର୍ଚ୍ଚନା ସିଂହ |
|---|---|---|
| ନିର୍ବାହୀ ଅଧିକାରୀ ପୌରପରିଷଦ, ଜଗତସିଂହପୁର | ଉପାଧ୍ୟକ୍ଷ ଏବଂ ସମସ୍ତ ପାରିଷଦ ବୃନ୍ଦ ପୌରପରିଷଦ, ଜଗତସିଂହପୁର | ଅଧ୍ୟକ୍ଷା ପୌରପରିଷଦ, ଜଗତସିଂହପୁର |

---

## ଖୋର୍ଦ୍ଧା ଜିଲ୍ଲାରେ ୨୦୨୫-୨୬ (ରବି) ଆଳୁ ଚାଷ ନିମନ୍ତେ ବିଶେଷ ସୂଚନା

ଏତଦ୍ୱାରା ଖୋର୍ଦ୍ଧା ଉପଖଣ୍ଡ ଅନ୍ତର୍ଗତ ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କୁ ଅବଗତ କରାଯାଉଛି ଯେ, ଚଳିତ ରବି ଋତୁରେ ଆଳୁ ଚାଷ ପାଇଁ ଉନ୍ନତ କିସମର ବିହନ କୁଫ୍ରି ଜ୍ୟୋତି । କୁଫ୍ରି ପୋଖରାଜ । କୁଫ୍ରି ଖ୍ୟାତି । ନଭେମ୍ବର ମାସ ୧୪ ତାରିଖ ପରଠାରୁ ବର୍ତ୍ତମାନ ବିଭିନ୍ନ ବ୍ଲକସ୍ଥିତ ସହକାରୀ ଉଦ୍ୟାନକୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଉପଲବ୍ଧ ହେଉଅଛି । ଉନ୍ନତ ଆଳୁ ବିହନର ଦାମ କିଲୋ ପ୍ରତି ଟ.୪୨.୨୪ ଥିବାବେଳେ ଚାଷୀଙ୍କୁ କିଲୋପ୍ରତି ଟ. ୨୦.୦୦ ଦାଖଲ କରିବାକୁ ପଡ଼ିବ ଏବଂ ଚାଷୀ ଆଳୁ ଲଗାଇବା ସମୟର ଜିଓ ଟ୍ୟାଗ୍ ଫଟୋ ଦାଖଲ ହେବା ପରେ ଉକ୍ତ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟ କୁ କିଲୋପ୍ରତି ଟ.୧୦.୦୦ ହିସାବରେ ଅନୁଦାନ ରାଶି ଫେରସ୍ତ ଦିଆଯିବ । ହେକ୍ଟର ପ୍ରତି ୧୫ କୁଇଣ୍ଟାଲ୍ ଆଳୁ ମଞ୍ଜିର ଆବଶ୍ୟକତା ରହିଥିବାବେଳେ ଜଣକୁ ସର୍ବନିମ୍ନ ୦.୧ ହେକ୍ଟର ପାଇଁ ୧୫୦ କିଗ୍ରା ଓ ସର୍ବୋଚ୍ଚ ୦.୫ ହେକ୍ଟର ପାଇଁ ୭୫୦ କିଗ୍ରା ଆଳୁ ବିହନ ମିଳିବ । ଆଳୁ ବିହନକୁ ଗଜା କରି ଓ ବିଶୋଧନ କରି ଲଗାଇବା ଆବଶ୍ୟକ ।

ଅମଳ ପରବର୍ତ୍ତୀ ପରିଚାଳନା ଅନ୍ତରଗତ ଆଳୁ ଅମଳ ପରେ ସୁଲଭ ଦରରେ ଖୋର୍ଦ୍ଧା ଜିଲ୍ଲାରେ ଥିବା ଶୀତଳ ଭଣ୍ଡାର ମାନଙ୍କରେ ଚାଷୀ ମାନେ ଆଳୁ କୁ ସାଇତି ରଖିପାରିବାର ବ୍ୟବସ୍ଥା ରହିଅଛି ।

ଆଳୁ ଚାଷ କରିବା ପାଇଁ ଇଚ୍ଛୁକ ଚାଷୀଭାଇ ମାନେ ସେମାନଙ୍କ ଆଧାର, ଜମିପଟ୍ଟା, ବ୍ୟାଙ୍କ ଜମାଖାତାର ନକଲ ଏବଂ ପାସପୋର୍ଟ ଫଟୋ ସହିତ ଆଳୁ ବିହନ ବାବଦରେ ଧାର୍ଯ୍ୟ ମୂଲ୍ୟ ଯଥାଶୀଘ୍ର ବ୍ଲକ୍‌ସ୍ତରୀୟ ଉଦ୍ୟାନକୃଷି କାର୍ଯ୍ୟାଳୟରେ ଦାଖଲ କରିବାକୁ ଅନୁରୋଧ ।

ସୌଜନ୍ୟ
ସହକାରୀ ଉଦ୍ୟାନକୃଷି ନିର୍ଦ୍ଦେଶକ, ଖୋର୍ଦ୍ଧା

---

## ପାରାଦ୍ୱୀପ ପୌର ପରିଷଦ, ପାରାଦ୍ୱୀପ

- ମ୍ୟୁନିସିପାଲିଟିର ଦେୟ ତଥା ଘର ଟିକସ, ଲାଇସେନ୍ସ ଫିସ୍ ଏବଂ ଦୋକାନ ଗୃହ ଭଡା ଠିକ ସମୟରେ ପଇଠ କରନ୍ତୁ ।
- ଘରର ଅଳିଆ ଆବର୍ଜନା ଏଣେ ତେଣେ ନ ପକାଇ ନିଜ ଘରେ ଶୁଖିଲା ଓ ଓଦା ଅଳିଆକୁ ଅଲଗା ଅଲଗା କରି ରଖନ୍ତୁ ଏବଂ ପୌର ପାଳିକା ଦ୍ୱାରା ପରିଚାଳିତ ଗାଡିକୁ ଦିଅନ୍ତୁ ।
- ଶୌଚାଳୟ ବ୍ୟବହାର କରନ୍ତୁ । ବାହାରେ ମଳତ୍ୟାଗ କରନ୍ତୁ ନାହିଁ ।
- ଗୋରୁ ଗାଈ, ଘୁଷୁରୀଙ୍କୁ ରାସ୍ତାରେ ଛାଡରୁ ନାହିଁ । ନିଜ ଦାୟିତ୍ୱରେ ରଖନ୍ତୁ । ନଚେତ ଆଇନାନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।
- ଯଦି କୌଣସି ବ୍ୟକ୍ତି ବା ସଂଗଠନ ସ୍ୱେଚ୍ଛାକୃତ ଭାବେ ତାଙ୍କ ଅଞ୍ଚଳରେ ବସ୍ତି ସଫେଇ ଓ ବୃକ୍ଷ ରୋପଣ ଆଦି କାର୍ଯ୍ୟ କରିବାକୁ ଚାହାନ୍ତି, ତାଙ୍କୁ ପୌର ପରିଷଦ ତରଫରୁ ସମସ୍ତ ସହଯୋଗ ସହ ପୁରସ୍କୃତ କରାଯିବ ।
- ପଲିଥିନ୍ ଓ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର ନିଷେଧ ଆମର ଲକ୍ଷ୍ୟ । ପରିବେଶ ସୁରକ୍ଷା ପାଇଁ ଏଗୁଡିକୁ ବ୍ୟବହାର କରନ୍ତୁ ନାହିଁ ।
- ଡେଙ୍ଗୁ, ଡାଇରିଆ ଓ ମେଲେରିଆ ଜ୍ୱର ପ୍ରତି ଆତଙ୍କିତ ହୁଅନ୍ତୁ ନାହିଁ । ଲକ୍ଷଣ ଦେଖିବା ମାତ୍ରେ ନିକଟସ୍ଥ ସ୍ୱାସ୍ଥ୍ୟ କର୍ମୀ କିମ୍ବା ଡାକ୍ତରଖାନାରେ ପରାମର୍ଶ କରି ରୋଗ ଚିହ୍ନଟ ଓ ପ୍ରତିକାର ବ୍ୟବସ୍ଥା କରନ୍ତୁ ।

| ଶ୍ରୀଯୁକ୍ତ ଅଭିଷେକ ପଣ୍ଡା | ଶ୍ରୀମତୀ ଛବିଲତା ରାଉତ | ଶ୍ରୀଯୁକ୍ତ ବସନ୍ତ ବିଶ୍ୱାଳ |
|---|---|---|
| ନିର୍ବାହୀ ଅଧିକାରୀ | ଉପାଧକ୍ଷା | ଅଧକ୍ଷ |
| ପାରାଦ୍ୱୀପ ପୌର ପରିଷଦ | ପାରାଦ୍ୱୀପ ପୌର ପରିଷଦ | ପାରାଦ୍ୱୀପ ପୌର ପରିଷଦ |

---

### ବିଜ୍ଞାପିତ ଅଂଚଳ ପରିଷଦ, ପୋଲସରା, ଗଂଜାମ

୧. ପରିଷଦର ଦେୟ ଯଥା ହୋଲଡିଂଟିକସ, ଦୋକାନଗୃହ ଟିକସ ଓ ୟୁଜର ଫି ଠିକ ସମୟରେ ପୈଠ କରନ୍ତୁ । ନକ୍ସା ଅନୁମୋଦନ କରି ନୂତନ ଓ ପୁରାତନ ଗୃହ ନିର୍ମାଣ କରନ୍ତୁ । ବିନା ଲାଇସେନ୍ସ ରେ କୌଣସି ବ୍ୟବସାୟ କରନ୍ତୁ ନାହିଁ ।

୨. ନିଜ ଘରର ଅଳିଆ ଓଦା ଓ ଶୃଙ୍ଖଳା ରୂପରେ ପରିଷଦର ସଫେଇ ଗାଡ଼ିରେ ଦିଅନ୍ତୁ । ନିଜର ପାଇଖାନା ଟାଙ୍କି ପ୍ରତି ତିନି ବର୍ଷରେ ସେସପୁଲ ଗାଡି ଦ୍ୱାରା ସଫା କରନ୍ତୁ ।ରାସ୍ତା ଉପରେ ଅଳିଆ ଫିଙ୍ଗନ୍ତୁ ନାହିଁ ଏବଂ ଗୃହ ପାଳିତ ପଶୁ ଛାଡ଼ନ୍ତୁ ନାହିଁ । ସର୍ବସାଧାରଣ ସ୍ଥାନରେ ମଳତ୍ୟାଗ ନକରି ପାଇଖାନା ବ୍ୟବହାର କରନ୍ତୁ । ପଲିଥିନ, ସିଙ୍ଗଲ ୟୁଜ ପ୍ଲାଷ୍ଟିକର ବ୍ୟବହାରରୁ ଦୁରେଇ ରୁହନ୍ତୁ ।

୩. ସହରକୁ ପ୍ଲାଷ୍ଟିକ ମୁକ୍ତ କରନ୍ତୁ ଓ ପରିବେଶ ସୁରକ୍ଷା ସହିତ ସହରକୁ ସବୁଜ ସୁନ୍ଦର କରିବା ନିମନ୍ତେ ବୃକ୍ଷ ରୋପଣ କରନ୍ତୁ । ବଗିଚାରେ ପରିଷଦ ଦ୍ୱାରା ପ୍ରସ୍ତୁତ " ମୋ ଖତ" ବ୍ୟବହାର କରନ୍ତୁ ।

୪ .ଟ୍ରେଡ଼ ଲାଇସେନ୍ସ କରି ବ୍ୟବସାୟ କରନ୍ତୁ ଓ ପ୍ରତି ବର୍ଷ ନବୀକରଣ କରାଇ ନିଅନ୍ତୁ । ଦୋକାନ ସାଇନ ବୋର୍ଡ ୭୦% ଓଡ଼ିଆରେ ଲେଖିବା ବାଧ୍ୟତା ମୂଳକ ଅଟେ ।ଡ୍ରେନ ଅବରୋଧ କରି ତା ଉପରେ କୌଣସି ବ୍ୟବସାୟ କରନ୍ତୁ ନାହିଁ ।

| କୈଳାଶ ଚନ୍ଦ୍ର ଜେନା | ସନ୍ତୋଷ କୁମାର ବେହେରା | ସଙ୍ଗିତା ବେହେରା |
|---|---|---|
| କାର୍ଯ୍ୟନିର୍ବାହୀ ଅଧିକାରୀ | ଉପାଧକ୍ଷ | ଅଧକ୍ଷା |

---

GOVERNMENT OF ODISHA
OFFICE OF THE EXECUTIVE ENGINEER
RURAL WORKS DIVISION, JEYPORE

O-1592

e-Procurement for Building works
**Bid Identification No: EERWJYP – Online -07/2025-26**

| | | |
|---|---|---|
| 01. | Name of the work | :: Building works |
| 02. | Total Number of works | :: 06 (Six) Nos. |
| 03. | Approximate Estimated cost | :: Rs. 4.98 Lakhs to Rs. 1.99 lakhs (approximately) |
| 04. | Class of Contractor | : "D" & "C" Class |
| 05. | Period of Completion | :: within 1 Months |
| 06. | Other Details | |

| Procurement Officer | Bid Identification No. | Sl No. of work in notice | Availability of tender online for bidding | | Last date and time of seeking tender clarification | Date of Opening |
|---|---|---|---|---|---|---|
| | | | From | To | | |
| Executive Engineer, R.W. Division, Jeypore | Online Tender/07/ RWD-JYP/2025-26 | Sl No.01 to 6 | 01.12.2025 at 10.00 A.M | 07.12.2025 upto 5.00 P.M. | 06.12.2025 at 01.30 P.M | 08.12.2025 at 10.00 P.M |

Further details can be seen from the website www.tendersodisha.gov.in/nicgep/app

All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

*N.B. Any Addendum or Corrigendum will be available in the Website only.

OIPR-25160/11/0027/2526


Executive Engineer,
Rural Works Division: Jeypore.


---

## ବିଜ୍ଞପ୍ତି

ଏତଦ୍ ଦ୍ୱାରା ଜେ.କେ.ପୁର ଚାନ୍ଦିଲି ସ୍ଥିତ ନିୟନ୍ତ୍ରିତ ବଜାର କମିଟି, ରାୟଗଡର କୃଷକ ବଜାର ସମ୍ପୂର୍ଣ୍ଣ ଭାବେ ଭଗ୍ନ ଅବସ୍ଥାରେ ଥିବା ଯୋଗୁଁ ଏହା ତଳେ ଆଶ୍ରୟ ନେବା କିମ୍ବା ବ୍ୟବସାୟ କରିବା ବିପଦ ସଙ୍କୁଳ ଅଟେ । ଏଣୁ ନିୟନ୍ତ୍ରିତ ବଜାର କମିଟି ଅନୁରୋଧ କରୁଛି ଉକ୍ତ ଚାନ୍ଦିଲି ସ୍ଥିତ କୃଷକ ବଜାର ର କୌଣସି ବ୍ୟକ୍ତି ଆଶ୍ରୟ ନିଅନ୍ତୁ ନାହିଁ । ଏହା ସତ୍ତ୍ୱେ କୌଣସି ଅଘଟଣ ଘଟିଲେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

**ସୌଜନ୍ୟ ନିୟନ୍ତ୍ରିତ ବଜାର କମିଟି, ରାୟଗଡ**

# ୧୬ଜଣଙ୍କୁ ମିଳିବ ଏସ୍ଏସ୍ଆଇ ସ୍ପୋର୍ଟ୍ସ ଆୱାର୍ଡ

ଭୁବନେଶ୍ୱର, ୩୦ ।୧୧ (ସମିସ):




କ୍ରୀଡ଼ା ବିଜ୍ଞାନ ଓ କ୍ରୀଡ଼ା ପ୍ରୋତ୍ସାହନ ସଂସ୍ଥା ଏସଏସ୍ଆଇ ପକ୍ଷରୁ ତୃତୀୟ ସ୍ପୋର୍ଟ୍ସ ନ୍ୟାସନାଲ ଆୱାର୍ଡ ଏଥର ୧୬ଜଣ କ୍ରୀଡ଼ା ବ୍ୟକ୍ତିବିଶେଷଙ୍କୁ ପ୍ରଦାନ କରାଯିବ । ଏହି କ୍ରୀଡ଼ା ବ୍ୟକ୍ତିତ୍ୱଙ୍କ ମଧ୍ୟରୁ ଅନେକ ସମ୍ମାନଜନକ ଅର୍ଜୁନ ଓ ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜୟୀ ହୋଇସାରିଛନ୍ତି । ଯେଉଁମାନଙ୍କ ମଧ୍ୟରେ ଆଥ୍ଲେଟ ଜ୍ୟୋତି ଯାରାଜୀ, ସନ୍ତରଣକାରୀ ସଜନ ପ୍ରକାଶ, ଅଲିମ୍ପିଆନ ଶକ୍ତି ସିଂ, ବ୍ୟାଡ୍‌ମିଣ୍ଟନ ଖେଳାଳି ଆୟୁଷ ସେଟ୍ଟୀ, ଟିଟି ଖେଳାଳି ଶରତ କମଲ ପ୍ରମୁଖ ରହିଛନ୍ତି । ଡିସେମ୍ବର ୬ ଓ ୭ ଦୁଇଦିନ ଧରି କଳିଙ୍ଗ ଷ୍ଟାଡିୟମରେ ଏହି ପୁରସ୍କାର ପ୍ରଦାନ ଉତ୍ସବ ପାଳନ କରାଯିବ । ଏଥର ପୁରସ୍କାର ବହୁବିଧ ବିଭାଗ ଓ ଶୃଙ୍ଖଳାରେ ଦିଆଯିବ । ଏସଏସଆଇ କର୍ଣ୍ଣ ଆୱାର୍ଡ, ମିଲଖା ସିଂହ ସ୍ପିଣ୍ଟ ଆୱାର୍ଡ, ହକି କିମ୍ବଦନ୍ତୀ ଦିଲୀପ ତିର୍କୀ ଓ ଆଥ୍ଲେଟ ଶକ୍ତି ସିଂଙ୍କ ନାମରେ ମଧ୍ୟ ପୁରସ୍କାର ପ୍ରଦାନ କରାଯିବ ବୋଲି ଏସ୍ଏସ୍ଆଇର ପ୍ରତିଷ୍ଠାତା ଡକ୍ଟର ସାର୍ଥକ ପଟ୍ଟନାୟକ ରବିବାର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସେହିଭଳି ପୁରସ୍କାର ବିତରଣର ଅଂଶବିଶେଷ ସ୍ୱରୂପ ପ୍ରଥମଥର ଆନ୍ତଃବିଦ୍ୟାଳୟ କ୍ରୀଡ଼ା କୁଇଜ ଓ ସ୍ପୋର୍ଟ୍ସ ସାଇନ୍ସ କନକ୍ଲେଭ ଡିସେମ୍ବର ୭ରେ ଅନୁଷ୍ଠିତ ହେବ ବୋଲି ଏସଏନ୍ଏମ୍ ଗ୍ରୁପର ଏମ୍‌ଡି ପ୍ରବୋଧ ମହାନ୍ତି କହିଛନ୍ତି ।

## ନିଆରା ଢଙ୍ଗରେ ଜନ୍ମଦିନ ପାଳନ

ଯାଁଳା,୩୦।୧୧(ସମିସ): ଭୁବନେଶ୍ୱର ଉପକଣ୍ଠ ପଞ୍ଚପଲ୍ଲୀ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବ୍ରହ୍ମକୁଣ୍ଡଳ ଗ୍ରାମରେ ଏକ ନିଆରା ଢଙ୍ଗରେ ଜନ୍ମଦିନ ପାଳନ କରାଯାଇଛି । ଏହି ଗ୍ରାମର ଶାଶ୍ୱତ ଜେନା ଓ ତାଙ୍କ ପତ୍ନୀ ରଶ୍ମିତା ନିଜ ଝିଅ ତୃପ୍ତିର ସ୍ୱନକ୍ଷତ୍ର ଉତ୍ସବ ବୃକ୍ଷରୋପଣ କରି ପାଳନ କରିଛନ୍ତି, ପ୍ରଦୂଷିତ ପରିବେଶର ସୁରକ୍ଷା ନିମନ୍ତେ ଏହା ଏକ ଭଲ ବାର୍ତ୍ତା ବୋଲି ସେ ଆଶା ପ୍ରକଟ କରିଛନ୍ତି । ଏନେଇ ସେ ସମସ୍ତଙ୍କ ଉଦ୍ଦେଶ୍ୟରେ ଏହି ନିବେଦନ ରଖିଛନ୍ତି କି ଉତ୍ସବରେ ଅତିକମ୍‌ରେ ଯଦି ଗୋଟିଏ ଗଛ ଲଗାଇ ତା'ର ଯତ୍ନ ନିଆଯାଆନ୍ତା । ତେବେ ପରିବେଶ ସୁରକ୍ଷା ପାଇଁ ଏକ ସୁନ୍ଦର ପଦକ୍ଷେପ ସୃଷ୍ଟି ହୋଇପାରନ୍ତା ।

# ପିଜିଏମ୍ଇଆର୍ ପ୍ରତିଷ୍ଠାତା ନିର୍ଦ୍ଦେଶିକା ପ୍ରଫେସର ନିବେଦିତା ପାଣି ପୁରସ୍କୃତ



ଭୁବନେଶ୍ୱର, ୩୦ ।୧୧(ସମିସ): କ୍ୟାପିଟାଲ ହସ୍ପିଟାଲ ପିଜିଏମ୍ଇଆର ପ୍ରତିଷ୍ଠାତା ନିର୍ଦ୍ଦେଶିକା ପ୍ରଫେସର ନିବେଦିତା ପାଣି । ସର୍ବଭାରତୀୟ ସ୍ତରରେ ମହିଳା ନିଶ୍ଚେତକ ବିଶେଷଜ୍ଞ ଭାବେ ପୁରସ୍କୃତ ହୋଇଛନ୍ତି । ଗତ ବୁଧବାରଠାରୁ ରବିବାର ପର୍ଯ୍ୟନ୍ତ ଛତିଶଗଡ଼ର ରାୟପୁରରେ ଆୟୋଜିତ ବିଶ୍ୱସ୍ତରୀୟ ନିଶ୍ଚେତକ ଡାକ୍ତର ସମ୍ମିଳନୀରେ ପ୍ରଫେସର ପାଣିଙ୍କୁ ସମ୍ମାନିତ କରାଯାଇଛି । ମହିଳା ନିଶ୍ଚେତକ ବିଶେଷଜ୍ଞ ଭାବେ ବିଶ୍ୱସ୍ତରୀୟ ପୁରସ୍କାର ପାଇବାରେ ସେ ହେଉଛନ୍ତି ପ୍ରଥମ ଓଡ଼ିଆ ଡାକ୍ତର । ଚିକିତ୍ସା କ୍ଷେତ୍ରରେ ଆନାସଥେସିଆ ବିଜ୍ଞାନରେ ଉଲ୍ଲେଖନୀୟ ଅବଦାନ ପାଇଁ ନୁହଁ ପ୍ରଫେସର ପାଣି ନିର୍ଦ୍ଦେଶିକା ଭାବେ କ୍ୟାପିଟାଲ ହସ୍ପିଟାଲର ପୋଷ୍ଟଗ୍ରାଜୁଏଟ ଇନଷ୍ଟିଚ୍ୟୁଟ୍ ଅଫ ମେଡିକାଲ ଏଜୁକେସନ ଓ ରିସର୍ଚ୍ଚ ଅନୁଷ୍ଠାନ ଗଢ଼ିତୋଳିବାରେ ପ୍ରମୁଖ ଭୂମିକା ଜୀବନବ୍ୟାପି ରୋଗୀ ସେବା କ୍ଷେତ୍ରରେ ଆଉଟଷ୍ଟାଣ୍ଡିଂ ଅବଦାନ ପାଇଁ ପୁରସ୍କୃତ ହୋଇଛନ୍ତି । ଏହି ସମ୍ମିଳନୀରେ ଦେଶ ବିଦେଶରୁ ୨ ହଜାର ୫୦୦ ଜଣ ନିଶ୍ଚେତକ ବିଶେଷଜ୍ଞ ଯୋଗ ଦେଇଥିଲେ । ୫ ଦିନ ଧରି ଚାଲିଥିବା ଏହି ସମ୍ମିଳନୀରେ ନିଶ୍ଚେତକ ବିଜ୍ଞାନରେ ବହୁ ଗବେଷଣାରକ ସନ୍ଦର୍ଭ ଉପରେ ଆଲୋଚନା ହୋଇଥିଲା । ୱାର୍ଲଡ ଫେଡେରେସନ ସୋସାଇଟି ଅଫ ଆନାସଥେସିଓଲୋଜିର ପ୍ରେସିଡେଣ୍ଟ ରୁମାନିଆର ପ୍ରଫେସର ଡାନିଏଲ ଫିଲିପେଶୁ ଏବଂ ଇଣ୍ଡିଆନ ସୋସାଇଟି ଅଫ ଆନାସଥେସିଓଲୋଜିର ପ୍ରେସିଡେଣ୍ଟ ଡାକ୍ତର ଜେ.ବାଲାଭେଙ୍କଟ ପ୍ରଫେସର ପାଣିଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି ।

## ହୀରାପୁର ପ୍ରିମିୟର ଲିଗ୍ ପାଇଁ ଖେଳାଳି ନିଲାମ

ବାଲିଅନ୍ତା,୩୦ ।୧୧(ସମିସ): ଆଜି ମହାମାୟା ଯୁବ ପରିଷଦ ପ୍ରାଙ୍ଗଣରେ ୮ମ ସଂସ୍କରଣ ହୀରାପୁର ପ୍ରିମିଅର ଲିଗ ନିମନ୍ତେ ଖେଳାଳି ନିଲାମି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଡିସେମ୍ବର ୨୫, ୨୬, ୨୭ ଏବଂ ୨୮ ତାରିଖ ୪ ଦିନ ଧରି ଖେଳ ଅନୁଷ୍ଠିତ ହେବ । ଏଥିରେ ୧୨୧ ଜଣ ପିଲା ଖେଳିବା ପାଇଁ ଆବେଦନ କରିଥିଲେ । ୮ଟି ମାଲିକ ଏହି ପିଲାମାନଙ୍କୁ କିଣିଥିଲେ । ଟିମ ଗୁଡିକ ହେଲା ଜେବିଏଲ ୱାରିଅର, ଲିଓ ଲାନ୍ସରମ୍ସ, ୱାନ ମ୍ୟାନ ଟାଇଟନ, ସାଇ କ୍ରିଷ୍ଣା ୱାରିଅର, ବିଶୁନିଆ ପଡ଼ା ବୁଲ୍ସ, ବିବି ରାଇଡ଼ର, ଗୋପୀନାଥ ରାଇଡ଼ର, ଗେମ ଚେଞ୍ଜର ଇଲେଭେନ ଆଦି କ୍ରିକେଟ କ୍ଲବ୍ ନିଲାମିରେ ଅଂଶ ଗ୍ରହଣ କରିଥିଲେ । ନିଲାମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ଚକ୍ରଧର ନାୟକ, ରବୀନ୍ଦ୍ର ନାଥ ନାୟକ, ପ୍ରଶାନ୍ତ କୁମାର ନନ୍ଦ, ସୁକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟ କର୍ମକର୍ତ୍ତାଙ୍କ ମଧ୍ୟରେ ଅକ୍ଷୟ କୁମାର ଦାସ, ସନ୍ତୋଷ କୁମାର ନାୟକ, ଧରଣୀଧର ଦାସ, ରବୀନ୍ଦ୍ରନାଥ ସାହୁ, ରାଜକିଶୋର ନାୟକ, ଆଶିଷ କୁମାର ସାହୁ, ଅଭିଶେଖ ନାୟକ ।

# ଓଡିଏମ୍ ପବ୍ଲିକ୍ ସ୍କୁଲ୍‌ରେ ୱେଲ୍‌ନେସ୍ ରନ୍ ୨.୦

ଭୁବନେଶ୍ୱର,୩୦।୧୧(ସମିସ): ଭାରତୀୟ ଚିକିତ୍ସା ସଂଗଠନ, ଓଡ଼ିଶା ସହିତ ହେଲ୍‌ଥଭିଲେ ଯୋଗ ଏବଂ ପ୍ରାକୃତିକ ଚିକିତ୍ସା ହସ୍ପିଟାଲର ମିଳିତ ସହଯୋଗରେ ଓଡିଏମ୍ ପବ୍ଲିକ୍ ସ୍କୁଲ କ୍ୟାମ୍ପସ୍‌ରେ ମିଶନ ମଧୁମେହ ମୁକ୍ତ ଓଡ଼ିଶା ଏବଂ ସୁସ୍ଥ ଓଡିଶା ବୃହତ୍ ଆନ୍ଦୋଳନର ଅଂଶ ଭାବରେ ୱେଲ୍‌ନେସ୍ ରନ୍ ୨.୦ ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମର ନେତୃତ୍ୱ ହେଲ୍‌ଥଭିଲ୍ ଅଧ୍ୟକ୍ଷ ଏବଂ ଆଇ.ଏନ୍.ଓ.ର ମୁଖ୍ୟ ପୃଷ୍ଠପୋଷକ ଡ. ସତ୍ୟବ୍ରତ ମୀନକେତନ କରିଥିଲେ । ସେ କହିଥିଲେ, ମଧୁମେହ ଏକ ଜୀବନଶୈଳୀ ଦ୍ୱାରା ସୃଷ୍ଟି ହୋଇଥିବା ଅବସ୍ଥା ଏବଂ ଉପଯୁକ୍ତ ସଚେତନତା, ଶୃଙ୍ଖଳିତ ଦିନଚର୍ଯ୍ୟା ଏବଂ




ପ୍ରାକୃତିକ ଚିକିତ୍ସା ଆଧାରିତ ନୀତି ସହିତ ଓଡିଶା ଏକ ମଧୁମେହ ମୁକ୍ତ ରାଜ୍ୟ ହୋଇପାରିବ । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ବିଏମ୍‌ସି କମିଶନର ଚଞ୍ଚଳ ରାଣା ଯୋଗଦେଇ ସହରାଞ୍ଚଳ କଲ୍ୟାଣରେ ସକ୍ରିୟ ଜୀବନଶୈଳୀ ଏବଂ ପ୍ରତିରୋଧକ ସ୍ୱାସ୍ଥ୍ୟସେବାର ଭୂମିକା ଉପରେ ଆଲୋକପାତ କରିଥିଲେ । ଆର୍.ଏସ୍.ଏସ୍. ସଦସ୍ୟ ଏବଂ ସମାଜସେବୀ ହିମାଂଶୁ ଶେଖର ନାୟକ, ଆଇଏନ୍‌ଓ ଓଡ଼ିଶାର ସଭାପତି ସୁବାଷ ଚନ୍ଦ୍ର ଷଡ଼ଙ୍ଗୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମଟି ହେଲ୍‌ଥଭିଲ୍ ଏବଂ ଆଇଏନ୍ ଦ୍ୱାରା ପରିଚାଳିତ ଏକ ପ୍ରତିଶ୍ରୁତି ସହିତ ଶେଷ ହୋଇଥିଲା ।

# ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ଦିବାକର ପରିଡ଼ାଙ୍କ ଜୟନ୍ତୀ




ଭୁବନେଶ୍ୱର,୩୦।୧୧(ସମିସ): ବିପ୍ଳବୀ ରଘୁ ଦିବାକର ଥିଲେ ପରାଧୀନ ଭାରତରେ ଆଦ୍ୟ ଆନ୍ଦୋଳନର ପୁରୋଧା । ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ରବିବାର ସହିଦ ଦିବାକର ପରିଡ଼ାଙ୍କର ଜୟନ୍ତୀ ଉତ୍ସବ ୟୁନିଟ-୯ ସ୍ଥିତ ତାଙ୍କ ଆବକ୍ଷ ପ୍ରତିମୂର୍ତ୍ତିସ୍ଥଳରେ ପାଳନ କରାଯାଇଛି । ସହିଦ ଦିବାକର ପରିଡ଼ାଙ୍କ ଦେଶ ପାଇଁ ଦେଇଥିବା ଅଭୂତ ବଳିଦାନ ଯୁଗ ଯୁଗ ନିମନ୍ତେ ଏ ଜାତିକୁ ପ୍ରେରଣା ଯୋଗାଉଥିବ ବୋଲି ଇତିହାସ ଅନେକ ଦୃଷ୍ଟାନ୍ତ ଉପସ୍ଥାପନ କରି ଅତିଥିମାନେ ବିପ୍ଳବୀଙ୍କୁ ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ ।

ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି । ପ୍ରଥମେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣକରି ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା । ପ୍ରାରମ୍ଭିକ ବରପୁତ୍ରଙ୍କ ଉଦ୍ଦେଶ୍ୟରେ ସ୍ୱରଚିତ କବିତା ଆବୃତ୍ତି କରିଥିଲେ ଶିକ୍ଷାବିତ୍ କାମଦେବ ମହାପାତ୍ର । ବେଦ ପାଠ କରି ନିଜସ୍ୱ ମତାମତ ରଖିଥିଲେ ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ । ଅନ୍ୟମାନଙ୍କ ମଧ୍ୟରେ ରାମ ଚନ୍ଦ୍ର ଦାସ, ବାମନ ପରିଡା, ସମାଜସେବୀ ମନୋରଞ୍ଜନ ମହାନ୍ତି, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ରିନା ମହାନ୍ତି ପ୍ରମୁଖ ଯୋଗଦେଇ ବରପୁତ୍ରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଶେଷରେ ଅମିତ୍ ପାତାଳ ସିଂ ଧନ୍ୟବାଦ୍ ଦେଇଥିଲେ ।


# ଆଜିଠାରୁ ଖଣ୍ଡଗିରି ଅଭିରାମ ଆଶ୍ରମରେ ବ୍ରହ୍ମ ସନାତନ ଯଜ୍ଞ

ଭୁବନେଶ୍ୱର,୩୦।୧୧(ସମିସ): ଖଣ୍ଡଗିରିସ୍ଥିତ ଠାକୁର ଶ୍ରୀ ଅଭିରାମ ପରମହଂସ ଦେବ ଆଶ୍ରମର ବାର୍ଷିକୋତ୍ସବ ତଥା ବ୍ରହ୍ମସନାତନ ଯଜ୍ଞ ଆସନ୍ତାକାଲି ସୋମବାର ଠାରୁ ଆରମ୍ଭ ହେବ । ଡିସେମ୍ବର ୪ ତାରିଖ ଗୁରୁବାର ପୂର୍ଣ୍ଣମୀ ଦିନ ପୂର୍ଣ୍ଣାହୁତି କରାଯିବ । ଠାକୁରଙ୍କ ମୁଖ୍ୟ ଆଶ୍ରମ କରମଳାର ସାଧୁ ସନ୍ଥମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଠାକୁରଙ୍କ ମୁଖ ନିଃସୃତ ବାଣୀ, ପ୍ରବଚନ ଓ ଭଜନ ପରିବେଷଣ କରିବେ । ଏହା ବ୍ୟତୀତ ସାଧୁ ସନ୍ଥମାନଙ୍କୁ ପୂର୍ଣ୍ଣାହୁତି ଦିନ ସମ୍ବର୍ଦ୍ଧନ କରାଯିବାର କାର୍ଯ୍ୟକ୍ରମ ରହିଛି । ଦୀର୍ଘ ଚାରିଦିନ ଧରି ଆଶ୍ରମ ପରିସରରେ ବିଭିନ୍ନ ଆଧ୍ୟାତ୍ମିକ ତଥା ସାଂସ୍କୃତିକ କାର୍ଯ୍ୟକ୍ରମମାନ କରାଯିବ । ଚଳିତ ବର୍ଷ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ସୌଜନ୍ୟରୁ ପାଲା, ଭଜନ ଓ ଛଉନୃତ୍ୟ ପରିବେଷଣ କରାଯିବ । ତେଣୁ ଠାକୁର ଆଶ୍ରିତ ଭକ୍ତମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଭୁକୃପା ଲାଭ କରିବାକୁ ଠାକୁର ଶ୍ରୀ ଅଭିରାମ ପରମହଂସ ଦେବ ଭକ୍ତ ସମିତି ପକ୍ଷରୁ ନିବେଦନ କରାଯାଇଛି ।

# ବିବେକାନନ୍ଦ ପବ୍ଲିକ ସ୍କୁଲରେ ବିଜ୍ଞାନ ମେଳା



ଧଉଳି,୩୦।୧୧(ସମିସ): ବାଲକାଟୀ ଜାମୁ ତୋଟାସ୍ଥିତ ବିବେକାନନ୍ଦ ପବ୍ଲିକ୍ ସ୍କୁଲରେ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍କୁଲ ବିଦ୍ୟାର୍ଥୀଙ୍କ ଦ୍ୱାରା ସର୍ବ ମୋଟ ୪୬ ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା । ଯାହା ପରିବେଶ ସୁରକ୍ଷା, ସୌରଶକ୍ତିର ବ୍ୟବହାର ଓ ଉତ୍ପାଦନା, ଜଳବାୟୁର ପ୍ରଦୂଷଣର ନିୟନ୍ତ୍ରଣ, ବିଭିନ୍ନ ଖାଦ୍ୟ ଶସ୍ୟର ଉତ୍ପାଦନରେ ବିଜ୍ଞନର ଯାନ୍ତ୍ରିକ କୌଶଳ ଆଦି ଅନେକ ପ୍ରକଳ୍ପ ବିଦ୍ୟାର୍ଥୀଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉଦ୍ୟାନକୃଷି ବିଶେଷଜ୍ଞ ଅଜୟକୁମାର ଦଶ, ବିଶିଷ୍ଟ ସମାଜ ସେବୀ ପ୍ରହଲ୍ଲାଦ ସାହୁ ଯୋଗଦେଇ ଦୈନନ୍ଦିନ ଜୀବନରେ ବିଜ୍ଞାନର ଉପକାରିତା ଏବଂ ଆଧୁନିକ ଭାରତରେ ପ୍ରତ୍ୟକ ବ୍ୟକ୍ତି ବେଶେଷଙ୍କୁ ବିଜ୍ଞାନର ପ୍ରଗତି କ୍ଷେତ୍ରରେ ସଚେତନ ହେବା ଉପରେ ବିଦ୍ୟାର୍ଥୀଙ୍କୁ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ବସନ୍ତ କୁମାର ସ୍ୱାଇଁ, ସୁବ୍ରତ କୁମାର ପଣ୍ଡା, ସତ୍ୟବ୍ରତ ସାହୁ ପ୍ରମୁଖ ଯୋଗଦେଇ ବିଦ୍ୟାର୍ଥୀମାନଙ୍କର ପ୍ରକଳ୍ପକୁ ମୂଲ୍ୟାଙ୍କନ କରିଥିଲେ । ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏହି ମେଳାକୁ ସୁଚାରୁ ରୂପେ ପରିଚାଳନା କରିଥିବାବେଳେ ସ୍କୁଲର ଅଧ୍ୟକ୍ଷ ଅଭିରାମ ସାହୁ ସମସ୍ତ ଅତିଥିଙ୍କୁ ଧନ୍ୟବାଦ ଦେଇଥିଲେ ।



# ରାଜଧାନୀରେ କଳା ପଲ୍‌ସର୍ ଆତଙ୍କ



**୩ ଦିନରେ ୫ ଜଣଙ୍କୁ ଲୁଟିଲେଣି**

**କାମ କରୁନି କ୍ୟାମେରା; ଚିନ୍ତାରେ ପୁଲିସ**

ଭୁବନେଶ୍ୱର,୩୦।୧୧(ସମିସ): ରାଜଧାନୀ ଓ ଉପକଣ୍ଠରେ ଛାଇଗଲେଣି ଲୁଟେରା। ସୁଯୋଗ ପାଇବା ମାତ୍ରେ ଲୁଟ୍‌ପାଟ୍ କରି ଆଖି ପିଛୁଳାକେ ଗାଏବ ହୋଇ ଯାଉଛନ୍ତି। ବିଶେଷକରି ଷୋହଳ ନମ୍ବର ଜାତୀୟରାଜପଥରେ ଖେଳାଉଛନ୍ତି ଆତଙ୍କ। ସହରର ଜନଗହଳି ପୂର୍ଣ୍ଣ ଅଞ୍ଚଳଠାରୁ ଗାଁ ଗହଳିରେ ମଧ୍ୟ ନିଜର ଦବଦବା ଜାହିର୍ କଲେଣି। କେଉଁଠି ଭ୍ୟାନିଟି ବ୍ୟାଗ୍ ଛଡ଼ାଇ ନେଉଛନ୍ତି ତ କେତେବେଳେ ସୁନା ଚେନ୍ ଲୁଟି ନେଲେଣି। କଳା ପଲସରର ଆତଙ୍କ ଏମିତି ହେଲାଣି ଯେ, ଘରୁ ଗୋଡ଼ କାଢ଼ିବାକୁ ଡରିଲେଣି ରାଜଧାନୀବାସୀ। ନିକଟରେ ଘଟିଥିବା କିଛି ଲୁଟ୍ ଘଟଣାରୁ ଏଭଳି କଥା ସ୍ପଷ୍ଟ ହୋଇଛି।

ଅଭିଯୋଗ ଅନୁଯାୟୀ, ରବିବାର ସକାଳେ ବାଲିପାଟଣା ଆମଣାକୁଦ ଗାଁର ସନ୍ଧ୍ୟାରାଣୀ ମହାନ୍ତି ତାଙ୍କ ଘର ନିକଟରେ ଥିବା ଅମଣେଇ ମନ୍ଦିରକୁ ଯାଉଥିଲେ। ରାସ୍ତାରେ ଚାଲି ଚାଲି ଯାଉଥିବା ବେଳେ ଦୁଇଜଣ ଲୁଟେରା ଏକ ପଲସର୍ ବାଇକ୍‌ରେ ଆସି ତାଙ୍କ ବେକରୁ ସୁନା ଚେନ୍ ଝାମ୍ପିନେଇ ନିଆଳି ଆଡ଼କୁ ପଳାଇଥିଲେ। ସନ୍ଧ୍ୟାରାଣୀ ଏ ନେଇ ବାଲିପାଟଣା ଥାନାରେ ଅଭିଯୋଗ କରିଛନ୍ତି।

ସେହିପରି ସୋନାଲି ପଟ୍ଟନାୟକ ନାମ୍ନୀ ମହିଳା ସହିଦନଗରସ୍ଥିତ ପ୍ରକାଶ ଦୀପ ଟାୱାରରେ ରହୁଛନ୍ତି। ସେ ତାଙ୍କ ସାଙ୍ଗ ସହିତ ବାରଙ୍ଗସ୍ଥିତ ସାରଙ୍ଗେଶ୍ୱରୀ ମନ୍ଦିରକୁ ଯାଉଥିଲେ। ସେମାନେ ସତ୍‌ସଙ୍ଗ ବିହାର ଅତିକ୍ରମ କରୁଥିବାବେଳେ ଦୁଇଜଣ ଦୁର୍ବୃତ୍ତ ବ୍ଲାକ୍ ପଲସର୍‌ରେ ଆସି ସୋନାଲିଙ୍କଠାରୁ ଭ୍ୟାନିଟି ବ୍ୟାଗ ଛଡ଼ାଇ ନେଇଥିଲେ। ଲୁଟ୍ ହୋଇଥିବା ଭ୍ୟାନିଟି ବ୍ୟାଗ୍‌ରେ ଗୋଟିଏ ମୋବାଇଲ ଫୋନ୍, ଦୁଇଟି ଏଟିଏମ୍ କାର୍ଡ ଓ ଅନ୍ୟାନ୍ୟ ସାମଗ୍ରୀ ରହିଥିଲା। ଏ ନେଇ ସୋନାଲି ସହିଦନଗର ଥାନାରେ ଏତଲା ଦେଇଛନ୍ତି।

ଖୋର୍ଦ୍ଧାର ଜଣେ ମହିଳା ଓ ତାଙ୍କ ସ୍ୱାମୀ ବାଇକ୍ ଯୋଗେ ଆଇଗିଣିଆସ୍ଥିତ ବନ୍ଧୁ ଘରକୁ ଯାଉଥିଲେ। ଡିଏନ୍ ରିଗାଲିଆ ଫ୍ଲାଇଓଭର ଅତିକ୍ରମ କରୁଥିବାବେଳେ ଦୁଇ ଜଣ ଲୁଟେରା ମହିଳାଙ୍କଠାରୁ ଭ୍ୟାନିଟି ବ୍ୟାଗ ଛଡ଼ାଇ ନେଇଥିଲେ। ଲୁଟ୍ ହୋଇଥିବା ଭ୍ୟାନିଟି ଭିତରେ ମୋବାଇଲ, ୧୨୦୦ ଟଙ୍କା, ଏଟିଏମ୍ କାର୍ଡ ରହିଥିଲା। ସେ ତମାଣ୍ଡୋ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଟ୍ରାକିଂ ଜରିଆରେ ହାଇଟେକ୍ ଛକ ଅଞ୍ଚଳରୁ ମୋବାଇଲ ଠାବ କରିଥିଲେ ମଧ୍ୟ ଅନ୍ୟ ଜିନିଷ କି ଲୁଟେରାଙ୍କ ଟେର ପାଇ ପାରିନାହିଁ। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ମହିଳା ଜଣକ ଥାନାରେ ଅଭିଯୋଗ କରିବା ପରେ ପୁଲିସ ସାଙ୍ଗେ ସାଙ୍ଗେ ସିସିଟିଭି କ୍ୟାମେରା ଫୁଟେଜ୍ ଯାଞ୍ଚ କରିବାକୁ ବାହାରି ପଡ଼ିଥିଲା। ଜାତୀୟ ରାଜପଥରେ ଲାଗିଥିବା କ୍ୟାମେରା ଯାଞ୍ଚ କରିବାକୁ କର୍ତ୍ତୃପକ୍ଷଙ୍କୁ ଯୋଗାଯୋଗ କରିଥିଲା। ହେଲେ ୨ ମାସ ହେବ କ୍ୟାମେରା ଅଚଳ ଥିବା ଜାଣିବାକୁ ପାଇଥିଲା। ମାତ୍ର ୩ ଦିନ ଭିତରେ ନାକେଦମ୍ କଲେଣି ଲୁଟେରା। ସ୍ପଷ୍ଟ ଦିବାଲୋକରେ କମିସନରେଟ୍ ପୁଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଗୋଟିଏ ପରେ ଗୋଟିଏ ଲୁଟ୍ କରି ଚାଲିଛନ୍ତି। ଅଭିଯୋଗ ପାଇବା ପରେ ପୁଲିସ ମାମଲା ରୁଜୁ କରୁଥିଲେ ମଧ୍ୟ ଏପର୍ଯ୍ୟନ୍ତ ଲୁଟେରାଙ୍କ ପାଖରେ ପହଞ୍ଚି ପାରିନାହିଁ। ସେପଟେ ଲୁଟେରାଙ୍କ ଉତ୍ପାତ ଯୋଗୁଁ ରାଜଧାନୀବାସୀ ନିଜକୁ ଅସୁରକ୍ଷିତ ମଣିଲେଣି।

## ସର୍ଭର ଡାଉନ; ପର୍ଯ୍ୟଟକ ହୀନସ୍ତା




ନନ୍ଦନକାନନ,୩୦।୧୧(ସମିସ): ନନ୍ଦନକାନନ ଟିକଟ କାଉଣ୍ଟରରେ ରବିବାର ପୂର୍ବାହ୍ନରେ ସର୍ଭର୍ ଡାଉନ୍ ହେତୁ ପର୍ଯ୍ୟଟକମାନେ କାଉଣ୍ଟରରୁ ଟିକଟ କାଟିବାରେ ଅସୁବିଧାରେ ପଡ଼ିଥିଲେ। ଫଳରେ ପର୍ଯ୍ୟଟକମାନେ ହ୍ୱାଟ୍ସଆପ୍ ଜରିଆରେ ଟିକଟ କାଟିଥିଲେ। ସକାଳ ସାଢ଼େ ୮ଟାରୁ ସାଢ଼େ ୧୦ଟା ପର୍ଯ୍ୟନ୍ତ ନନ୍ଦନକାନନ ଟିକେଟ କାଉଣ୍ଟରରେ ଏଭଳି ସମସ୍ୟା ଦେଖିଦେଇଥିଲା। ଯାହାପାଇଁ ବହୁ ପର୍ଯ୍ୟଟକ ଟିକଟ କାଉଣ୍ଟରରେ ଧାଡ଼ିରେ ଛିଡ଼ାହୋଇ ବି ନିରାଶ ହୋଇଥିଲେ। ପ୍ରାୟ ୧୦ଟା୪୦ ସୁଦ୍ଧା କାଉଣ୍ଟରରେ ଟିକଟ କାଟିବାରେ ପର୍ଯ୍ୟଟକ ସକ୍ଷମ ହୋଇଥିଲେ। ଏ ନେଇ ଜଣେ ଅଧିକାରୀଙ୍କୁ ପଚାରିବାରୁ ଟିକେଟ କାଉଣ୍ଟରରେ କିଛି ସମୟ ପର୍ଯ୍ୟନ୍ତ ସର୍ଭର ଡାଉନ ହୋଇଯାଇଥିଲା। ପରେ ଏହା ଠିକ ହେବା ସହ ସ୍ୱାଭାବିକ ଭାବେ ପର୍ଯ୍ୟଟକମାନେ କାଉଣ୍ଟରରୁ ଟିକଟ କାଟିଥିଲେ।

## ସ୍କର୍ପିଓ ପୋଡ଼ି ଯୁବକ ଗିରଫ

ବାଲିଅନ୍ତା,୩୦।୧୧(ସମିସ): ବାଲିଅନ୍ତା ବ୍ଲକ୍ ସରସକଣା ଅଧୀନ ଛନ୍ଦୋଳ ଗ୍ରାମର ଅଭିଯୋଗକାରିଣୀ ମୀନାକ୍ଷୀ ରାଉତରାୟଙ୍କ ଲିଖିତ ରିପୋର୍ଟ ଆଧାରରେ ଏକ ମାମଲା ରୁଜୁ କରି ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଥାନା ଅଧୀନ ପାଇଲୋ ଗ୍ରାମର ପ୍ରଦୀପ ଶୁକ୍ଳା ଓରଫ ଦିପୁ। ସୂଚନାଯୋଗ୍ୟ ଯେ, ୨୯ ତାରିଖ ୧୧.୨୦୨୫ରେ ପ୍ରାୟ ୧୧.୦୦ ଟା ସମୟରେ ଅଭିଯୋଗକାରିଣୀଙ୍କ ଘର ଆଗରେ ତାଙ୍କ ସ୍କର୍ପିଓ ଗାଡି ପାର୍କ ହୋଇଥିଲା। ସେହି ସମୟରେ ପୂର୍ବ ଶତ୍ରୁତାରୁ ଅଭିଯୁକ୍ତ ପ୍ରଦୀପ ଶୁକ୍ଳା ଗାଡିରେ ନିଆଁ ଲଗାଇ ଘଟଣାସ୍ଥଳରୁ ପଳାଇ ଯାଇଥିଲେ। ଗାଡ଼ିରେ ନିଆଁ ଲାଗିଥିବା ଦେଖି ମୀନାକ୍ଷୀ ଚିତ୍କାର କରିଥିଲେ। ଯାହାପରେ ଅଭିଯୁକ୍ତ ଜଣେ ରାମଚନ୍ଦ୍ର ରାଉତରାୟଙ୍କ ଘର ଆଡକୁ ଦୌଡ଼ି ଭିତରକୁ ପଶି ଯାଇଥିଲେ। ଏହା ସମ୍ବନ୍ଧରେ ଅଭିଯୋଗକାରିଣୀ ବାଲିଅନ୍ତା ଥାନାକୁ ଅବଗତ କରିଥିଲେ। ତଦନ୍ତ ସମୟରେ ଅଭିଯୁକ୍ତଙ୍କ କାରଣରୁ ଗାଡିର ଆଗ ଭାଗ ପୋଡ଼ି ଯାଇଥିବା ସତ୍ୟ ପ୍ରମାଣିତ ହୋଇଥିଲା। ପରବର୍ତ୍ତୀ ତଦନ୍ତରେ ଅଭିଯୁକ୍ତ ପ୍ରଦୀପ ସୁକଲା ଓରଫ ଦୀପୁଙ୍କୁ ପୋଲିସ୍ ଗିରଫ କରିଥିଲା। ପ୍ରାଥମିକ ପ୍ରମାଣରେ ତାଙ୍କ ବିରୋଧରେ ଅପରାଧ ସ୍ପଷ୍ଟ ହେବା ପରେ, ସମ୍ବନ୍ଧିତ ସମସ୍ତ ଆଇନଗତ ପ୍ରକ୍ରିୟା ପାଳନ କରି ତାଙ୍କୁ ଆଜି କୋର୍ଟକୁ ଚାଲାଣ କରାଯାଇଛି। ବର୍ତ୍ତମାନ ମାମଲାର ଅଧିକ ତଦନ୍ତ ଜାରି ରହିଛି।

## ରାସ୍ତାରେ ପଡ଼ି ଯୁବ ଡାକ୍ତରଙ୍କ ମୃତ୍ୟୁ

ଯାଁଳା,୩୦।୧୧(ସମିସ): ଏମିତି ବି ମୃତ୍ୟୁ ଆସେ। ଆଜି ଜଟଣୀ ବ୍ଲକ୍ ଯାଁଳା ପଞ୍ଚାୟତ ଦକ୍ଷିଣ ମୁଣ୍ଡମୁହାଁଣ ଗ୍ରାମର ନିହାର ରଞ୍ଜନ ସୁନ୍ଦରାୟଙ୍କ ପୁତ୍ର ଡାକ୍ତର ନିର୍ମଳ ରଞ୍ଜନ ସୁନ୍ଦରାୟ (୨୮) ରାସ୍ତାରେ ପଡ଼ି ପ୍ରାଣ ହରାଇଛନ୍ତି। ଗତକାଲି ସେ ଡେଣ୍ଟାଲ୍ କ୍ଲିନିକ୍‌ରୁ ତାଙ୍କ ଘରକୁ ଫେରିଲା ବେଳେ ବାଟରେ ମୃତ୍ୟୁ ବରଣ କରିଥିଲେ। ସୂଚନା ଥାଉକି ଗତକାଲି ଶନିବାର ରାତି ପ୍ରାୟ ୧୦ ଟାରେ ନିହାର ତାଙ୍କ ବାଇକ୍ ଦ୍ୱାରା ଘରକୁ ଫେରୁଥିବାବେଳେ ଘରଠାରୁ ମାତ୍ର ୨ଶହ ମିଟର ଦୂରରେ କୌଣସି କାରଣରୁ ବାଟରେ ଗାଡି ରଖି ସେହି ପାଖରେ ପଡ଼ିଯାଇଥିଲେ। ସେହି ଗ୍ରାମର ଜଣେ ବ୍ୟକ୍ତି ତାଙ୍କୁ ଦେଖି ଲୋକମାନଙ୍କୁ ଡାକିଥିଲେ ଓ ତାଙ୍କ ପରିବାରଲୋକଙ୍କୁ ଖବରଦେଇଥିଲେ। ପରିବାରଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଏମ୍‌ସ୍ ଡାକ୍ତର ଖାନାକୁ ନେଇଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆଜି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ, ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ହୋଇଥିଲା।

## ଫଟୋ ଭାଇରାଲ ଧମକ; ବନ୍ଧା ହେଲା ପ୍ରେମିକ

ଭୁବନେଶ୍ୱର, ୩୦।୧୧ (ସମିସ): ଫଟୋ ଭାଇରାଲ କରିବାକୁ ଧମକ ଦେଉଥିବା ଅଭିଯୋଗରେ ପ୍ରେମିକକୁ ଗିରଫ କରିଛି ଇନଫୋସିଟି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବରୀ ଥାନା ବାଲିଆପାଳ ଗାଁର ରଶ୍ମିରଞ୍ଜନ ମହାରଣା (୨୮)। ପୁଲିସ ସୂଚନାନୁସାରେ, ବରୀ ଅଞ୍ଚଳର ଜଣେ ଯୁବତୀଙ୍କର ୧୦ ବର୍ଷ ହେବ ରଶ୍ମିରଞ୍ଜନ ସହ ପ୍ରେମ ରହିଥିବାବେଳେ ଦୁଇ ବର୍ଷ ପୂର୍ବେ ଉଭୟ ଅଲଗା ହୋଇ ଯାଇଥିଲେ। ରଶ୍ମିରଞ୍ଜନ କିଛିମାସ ହେବ ତାଙ୍କୁ ପିଛା କରିବା ସହ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲା। ଦାବି ଅନୁଯାୟୀ ଟଙ୍କା ନଦେଲେ ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିବାକୁ ଧମକ ଦେଇଥିଲା। ଏନେଇ ଯୁବତୀ ଜଣକ ଇନଫୋସିଟି ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି କିମ୍ସ ଗେଟ୍ ନିକଟରୁ ରଶ୍ମିରଞ୍ଜନକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## କେନ୍ଦ୍ରୀୟ ବିଦ୍ୟାଳୟ ବୋମା ମାଡ଼ ଘଟଣା | ୫ ଜଣଙ୍କୁ ଅଟକ ରଖି ପଚରାଉଚରା

ଭୁବନେଶ୍ୱର,୩୦।୧୧(ସମିସ): ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତବେଳେ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୩ ଉପରକୁ ବୋମା ମାଡ଼ ହୋଇଥିଲା। ତେବେ ଘଟଣାକୁ ୭୨ଘଣ୍ଟା ବିତିଯାଇଥିଲେ। ଏହା ପଛର ଉଦ୍ଦେଶ୍ୟ ସମ୍ପର୍କରେ ପୁଲିସକୁ ଏପର୍ଯ୍ୟନ୍ତ କିଛି ବି ସୁରାକ ମିଳିପାରି ନାହିଁ। ପୁଲିସ ଏବେ ବି ଅନ୍ଧାରେ ବାଡି ବୁଲାଉଛି। ଏହି ଘଟଣାରେ ପୁଲିସ ପ୍ରଥମେ ୪ ଜଣଙ୍କୁ ଅଟକ ରଖିଥିଲା। ବହୁ ସମୟ ଧରି ସେମାନଙ୍କୁ ପଚରା ଉଚରା କରିଥିଲା। ହେଲେ ସେମାନଙ୍କ ସମ୍ପୃକ୍ତି ନମିଳିବାରୁ ଛାଡି ଦେଇଥିଲା। ରବିବାର ମଞ୍ଚେଶ୍ୱର ଥାନା ପୁଲିସ ୫ଜଣଙ୍କୁ ଅଟକ ରଖି ପଚରାଉଚରା କରିଛି। ହେଲେ ଏପର୍ଯ୍ୟନ୍ତ ପୁଲିସ ଘଟଣାରୁ ପରଦା ଉଠାଇ ପାରି ନ ଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।





ବୋମା ମାଡ଼ ଘଟଣାରେ ଅଟକ ଥିବା ଅଭିଯୁକ୍ତମାନେ ସ୍ଥାନୀୟ ଅଞ୍ଚଳର। ଏମାନଙ୍କ ପୁରୁଣା ଅପରାଧିକ ରେକର୍ଡ ରହିଛି। ମଞ୍ଚେଶ୍ୱର ଥାନା ପୁଲିସ ପୂର୍ବରୁ ଏହି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲା। ଏମାନେ ବିଭିନ୍ନ ସମୟରେ ସ୍ଥାନୀୟ ଅଞ୍ଚଳରେ ହେଉଥିବା ଗଣ୍ଡଗୋଳ ସହ ଲିପ୍ତ ରୁହନ୍ତି। ଅନ୍ୟମାନଙ୍କୁ ହତିଆର ଓ ବୋମା ଯୋଗାଉଥିବା ନେଇ ପୁଲିସକୁ ଖବର ମିଳିଛି।

ତେବେ ସ୍କୁଲକୁ କିଏ କାହିଁକି ଟାର୍ଗେଟ କଲା, ଏହା ପଛର କାରଣ କ'ଣ? ଏ ନେଇ ପୁଲିସ ଖୋଳତାଡ ଜାରି ରଖିଛି। ଖୁବ୍‌ଶୀଘ୍ର ଏହି ସମସ୍ତ ଘଟଣାର ପର୍ଦ୍ଦାଫାସ ହେବ ବୋଲି ପୁଲିସର ଜଣେ ଅଧିକାରୀ କହିଛନ୍ତି।

# ନିରନ୍ତର ବିକାଶ ହାସଲରେ ବିଜ୍ଞାନ ଅଗ୍ରଣୀ ଭୂମିକା ଗ୍ରହଣ କରୁ

ଭୁବନେଶ୍ୱର, ୩୦।୧୧(ସମିସ): ଓଡ଼ିଶା ପରିବେଶ ସମିତି ଏବଂ କିଟ୍ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆୟୋଜିତ ୨୬ତମ ଓଡ଼ିଶା ବିଜ୍ଞାନ ଏବଂ ପରିବେଶ କଂଗ୍ରେସ ଏବଂ 'ନିରନ୍ତର ସବୁଜ ସୀମା' ଉପରେ ପ୍ରଥମ ଅନ୍ତର୍ଜାତୀୟ ସମ୍ମିଳନୀ ରବିବାର ଉଦ୍‌ଯାପିତ ହୋଇଯାଇଛି। ଭାରତ ସରକାରଙ୍କ ପୂର୍ବତନ ସଚିବ ଡ. ଅରୁଣ କୁମାର ରଥ 'ନିରନ୍ତର ବିକାଶ ଲକ୍ଷ୍ୟ (ଏସ୍‌ଡ଼ିଜି) ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାରେ ନବସୃଜନ' ବିଷୟବସ୍ତୁ ଉପରେ ମୁଖ୍ୟବକ୍ତା ରୂପେ ଅଭିଭାଷଣ ପ୍ରଦାନ କରିଥିଲେ। ବିଭିନ୍ନ ଅଧିବେଶନରେ ବେଙ୍ଗାଲୁରୁର ଭାରତୀୟ ଉଦ୍ୟାନ କୃଷି ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ ଡ. ତୁଷାରକାନ୍ତି ବେହେରା, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ପ୍ରଫେସର ଦୀନବନ୍ଧୁ ସାହ, ଗ୍ରୀଡକୋର




ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ତ୍ରିଲୋଚନ ପଣ୍ଡା, ବେଲଜିୟମ୍‌ର କାଥୋଲିଏକେ ବିଶ୍ୱବିଦ୍ୟାଳୟର ପ୍ର. ୱାଲ୍ଟର ଲୁଏଟେନ୍ ଏବଂ ଭୁବନେଶ୍ୱର ଓୟୁଟିଆର୍ କୁଳପତି ପ୍ର. ବିଭୂତି ଭୂଷଣ ବିଶ୍ୱାଳ, ୧୭ଟି ଏସ୍‌ଡ଼ିଜିର ବିଭିନ୍ନ ଦିଗ ଉପରେ ଆଲୋଚନା ଉପସ୍ଥାପନ କରିଥିଲେ। ପୂର୍ବତନ ଏନ୍‌ଆଟି ନିର୍ଦ୍ଦେଶକ ପ୍ର. ସୁନୀଲ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଅଧିବେଶନରେ ଆଲୋଚକ ରୂପେ ଡ. ଶୁଭ୍ରାଂଶୁ ଭୂଷଣ ରାୟ, ପ୍ର. ବିନୋଦ ଚନ୍ଦ୍ର ଚୌଧୁରୀ, ଡ.

**୨୬ତମ ବିଜ୍ଞାନ ଓ ପରିବେଶ କଂଗ୍ରେସର ଉଦ୍‌ଯାପିତ**

ନିଶିଥକୁମାର ମହାନ୍ତି ଏବଂ ପ୍ର. ଗୋପାଳଚନ୍ଦ୍ର କୁଣ୍ଡୁ 'ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ନବସୃଜନ - ଆହ୍ୱାନ ଏବଂ ସମ୍ଭାବନା' ବିଷୟବସ୍ତୁ ଉପରେ ବକ୍ତବ୍ୟ ରଖିଥିଲେ। ଓଇଏସ୍ କାର୍ଯ୍ୟକାରୀ ସଭାପତି ଡ. ଜୟକୃଷ୍ଣ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀ ସଭା ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟ ଅତିଥି ଭାବରେ ତାମିଲନାଡୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପଦ୍ମଶ୍ରୀ ପ୍ର. ଆଦିତ୍ୟ ପ୍ରସାଦ ଦାଶ ତଥା ସମ୍ମାନିତ ଅତିଥି ଭାବରେ ଓୟୁଟିଆର୍ କୁଳପତି ପ୍ର. ବିଭୂତି ଭୂଷଣ ବିଶ୍ୱାଳ ଯୋଗଦାନ କରିଥିଲେ ଓ ଅତିଥିମାନେ ୨୦୩୦ ମଧ୍ୟରେ ୧୭ଟି ସ୍ଥାୟୀ ବିକାଶ ଲକ୍ଷ୍ୟ ଦ୍ୱାରା ନିର୍ଦ୍ଧାରିତ ୧୬୯ଟି ଉଦ୍ଦେଶ୍ୟ ହାସଲ କରିବାରେ ବିଜ୍ଞାନ ଏବଂ ପ୍ରଯୁକ୍ତିର ଭୂମିକା ଉପରେ ଆଲୋକପାତ କରିଥିଲେ। ଗବେଷଣା କ୍ଷେତ୍ରରେ ଜୀବନବ୍ୟାପୀ ଅବଦାନ ନିମନ୍ତେ ପ୍ରଫେସର ଦାଶଙ୍କୁ 'ଜୀବ ବିଜ୍ଞାନରେ ଉତ୍କର୍ଷତା ପୁରସ୍କାର'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ, ଡିନ୍ ପ୍ର. ପ୍ରଶାନ୍ତ ରଥ, ସଂଯୋଜକ ପ୍ର. ସନ୍ଦୀପ ନାରାୟଣ କୁଣ୍ଡ, ସହ-ସଂଯୋଜକ ଡ. ଆଲୋକ କୁମାର ପଣ୍ଡା, ଏବଂ ସଂଗଠନ ସମ୍ପାଦକ ଡ. ଶୁଭାଙ୍ଗୀ ଡି. ସାହୁ ମଧ୍ୟ ଉପସ୍ଥିତ ଥିଲେ। ସହ-ସଂଯୋଜକ ଡ. ସୁରଭି ଜୈନ ଧନ୍ୟବାଦ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଏହି ସମ୍ମିଳନୀରେ ରାଜ୍ୟ ତଥା ରାଜ୍ୟ ବାହାରୁ ୪୫୦ରୁ ଅଧିକ ପ୍ରତିନିଧି ଯୋଗଦାନ କରି ଏହାକୁ ସାଫଲ୍ୟ ମଣ୍ଡିତ କରିଥିଲେ।

## ମା'ର ମାଦେବୀଙ୍କ ୧୨୫ତମ ଜୟନ୍ତୀ

ଭୂବନେଶ୍ୱର ୩୦।୧୧(ସମିସ): ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସର୍ବୋଦୟ ନେତ୍ରୀ ମାଆ ରମାଦେବୀଙ୍କ ୧୨୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ୱାଧୀନତା ଆନ୍ଦୋଳନ କାଳରେ ତାଙ୍କ ପ୍ରେରଣାରେ ଶହ ଶହ ମହିଳା ଏଥିରେ ସାମିଲ ହେବା ସହ ଭାରତବର୍ଷକୁ ଶୃଙ୍ଖଳମୁକ୍ତ କରାଇପାରିଥିଲେ। ରମାଦେବୀଙ୍କ ପ୍ରେରଣାରେ କେବଳ ସେ ନୁହନ୍ତି, ତାଙ୍କର ସମଗ୍ର ପରିବାର ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇଥିଲେ ଓ ସ୍ୱାଧୀନୋତ୍ତର ଭାରତରେ କ୍ଷମତା ରାଜନୀତିକୁ ନଯାଇ ବରଂ ସର୍ବୋଦୟ ଆନ୍ଦୋଳନରେ ଜୀବନ ସମର୍ପି ଦେଇଥିଲେ। ଅଳକା ଆଶ୍ରମ, ଇଞ୍ଚୁଡି ଲବଣ ସତ୍ୟାଗ୍ରହ, ବରୀ ଆଶ୍ରମ ମାଧ୍ୟମରେ କର୍ମୀ ନିର୍ମାଣ, ହରିଜନ ପଦଯାତ୍ରା ସମୟରେ ମାହାରା ଗାନ୍ଧୀଙ୍କ ଘନିଷ୍ଠ ସହଯୋଗୀ ଭାବରେ କାର୍ଯ୍ୟ, ଭାରତ ଛାଡ଼ ଆନ୍ଦୋଳନରେ ନେତୃତ୍ୱ ପୁଣି ସ୍ୱାଧୀନ ଭାରତରେ ଭୁଦାନ ଗ୍ରାମଦାନ ଆନ୍ଦୋଳନର ନେତୃତ୍ୱ ଠାରୁ ଆରମ୍ଭ କରି ଜରୁରୀ ପରିସ୍ଥିତି ବିରୋଧୀ ସଂଗ୍ରାମରେ ଓଡ଼ିଶାର ନେତୃତ୍ୱ ସବୁଥିରେ ମା ରମାଦେବୀଙ୍କର ଓଡ଼ିଶାରେ ନାଁ ଡାକ ଥିଲା। ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ଉତ୍କଳ ସର୍ବୋଦୟ ମଣ୍ଡଳ, କସ୍ତୁରବା ଗାନ୍ଧୀ ରାଷ୍ଟ୍ରୀୟ ସ୍ମାରକ ଟ୍ରଷ୍ଟ, ବାଜିରାଉତ ଛାତ୍ରାବାସ, ଠକ୍କର ବାପା ଆଶ୍ରମ, ଲୋହିଆ ଏକାଡ଼େମୀ, ରମାଦେବୀ ଚୌଧୁରୀ ସ୍ମାରକ ଟ୍ରଷ୍ଟ, ରାଷ୍ଟ୍ରୀୟ ଯୁବା ସଂଗଠନ ଆଦି ସଂଗଠନମାନଙ୍କୁ ନେଇ ଗଠିତ ଗାନ୍ଧିବାଦୀ ଗଣ ସଂଗଠନ ସମୂହଙ୍କ ପକ୍ଷରୁ ଆଗାମୀ ଡିସେମ୍ବର ୧ ତାରିଖରୁ ୩ ତାରିଖ ଯାଏ ମା' ରମାଦେବୀଙ୍କ ୧୨୫ତମ ଜନ୍ମବାର୍ଷିକୀର ରାଜ୍ୟବ୍ୟାପୀ ଉଦଯାପନୀ ଉତ୍ସବ ପାଳିତ ହେବ ବୋଲି ନିଷ୍ପତ୍ତି ହୋଇଛି। ମାଆ ରମାଦେବୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଯୋଗଦେବା ପାଇଁ କୃଷ୍ଣା ମହାନ୍ତି, ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଡଃ ବିଶ୍ୱଜିତ, ମିହିର ପ୍ରତାପ ଦାସ, ବିରୁପାକ୍ଷ ତ୍ରିପାଠୀ, ସନ୍ଧ୍ୟାରାଣୀ ମଲ୍ଲିକ, ଜୟନ୍ତ ଦାସ, ଇଂ ଧନେଶ୍ୱର ସାହୁ, ପ୍ର. ସୀତା ସାହୁ, ଆର୍ଯ୍ୟଭଟ୍ଟ ମହାନ୍ତି, ସୂର୍ଯ୍ୟ ନାରାୟଣ ନାଥ, ମାନସ ପଟ୍ଟନାୟକ ପ୍ରମୁଖ କହିଛନ୍ତି।




# ବହୁ ଛକରେ ନାହିଁ 'ଆମ ବସ୍' ରହଣୀସ୍ଥଳ

**ବିପଦପୂର୍ଣ୍ଣ ଭାବେ ବସ୍‌କୁ ଅପେକ୍ଷା କରୁଛନ୍ତି ଯାତ୍ରୀ**




ଭୁବନେଶ୍ୱର, ୩୦।୧୧(ସମିସ): ରାସ୍ତା ଉପରେ ବିପଦ ସଙ୍କୁଳ ଅବସ୍ଥାରେ ଲୋକମାନେ ଆମ ବସ୍‌କୁ ଅପେକ୍ଷା କରୁଛନ୍ତି। ରାସ୍ତାରେ ଏବେ ଯେଉଁ ଭଳି ଭାବରେ ଦୁର୍ଘଟଣା ଘଟୁଛି କେତେ ବେଳେ କ'ଣ ହେବ ତାହା କହି ହେବନି।

ରାଜଧାନୀରେ ୩୫ଟି ରୁଟ୍‌ରେ ୩୫୦ 'ଆମ ବସ୍' ଚାଲୁଛି। ଏଥିରେ ଏସି ୧୯୦ ରହିଥିବା ବେଳେ ବିନା ଏସି ବସ୍ ୧୬୦ଟି ରହିଛି। ଆମ ବସ୍ ଉପରେ ଅନେକ ଲୋକ ନିର୍ଭର କରୁଥିବା ବେଳେ ପ୍ରତିଦିନ ଶହ ଶହ ଲୋକ ସେମାନଙ୍କ ଗନ୍ତବ୍ୟ ସ୍ଥଳକୁ ନେବା ଆଣିବା କରୁଛି। କିନ୍ତୁ ସହରରେ ବିଭିନ୍ନ ଛକରେ ଆମ ବସ ଷ୍ଟପ୍ ନାହିଁ। ଫଳରେ ଲୋକମାନେ ଖରା, ବର୍ଷା, ଶୀତରେ ରାସ୍ତା ଉପରେ ବିପଦପୂର୍ଣ୍ଣ ଭାବେ ବସ୍‌କୁ ଅପେକ୍ଷା କରୁଛନ୍ତି।

କ୍ୟାପିଟାଲ ହସ୍ପିଟାଲର ଗୋଟେ ପାଖେ ବସ୍‌ଷ୍ଟପ୍ ଥିବା ବେଳେ ଅନ୍ୟ ପାଖରେ ବସ୍‌ଷ୍ଟପ୍ ନାହିଁ। ଫଳରେ ଲୋକଙ୍କ ସମେତ ରୋଗୀମାନେ ରାସ୍ତା କଡ଼ରେ ବସି ବସ୍‌କୁ ଅପେକ୍ଷା କରୁଛନ୍ତି। ଠିକ୍ ଏହିପରି ମଧ୍ୟ ଫରଚ୍ୟୁନ୍ ଟାୱାର ଛକ, ଖଣ୍ଡଗିରି, ଆଇଗିଣିଆ, ସିଟି ଓମେନ୍ସ କଲେଜ ଆଦି ଛକର ଗୋଟେ ପଟେ ଥିବା ବେଳେ ଅନ୍ୟ ପଟ କଥା ନକହିବା ଭଲ। ଏହିପରି ସହରରେ ରାଜମହଲ, ହଂସପାଳ, ନୟାପଲ୍ଲୀ, ଆଇଗିଣିଆ, ଶାସ୍ତ୍ରୀ ନଗର, ରାମ ମନ୍ଦିର, ତମାଣ୍ଡୋ, କୋଳଥିଆ, ଜାଗମରା, ଜାଗମରା ଜଗନ୍ନାଥ ମନ୍ଦିର, ଆଇଟିଆର କଲେଜ୍, ଓୟୁଏଟି ଆଦି ଛକରେ କେଉଁଠି ଗୋଟେ ପଟେ ବସ୍‌ଷ୍ଟପ୍ ଅଛି ତ ଆଉ କେଉଁ ପଟେ ମୂଳରୁ ନାହିଁ। ଫଳରେ ଅନେକ ପର୍ଯ୍ୟଟକଙ୍କ ସମେତ ଯାତ୍ରୀମାନେ ରାସ୍ତା ଉପରେ ତ ଆଉ କେଉଁଠି ଗଛ ମୂଳେ ବସ୍‌କୁ ଅପେକ୍ଷା କରି ରହୁଛନ୍ତି।

ଏ ନେଇ ଫରଚ୍ୟୁନ୍ ୱାଟାର ପାଖରେ ବସ୍‌କୁ ଅପେକ୍ଷା କରିଥିବା ଛାତ୍ରୀ ରୋଶ୍ନି ପଟ୍ଟନାୟକ କୁହନ୍ତି ଆମେ ପ୍ରତିଦିନ ଆମ ବସ୍ ଉପରେ ନିର୍ଭରଶୀଳ। କିନ୍ତୁ ବସ୍‌କୁ ଅପେକ୍ଷା କରିବା ବେଳେ ବସଷ୍ଟପ୍ ନାହିଁ। ସହରରେ ଏମିତି ଅନେକ ସ୍ଥାନ ଅଛି ଯେଉଁଠି ଦୁଇ ଦୁଇ ପଟେ ରହୁଛି ହେଲେ ଯେଉଁ ସ୍ଥାନ ଗୁଡ଼ିକରେ ବସ୍‌ଷ୍ଟପ୍ ଦରକାର ସେଠାରେ ମୂଳରୁ ନାହିଁ ବୋଲି ସେ କହିଛନ୍ତି। ଏହି ପରିପ୍ରେକ୍ଷୀରେ କୁଟ୍‌ର ଜଣେ ଅଧିକାରୀଙ୍କ କୁହନ୍ତି ଏହି ବିଷୟରେ ଉପରିସ୍ଥ ଅଧିକାରୀ ସଠିକ୍ ଭାବରେ ମତାମତ ଦେଇ ପାରିବେ। ଏହି ସଂକ୍ରାନ୍ତରେ କୈଣସି ମତାମତ ନଦେଇ ଏହାକୁ ଏଡ଼ାଇ ଦେଇଛନ୍ତି।



ମୁଁ ଭାଷା, ଜାତି ଓ ଧର୍ମର ବନ୍ଧନ ଭିତରେ ବାନ୍ଧି ହେବାପାଇଁ ଚାହେଁ ନାହିଁ। ସଙ୍ଗୀତ କ୍ଷେତ୍ର ମତେ ଏହା କରିବାକୁ ସୁଯୋଗ ଦେଇଛି !
--ଏ ଆର ରେହମାନ

ସକାଳ
THE SAKALA

# ସମ୍ଭାବନାର 'ସକାଳ'

କୁହାଯାଏ ଅନେକ ଆଶା ଓ ଯୋଜନାର ସମ୍ଭାର ନେଇ ସକାଳ ଆସେ, ମଧ୍ୟାହ୍ନ ଯୋଜନାକୁ ରୂପାୟନର ସୁଯୋଗ ସୃଷ୍ଟି ଓ କ୍ଷେତ୍ର ପ୍ରସ୍ତୁତି କରେ, ସାୟାହ୍ନ ସମୀକ୍ଷାର ଅବକାଶ ସୃଷ୍ଟି କରେ। କିନ୍ତୁ ସାମ୍ପ୍ରତିକ ବିଶ୍ୱରେ ପ୍ରତିଟି ସକାଳ ଅବିଶ୍ୱାସର କୁହୁଡ଼ିରେ ଆଚ୍ଛନ୍ନ, ବିଦ୍ୱେଷର କଳରବରେ ମଧ୍ୟାହ୍ନ ବିଦୀର୍ଣ୍ଣ ଓ ଅଶାନ୍ତିର ଉପସ୍ଥିତିରେ ସାୟାହ୍ନ ଅବସନ୍ନ। ବର୍ତ୍ତମାନର ପ୍ରତିଟି ମୁହୂର୍ତ୍ତକୁ ଆମେ ହିଁ ବିପନ୍ନ କରିଚାଲିଛୁ, ଭବିଷ୍ୟତର ଅସ୍ଥିରତାକୁ ପ୍ରଶ୍ରୟ ଦେଉଛୁ। ଅତୀତକୁ ପରଖିବା ଓ ଶିଖିବାର ସମୟ ନାହିଁ, ସଦିଚ୍ଛା ମଧ୍ୟ ନାହିଁ। ବିଶ୍ୱର କୌଣସି ସଂସ୍ଥାନ, ଉପାଦାନ ଓ ଜୀବନ ନାହିଁ, ଯାହା ଏକ ଆସ୍ଥାହୀନ ପରିବେଷ୍ଟନୀ ଭିତରେ ଅହରହ ଦହନ ହୋଇଚାଲିନାହିଁ। ଆଜି ବାୟୁ ଦୂଷିତ, ଜଳ ବିଷାକ୍ତ, ମାନବିକ ଭାବନା କଳୁଷିତ। ଏଭଳି ବାତାବରଣ କେବଳ ଯୁଦ୍ଧ, ଦ୍ୱନ୍ଦ୍ୱ, ହିଂସା, ଈର୍ଷା, ଦ୍ୱେଷ, ଆତଙ୍କ, ରକ୍ତପାତ, କାତରତା, କାପୁରୁଷତା, ପରଶ୍ରୀକାତରତା, ଶଠତା, ଦୁର୍ନୀତି, ଭ୍ରଷ୍ଟାଚାର, ପ୍ରତାରଣା, ପକ୍ଷପାତିତାକୁ ଜନ୍ମ ଦେଇପାରେ ଏବଂ ତାହା ହିଁ ଘଟୁଛି। ଏହି ପୃଷ୍ଠଭୂମିରେ ଯଦିବା କେବେ କେଉଁଠି କେତେବେଳେ ଶାନ୍ତି, ସହାବସ୍ଥାନ ଓ ସୁସ୍ଥତାର ସମ୍ଭାବନାଟିଏ ସୃଷ୍ଟି ହେଉଛି ତାହାର ପ୍ରଭାବ ସୁଦୂରପ୍ରସାରୀ ହେବା ସ୍ୱାଭାବିକ।

କୋଭିଡ୍ ମହାମାରୀରେ ସାମାଜିକ ଜନଜୀବନ ଓ ଅର୍ଥନୀତିର ଅସ୍ଥିର ପରିବେଶ ଭିତରେ ସେଭଳି ଏକ ଆଶାର ସମ୍ଭାବନା ନେଇ 'ସକାଳ' ଜନ୍ମ ନେଇଥିଲା ଆଜିକୁ ପାଞ୍ଚବର୍ଷ ତଳେ। ଆଜି ମାତ୍ର ଛଅବର୍ଷରେ ପାଦ ଦେଇଥିବା ଏହି ଦୈନିକ ଖବରକାଗଜର ଶୈଶବ କିନ୍ତୁ ଆନନ୍ଦମୁଖର ଓ ଉପଭୋଗ୍ୟ ନଥିଲା। ମାତ୍ର ଚାରିବର୍ଷ ବୟସରେ ସାମ୍ନା କରିଥିଲା ସାଧାରଣ ନିର୍ବାଚନ ରୂପକ ରାଜନୈତିକ ଝଡ଼କୁ। ରାଜ୍ୟରେ କ୍ଷମତା ବଦଳିବା ସହିତ 'ସକାଳ' ସମ୍ମୁଖୀନ ହେଲା ପକ୍ଷପାତିତାର। ଆଜିର ସମୟର ପ୍ରତିଯୋଗିତାପୂର୍ଣ୍ଣ ଆହ୍ୱାନର ସମ୍ମୁଖୀନ ହେବା ପାଇଁ ସରକାରୀ ସହଯୋଗିତା ଓ ପୃଷ୍ଠପୋଷକତା ଅପରିହାର୍ଯ୍ୟ ଆବଶ୍ୟକତା ହୋଇପଡ଼ିଥିଲା ବେଳେ 'ସକାଳ' ସେଥିରୁ ବଞ୍ଚିତ। ଶୈଶବରେ ନିୟତିର ଏହି କ୍ରୂର ପ୍ରହାରରେ ତଥାପି 'ସକାଳ' ଭାଙ୍ଗି ପଡ଼ିନାହିଁ; କାହା ପ୍ରତି ଅସୂୟା ମନୋଭାବ ପୋଷଣ କରିନାହିଁ। ପ୍ରତିଶୋଧପରାୟଣ ହୋଇନାହିଁ କି ବ୍ୟକ୍ତିଗତ କୁତ୍ସାରଟନା ପରି ଦୁର୍ବଳ ଓ କାମଳ ସାମ୍ବାଦିକତାର ସାହାରା ନେଇ ନାହିଁ। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ କେବଳ ଗଣଙ୍କ ହିତରେ ଏକ ସ୍ୱଚ୍ଛ, ନିରପେକ୍ଷ, ନିର୍ଭୀକ ସାମ୍ବାଦିକତାର ଭୂମିକା ନିଷ୍ଠାର ସହିତ ନିର୍ବାହ କରିଚାଲିଛି। ସଂଘର୍ଷରେ ମଧ୍ୟ ମୂଲ୍ୟବୋଧ, ଆଦର୍ଶ ଓ ନୀତି ସହିତ 'ସକାଳ' ସାଲିସ୍ କରିନାହିଁ; ମୂଳ ଲକ୍ଷ୍ୟରୁ ବିଚ୍ୟୁତ ହୋଇନାହିଁ। ନିଷ୍ପେଷିତ, ଅବହେଳିତ ଓ ପୀଡ଼ିତଙ୍କ ସ୍ୱର ହେବାର ସଂକଳ୍ପ ସହିତ ଜନ୍ମ ନେଇଥିବା 'ସକାଳ' ଆଜି ମଧ୍ୟ ତା'ର ଦାୟିତ୍ୱ ନିର୍ବାହନ ଓ କର୍ତ୍ତବ୍ୟ ସମ୍ପାଦନରେ ଅଟଳ ରହିଛି। ଲୋକଙ୍କର ସ୍ୱର ହୋଇଛି। ସର୍ବୋପରି ରାଜ୍ୟବାସୀଙ୍କ ସ୍ୱାର୍ଥ ଓ ରାଜ୍ୟର ହିତକୁ ଅଗ୍ରାଧିକାର ଦେଇଛି। ତେଣୁ ସାମ୍ପ୍ରତିକ ବାତାବରଣର ପ୍ରଚ୍ଛଦପଟରେ 'ସକାଳ'କୁ ଗଣମାନଙ୍କର ନିଃସର୍ତ୍ତ ସମର୍ଥନ, ଅଭିନନ୍ଦନ, ଆଶିଷ ଓ ଶୁଭକାମନା ବଢ଼ିବାରେ ଲାଗିଛି। ସର୍ବୋପରି 'ସକାଳ'ର ବିକଳ୍ପହୀନ ସମ୍ପାଦକୀୟ ନୀତି, ସୁସ୍ଥ ସମାଲୋଚନା ଓ ନିଚ୍ଛକ ଖବର ପରିବେଷଣ କ୍ରମଶଃ ଗ୍ରହଣୀୟ ଓ ଆସ୍ଥାଭାଜନ ହେଉଛି।

ସୃଷ୍ଟିର ପରିବର୍ତ୍ତନଶୀଳ ଧାରାରେ ନୀତି ଓ ଆଦର୍ଶ ହିଁ ଚିରନ୍ତନ। ତେଣୁ 'ସକାଳ' ତା'ର ଶୈଶବରେ ଆଦରି ନେଇଥିବା ଆଦର୍ଶ ଯୌବନର ଉଦ୍ଦାମତାରେ ଭୁଲିଯିବ ନାହିଁ କି ଶତାୟୁରେ ବାର୍ଦ୍ଧକ୍ୟର ଚାପରେ ନଇଁଯିବ ନାହିଁ। ବରଂ ସମୟ ସହିତ ଆହୁରି ଅଧିକ ତେଜୀୟାନ୍, ପରିପକ୍ୱ ଓ ଉତ୍ତରଦାୟୀ ହେବ। ପାଠକମାନଙ୍କର ଶ୍ରଦ୍ଧା ହିଁ 'ସକାଳ'ର ପୁଞ୍ଜି। କର୍ମଚାରୀମାନଙ୍କର ନିଷ୍ଠା, ପରିଶ୍ରମ ଓ ସମର୍ପିତ ଅଂଶଗ୍ରହଣ ହିଁ ତା'ର ଶକ୍ତି। ଏହି ପୁଞ୍ଜିକୁ କେହି ଛଡ଼ାଇ ନେଇପାରିବ ନାହିଁ କି ଶକ୍ତିକୁ ପରାହତ କରିପାରିବ ନାହିଁ। ଯେଉଁ ଶୁଭଚିନ୍ତକମାନେ ଆମକୁ ନୈତିକ ସାହସ ଦେଇ ଆମର ମନୋବଳ ବୃଦ୍ଧି କରିଛନ୍ତି, ଆମକୁ ସାମର୍ଥ୍ୟ ଅନୁଯାୟୀ ସମର୍ଥନ ଓ ଅକୁଣ୍ଠ ସହଯୋଗ ପ୍ରଦାନ କରିଛନ୍ତି ସେମାନଙ୍କ ନିକଟରେ ଆମେ କୃତଜ୍ଞ।

ବର୍ତ୍ତମାନର ଶିଳାଖଣ୍ଡ ଉପରୁ କେବଳ ଏକ ବିପନ୍ନ, ଅନିଶ୍ଚିତ ଓ ଅଶାନ୍ତ ଭବିଷ୍ୟତର ରୂପ ହିଁ ଦେଖାଯାଉଛି। ସ୍ୱାର୍ଥାନ୍ୱେଷୀ ଓ ବିସ୍ତାରବାଦୀ ଆଭିମୁଖ୍ୟ ଆହୁରି ଉଗ୍ର ହେବାକୁ ଯାଉଛି। ବିଶ୍ୱ କ୍ରମଶଃ ଯୁଦ୍ଧବିଗ୍ରହର ପଞ୍ଝା ଭିତରକୁ ଚାଲିଯାଉଛି, ପରମାଣୁ ଯୁଦ୍ଧର ଆଶଙ୍କା ଘନୀଭୂତ ହେଉଛି। ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନର କରାଳ ଛାୟା ସବୁଜ ସୁନ୍ଦର ପୃଥିବୀକୁ ଆଚ୍ଛାଦିତ କରିଚାଲିଛି। ଅନାହାର, ଦାରିଦ୍ର୍ୟ, ପ୍ରାକୃତିକ ଦୁର୍ବିପାକର ଘନଘଟା ଆହୁରି ଉତ୍କଟ ହେବାକୁ ଯାଉଛି। କୃତ୍ରିମ ବୁଦ୍ଧିମତ୍ତା ମାନବ ସଭ୍ୟତାର ସ୍ଥାୟିତ୍ୱ ପ୍ରତି ଆହ୍ୱାନ ସୃଷ୍ଟି କରିଛି। ବିଶ୍ୱର ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଅସୀମ ଆହ୍ୱାନ ଓ ଅସ୍ଥିରତାର ତାଡ଼ନା ମଧ୍ୟରେ ଗଣମାଧ୍ୟମକୁ ମାର୍ଗଦର୍ଶକ ଓ ସତର୍କଘଣ୍ଟିର ଭୂମିକା ନିର୍ବାହ କରିବାକୁ ହେବ। ଅହିଂସାର ବାର୍ତ୍ତାବହ ହୋଇ ମାନବିକତାର ପ୍ରଚାର କରିବାକୁ ପଡ଼ିବ। ପକ୍ଷବାଦୀ ହେଉ କି ନିରପେକ୍ଷ, ଗଣମାଧ୍ୟମ ଏକ ସ୍ୱଚ୍ଛ ଦର୍ପଣର ଭୂମିକା ନିର୍ବାହ ନ କଲେ ଆଗାମୀ କାଲି ଲେଖାଯିବାକୁ ଥିବା ଆଜିର ଇତିହାସରେ ଉତ୍ତରଦାୟୀ କେବଳ ଗଣମାଧ୍ୟମ ହିଁ ରହିବ।

ଏଠାରେ କର୍ମ ଓ କାଳଖଣ୍ଡର ସେହି ଅମରଜୟୀ ଉକ୍ତିଟି ଉଦ୍ଧୃତ କରିବା ପ୍ରାସଙ୍ଗିକ ହେବ - 'ସୁନ୍ଦର ଯେତିକି ଅନ୍ଧାର ସେତିକି ଏହି ଯେ ଗହନ ବନ, ତେଣୁ ତୁ ଆପଣା ସଂକଳ୍ପେ ଅଟଳ ଅଚଳ ରହ ରେ ମନ / ଆଗରେ ପଡ଼ିଛି ପଥ ବହୁଦୂର ଆହୁରି କେତେ ଯେ ବାକି, ଚାଲିବି ଚାଲିବି ନ ପଡ଼ିବି ଥକି ମୁଦିବା ଆଗରୁ ଆଖି।' ଜୀବନଯୁଦ୍ଧରେ, ପରିସ୍ଥିତିର ତାଡ଼ନାରେ, ସମୟର ପ୍ରବାହରେ କୌଣସି ଗଣମାଧ୍ୟମ ସଂସ୍ଥା ସାମୟିକ ବିରତି ନେଇପାରେ; କିନ୍ତୁ ଗଣମାଧ୍ୟମର ମୃତ୍ୟୁ ନାହିଁ। ଗଣଙ୍କର ଉପସ୍ଥିତି ଥିବା ଯାଏଁ ଗଣମାଧ୍ୟମର ଅସ୍ତିତ୍ୱକୁ ବିଲୟ କରିବାର ଶକ୍ତି କାଳର ମଧ୍ୟ ନାହିଁ, ସରକାର ଆଜି ନ ହେଲେ କାଲି ବଦଳିବା ନିଶ୍ଚିତ। ଗଣଙ୍କର ସ୍ୱର ଭାବରେ ଯାହା କିଛୁ ଲେଖାଯାଇଛି, ଲେଖି ହୋଇଯାଉଛି ତାହା ଅବିନିଶ୍ୱର ଯୁଗାନ୍ତର ପର୍ଯ୍ୟନ୍ତ। ●

ସମ୍ଭାବନାର ସେହି ଅଫୁରନ୍ତ ଆଶା ନେଇ ଆଉ ଏକ ନୂଆ ସକାଳ ଅପେକ୍ଷାରେ!

# ନିର୍ବାଚନରେ ବ୍ୟାଖ୍ୟାନ ଓ ବାସ୍ତବତା

**ଗୌରୀ ପ୍ରସାଦ ମହାପାତ୍ର**

ବିହାର ବିଧାନସଭା ନିର୍ବାଚନ ଫଳାଫଳ ଘୋଷଣା ପରେ ପୁଣି ଥରେ ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତାରେ ପ୍ରଶ୍ନଚିହ୍ନ ଲାଗିଛି। ମୁଖ୍ୟ ନିର୍ବାଚନ ଆୟୋଗଙ୍କ ନିରପେକ୍ଷତାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ଜନାଦେଶ ସର୍ବୋପରି ଓ ପ୍ରଶ୍ନାତୀତ। କିନ୍ତୁ ଜନମତକୁ ପ୍ରଭାବିତ କରିବା ପାଇଁ ଏହି ନିର୍ବାଚନରେ ଯେଭଳି ସାଧନମାନ ବ୍ୟବହାର ହେଲା, ତାହା ଭାରତୀୟ ଗଣତାନ୍ତ୍ରିକ ଓ ନିର୍ବାଚନ ଇତିହାସରେ ଏକ ନୂଆ ଅଲୋଡ଼ା ଅଧ୍ୟାୟ ଲେଖି ଦେଇଗଲା। ବିହାର ବିଧାନସଭା ଫଳାଫଳ ପରେ ବ୍ୟାଖ୍ୟାନ ସୃଷ୍ଟି ହେଲା ବିହାର ଜନତା ଲାଲୁ ପ୍ରସାଦ ଯାଦବଙ୍କ 'ଜଙ୍ଗଲରାଜ'କୁ ପ୍ରତ୍ୟାଖ୍ୟାନ କରି ନୀତୀଶ କୁମାର ନେତୃତ୍ୱାଧୀନ 'ବିକାଶର ଶାସନ'କୁ ଅଧିକ ପସନ୍ଦ କଲେ। ଏ କଥା ମଧ୍ୟ କୁହାଗଲା ଯେ ବହୁଚର୍ଚ୍ଚିତ 'ଏସ୍ଆଇଆର' ଓ 'ଭୋଟ ଚୋରି' ଅଭିଯୋଗକୁ ବିହାରବାସୀ ନାପସନ୍ଦ କରି ଜୀବନଜୀବିକାର ବାସ୍ତବତାକୁ ଗୁରୁତ୍ୱ ଦେଲେ। ବିହାର ନିର୍ବାଚନ ଫଳାଫଳ ଏତେଟା ଆଲୋଚିତ ହୋଇ ନଥା'ନ୍ତା, ଯଦି ଏହାର ପ୍ରଚ୍ଛଦପଟର ରଣକୌଶଳ ଦେଶର ସାମଗ୍ରିକ ଗଣତାନ୍ତ୍ରିକ ବ୍ୟବସ୍ଥା ଓ ନିର୍ବାଚନ ପ୍ରକ୍ରିୟାକୁ ପ୍ରଭାବିତ କରିବାର ଆଶଙ୍କା ସୃଷ୍ଟି ହୋଇନଥା'ନ୍ତା।

ଦୀର୍ଘ ପ୍ରାୟ ୨୦ ବର୍ଷ ଧରି ନୀତୀଶ କୁମାରଙ୍କ ପ୍ରତ୍ୟକ୍ଷ ଏବଂ କିଛିଦିନ ପରୋକ୍ଷ ହେପାଜତରେ ଥିବା ବିହାର ବିକାଶଧାରାର ବାସ୍ତବ ଚିତ୍ର ବିଷୟରେ ଏବେ କିଞ୍ଚିତ ଆଲୋଚନା କରିବା। ୧୯୯୧ରେ ଯୁଗାନ୍ତକାରୀ ଆର୍ଥିକ ସଂସ୍କାରକୁ ପୁଞ୍ଜି କରି ଦେଶର ଅନ୍ୟାନ୍ୟ ରାଜ୍ୟମାନେ ନିଜନିଜର ସାମାଜିକ-ଅର୍ଥନୀତିରେ ଆଖିଦୃଶିଆ ଉନ୍ନତି ଆଣିବାରେ ଅନେକାଂଶରେ ସଫଳ ହୋଇଥିଲେ ହେଁ ବିହାର ଯେ ଏହାର ବିପରୀତ ସୁଅରେ ଯାଇ ସମ୍ପୂର୍ଣ୍ଣ ଅସଫଳ ହୋଇଛି, ତାହା ଯେ କେହି ସ୍ୱୀକାର କରିବେ। ୧୯୯୧ ମସିହାରୁ ବିହାରରେ ନିଯୁକ୍ତି ହାରର ଅଭିବୃଦ୍ଧି ଅତିନଗଣ୍ୟ। ପ୍ରତିଭୂତି ବଜାରରେ ପଞ୍ଜିକୃତ କମ୍ପାନୀଙ୍କ ସଂଖ୍ୟା ବିହାରରେ ମାତ୍ର ୫। ଇଏସ୍ଆଇ ପ୍ରଦାନ କରିପାରୁଥିବା ସଂସ୍ଥାଙ୍କ ସଂଖ୍ୟା ମାତ୍ର ୯, ୨୧୭। ରାଜ୍ୟର ୯୯ ପ୍ରତିଶତ ଏମ୍ଏସ୍ଏମ୍ଇ ଅଣୁ ବା ଲଘୁ ବର୍ଗର। ମୋଟ ମାନବ ସମ୍ବଳର ମାତ୍ର ୫% ବିନିର୍ମାଣ, ୦.୫ % ବିତ୍ତୀୟ ସେବା, ୦.୪% ବୈଷୟିକ ଜ୍ଞାନକୌଶଳ, ୧%ରୁ କମ୍ ରିଟେଲ୍ ଓ ଫର୍ମା କମ୍ପାନୀରେ ନିଯୁକ୍ତ। ୨୦୨୩-୨୪ ସୁଦ୍ଧା ବିହାରରେ ମାତ୍ର ୩, ୩୮୬ କାରଖାନା ରହିଛି, ଯାହା ଦେଶର ମୋଟ ଶିଳ୍ପ ସଂସ୍ଥାର ୧.୩%। ଦେଶର ମୋଟ ଶିଳ୍ପ ଶ୍ରମିକଙ୍କ ମଧ୍ୟରେ ବିହାରୀଙ୍କ ସଂଖ୍ୟା ୦.୭୫%। ରାଜ୍ୟର ମୋଟ ଘରୋଇ ଉତ୍ପାଦରେ ସେବା କ୍ଷେତ୍ରର ଅବଦାନ ହାର ବିଯୁକ୍ତାତ୍ମକ। ବିଗତ ଦଶନ୍ଧିରେ ସେଠାରେ ମାତ୍ର ୧୩ଟି ଅତିରିକ୍ତ ଶୀତଳଭଣ୍ଡାର ପ୍ରତିଷ୍ଠା ହୋଇଛି ଏବଂ ଏବେସୁଦ୍ଧା ମାତ୍ର ୮୯୯ଟି ଖାଦ୍ୟ ପ୍ରକ୍ରିୟାକରଣ କେନ୍ଦ୍ର କାର୍ଯ୍ୟରତ।

ନୀତୀଶଙ୍କ ଶାସନାଧୀନ ବିହାର ଅର୍ଥନୀତିର ଚିତ୍ର ଆହୁରି ନୈରାଶ୍ୟଜନକ। ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟର ବିତ୍ତୀୟ ନିଅଣ୍ଟ ୯.୨ ପ୍ରତିଶତ। ମୁଣ୍ଡପିଛା ଆୟ ଦେଶରେ ସବୁଠାରୁ କମ୍। ଋଣ ଭାର ୨୦୦୫ରେ ୪୩ ହଜାର କୋଟି ଟଙ୍କା ଥିବା ବେଳେ ୨୦୨୪ ବେଳକୁ ୩, ୧୯, ୦୦୦ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ବିହାର ନିଜେ କରିଥିବା ଜାତିଗଣନା ରିପୋର୍ଟର ତଥ୍ୟାନୁଯାୟୀ ୯୪ ଲକ୍ଷ ପରିବାରର ଦୈନିକ ଆୟ ୨୦୦ ଟଙ୍କାରୁ ମଧ୍ୟ କମ୍। ୨ କୋଟି ୨୦ ଲକ୍ଷ ଲୋକ ଶ୍ରମିକ ଭାବେ କାର୍ଯ୍ୟରତ। ୯୫% ପରିବାରର ନିଜସ୍ୱ ଯାନ ନାହିଁ। ପ୍ରାୟ ୧୨ କୋଟି ଜନସଂଖ୍ୟାରୁ ମାତ୍ର ୧୦% ଦ୍ୱାଦଶ-ଉତ୍ତୀର୍ଣ୍ଣ। ପ୍ରତି ୫ ଜଣ ସ୍ନାତକଙ୍କ ମଧ୍ୟରୁ ୪ ଜଣ ବେକାର। ତେଣୁ ଯୁବବର୍ଗର ସିଂହଭାଗ ଦାଦନ।

ନିତି ଆୟୋଗର ୨୦୨୩-୨୪ ରିପୋର୍ଟ ଅନୁଯାୟୀ ଶିକ୍ଷା, ସ୍ୱାସ୍ଥ୍ୟ, ବୁଭୁକ୍ଷୁ ଓ ଦାରିଦ୍ର୍ୟ ଦୂରୀକରଣ, ଶ୍ରମ ଓ ଅର୍ଥନୈତିକ ଅଭିବୃଦ୍ଧିରେ ବିହାରର ପ୍ରଦର୍ଶନ ଦେଶରେ ସବୁଠାରୁ ନୈରାଶ୍ୟଜନକ। ୨୦ ହଜାରରୁ ଅଧିକ ସ୍କୁଲରେ ବିଜୁଳି ନାହିଁ, ୭୬ ହଜାରରୁ ଅଧିକରେ କମ୍ପ୍ୟୁଟର ନାହିଁ। ସ୍କୁଲ୍ ଡ୍ରପ୍ ଆଉଟ୍ ହାରରେ ବିହାର ଦେଶର ପ୍ରଥମ ସ୍ଥାନରେ ରହିଛି। ରାଜ୍ୟର ୯୦% ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର କିମ୍ବା ପାରାମେଡିକାଲ୍ କର୍ମୀ ନାହାନ୍ତି। ପ୍ରତି ତିନିଜଣରେ ଦୁଇଜଣ ମହିଳା ରକ୍ତହୀନତାର ଶିକାର। ମାତ୍ର ୧୧ ପ୍ରତିଶତ ଶିଶୁ ପୌଷ୍ଟିକ ଖାଦ୍ୟ ପାଉଥିବା ବେଳେ ୫ ବର୍ଷରୁ କମ୍ ୪୦% ଶିଶୁ ପୁଷ୍ଟିହୀନ ଜନିତ ବିଭିନ୍ନ ଶାରୀରିକ ବିକାରରେ ଆକ୍ରାନ୍ତ।

ନୀତୀଶଙ୍କ ଶାସିତ ବିହାରରେ ଦୁର୍ନୀତି, ମନମୁଖି କାର୍ଯ୍ୟକଳାପ, ଭ୍ରଷ୍ଟାଚାର ଏତେ ଅଧିକ ଯେ ଦୀର୍ଘ ଦଶବର୍ଷ ତଳୁ ଆରମ୍ଭ ହୋଇଥିବା ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ଏବେ ମଧ୍ୟ ନିର୍ମାଣାଧୀନ କିମ୍ବା ଭାଙ୍ଗିରୁଜି ଗଲାଣି। ଗତ ଦୁଇବର୍ଷ ମଧ୍ୟରେ ବିହାରରେ ହତ୍ୟା ଘଟଣା ୨୫% ବୃଦ୍ଧି ପାଇଛି ଏବଂ ଅପରାଧିକ କାର୍ଯ୍ୟକଳାପରେ ବିହାର ଦେଶରେ ଦ୍ୱିତୀୟ ସ୍ଥାନରେ ରହିଛି। ଏଣୁ ରାଜ୍ୟରେ ବ୍ୟବସାୟ ଆରମ୍ଭ କିମ୍ବା ଶିଳ୍ପ ପ୍ରତିଷ୍ଠା ପାଇଁ ଅଧିକାଂଶ ନିବେଶକ, ଶିଳ୍ପପତି ଓ ବ୍ୟବସାୟୀ ଅନାଗ୍ରହୀ।

କେନ୍ଦ୍ର ପରିସଂଖ୍ୟାନ ଓ ଯୋଜନା ରୂପାୟନ ମନ୍ତ୍ରଣାଳୟର ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ରିପୋର୍ଟ ଅନୁଯାୟୀ ଦେଶର ସାମଗ୍ରିକ ଶ୍ରମଶକ୍ତିରେ ବିହାର ମହିଳାଙ୍କ ଅବଦାନ ମାତ୍ର ୮.୮ ପ୍ରତିଶତ, ଯାହା ଅନ୍ୟ ରାଜ୍ୟ ତୁଳନାରେ ସର୍ବନିମ୍ନ। ଅପରପକ୍ଷରେ ରାଜ୍ୟର ମହିଳା ଶ୍ରମଶକ୍ତିର ତିନି-ଚତୁର୍ଥାଂଶ କୃଷିରେ ନିୟୋଜିତ, ଯାହା ଦେଶରେ ସର୍ବାଧିକ। ସହରାଞ୍ଚଳରେ ବେରୋଜଗାର ମହିଳାଙ୍କ ହାର ୫୨.୩%। ତେଣୁ ନୀତୀଶ କୁମାରଙ୍କ ପର୍ଯ୍ୟାୟଭିତ୍ତିକ ମୋଟ ୨ ଲକ୍ଷ ଟଙ୍କା ନଗଦ ହସ୍ତାନ୍ତର ଯୋଜନା ବିହାର ମହିଳାମାନଙ୍କୁ କେତେ ସ୍ୱାବଲମ୍ବୀ କରିପାରିବ ଏବଂ ସେମାନଙ୍କ ପରିବାରର ଗରିବୀ କେତେ ହ୍ରାସ କରିପାରିବ ତାହା ବୁଝାଇ କହିବା ଆବଶ୍ୟକ ନାହିଁ।

୨୦ ବର୍ଷର ସମୟ କିଛି କମ୍ ନୁହେଁ। ଚଳିତ ଶତାବ୍ଦୀ ଆରମ୍ଭ ବେଳକୁ ସାମାଜିକ-ଅର୍ଥନୈତିକ ମାନଦଣ୍ଡରେ ବିହାର ସହିତ ପ୍ରାୟ ସମରେଖା ଥିବା ଓଡ଼ିଶା ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି, ନିଷ୍ଠା, ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା ବଳରେ ସେହି ସମାନ ସମୟ ମଧ୍ୟରେ ଜାତୀୟସ୍ତରରେ ବିକାଶ ମଡେଲ୍‌ରେ ଉଦାହରଣୀୟ ହୋଇପାରିଛି ଏବଂ ବିଶ୍ୱସ୍ତରରେ ସମ୍ମାନିତ ହୋଇଛି। ଅଥଚ ବିହାରର ବିକାଶଧାରା ଆଜି ମଧ୍ୟ ସେହି ଜାତିବାଦରେ ସୀମିତ। ତେଣୁ ନୀତୀଶଙ୍କ ଜନକଲ୍ୟାଣମୁଖୀ କାର୍ଯ୍ୟଧାରା ଭୋଟରଙ୍କୁ ଆକୃଷ୍ଟ କରିଛି ବୋଲି ଯେଉଁ ବ୍ୟାଖ୍ୟାନ ସୃଷ୍ଟି ହୋଇଛି ତାହା କେତେ ବାସ୍ତବ ବିଚାରସାପେକ୍ଷ।

ଏହି ବ୍ୟାଖ୍ୟାନ ପଛର ବାସ୍ତବତା ହେଉଛି ଭୋଟଦାନରେ ମହିଳମାନଙ୍କର ଅଭୂତପୂର୍ବ ଯୋଗଦାନ। ଗତ ବିଧାନସଭା ନିର୍ବାଚନ ତୁଳନାରେ ଚଳିତ ଥର ବିହାର ମହିଳାଙ୍କ ଭୋଟଦାନ ହାର ୧୮% ବୃଦ୍ଧି ପାଇଛି। କିନ୍ତୁ ଏବେ ପ୍ରଶ୍ନ ଉଠୁଛି ଭୋଟଦାନରେ ମହିଳାଙ୍କ ଏହି ଆତିଶଯ୍ୟ ସ୍ୱତଃସ୍ଫୂର୍ତ୍ତ ନା ପ୍ରାୟୋଜିତ? ବିହାରରେ ମହିଳାମାନଙ୍କ ହାରାହାରି ମୁଣ୍ଡପିଛା ବାର୍ଷିକ ଆୟ ମାତ୍ର ୪୯, ୦୦୦ ଟଙ୍କା। ତେଣୁ 'ମୁଖ୍ୟମନ୍ତ୍ରୀ ମହିଳା ରୋଜଗାର ଯୋଜନା' ନାମରେ ରାଜ୍ୟର ୭୫ ଲକ୍ଷ ମହିଳାଙ୍କୁ ୨ ଲକ୍ଷ ଟଙ୍କା ଲେଖାଏଁ ପ୍ରତ୍ୟକ୍ଷ ନଗଦ ହସ୍ତାନ୍ତର ଘୋଷଣା ସେମାନଙ୍କ ଓ ସେମାନଙ୍କ ପରିବାର ସଦସ୍ୟଙ୍କ ମାନସିକତାକୁ ପ୍ରଭାବିତ କରି ଭୋଟରେ ରୂପାନ୍ତରିତ ହୋଇଥିବା ନିଶ୍ଚିତ। ଚତୁରତାର ସହିତ ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ଏହି ଯୋଜନାର କାର୍ଯ୍ୟକାରୀ ହୋଇଥିଲେ ମଧ୍ୟ ଅଭିଯୋଗ ଅନୁଯାୟୀ ଭୋଟଦାନ ପୂର୍ବଦିନ ପର୍ଯ୍ୟନ୍ତ ମହିଳାମାନଙ୍କ ଖାତାକୁ ପ୍ରଥମ ପର୍ଯ୍ୟାୟର ୧୦ ହଜାର ଟଙ୍କା ଲେଖାଏଁ ଆସୁଥିଲା। ତେଣୁ 'ନୋଟ୍ ଫର ଭୋଟ୍' ବା 'ଟଙ୍କା ବଦଳରେ ଭୋଟ' ରଣକୌଶଳଟି ବିହାରରେ ଏକପ୍ରକାର ବୈଧ ହୋଇଗଲା।

ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ଓ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟାରେ ଲୋକସଭା କିମ୍ବା କୌଣସି ରାଜ୍ୟ ବିଧାନସଭା ପୂର୍ବରୁ କେନ୍ଦ୍ର କିମ୍ବା ରାଜ୍ୟ ସରକାରମାନେ ବଜେଟ୍‌ରେ ଉଦ୍ଦେଶ୍ୟମୂଳକ ବ୍ୟୟବରାଦ କରିପାରିବେ ନାହିଁ କି ପ୍ରଭାବଶାଳୀ ଜନକଲ୍ୟାଣମୂଳକ ଯୋଜନା ଘୋଷଣା କରିପାରିବେ ନାହିଁ। ଯଦି ଏଭଳି ହୁଏ ତେବେ ଆମ ସମ୍ବିଧାନ ଦ୍ୱାରା ଅଖଣ୍ଡ କ୍ଷମତାପ୍ରାପ୍ତ ନିର୍ବାଚନ ଆୟୋଗ ଏହାକୁ ଅସିଦ୍ଧ ଘୋଷଣା କରିପାରିବେ। ଅଥଚ ବିହାର ନିର୍ବାଚନରେ ଏହା ସିଦ୍ଧ ହୋଇଗଲା କେମିତି? ଏହି ପରିପେକ୍ଷୀରେ ୧୯୮୦ ଦଶକରେ କିମ୍ବଦନ୍ତୀ କ୍ରିକେଟ୍ ତାରକା ସୁନିଲ୍ ଗାଭାସ୍କରଙ୍କ ମନ୍ତବ୍ୟର ଉଦ୍ଧୃତି ଅଧିକ ପ୍ରାସଙ୍ଗିକ ହେବ। ସେହି ସମୟରେ ଇଂଲଣ୍ଡରେ ପାକିସ୍ତାନର ତତ୍କାଳୀନ କ୍ୟାପଟେନ୍ ଇମ୍ରାନ୍ ଖାନ୍‌ଙ୍କୁ ସାମ୍ବାଦିକମାନେ ପ୍ରଶ୍ନ କଲେ- 'ଆପଣ ଭାରତର କେଉଁ ଦୁଇ ଖେଳାଳିଙ୍କୁ ନେଲେ ବିଶ୍ୱବିଜୟୀ ହୋଇପାରିବେ?' ଇମ୍ରାନ୍‌ଙ୍କ ଉତ୍ତର ଥିଲା- 'କପିଳଦେବ ଓ ସନ୍ଦୀପ ପାଟିଲ୍।' ସମାନ ପ୍ରଶ୍ନର ଉତ୍ତରରେ ଗାଭାସ୍କାର କହିଥିଲେ- 'ମୁଁ ପାକିସ୍ତାନର ଦୁଇ ଅମ୍ପାୟାରଙ୍କୁ ନେଲେ ବିଶ୍ୱବିଜୟୀ ହୋଇପାରିବି।' ଭାରତରେ ଗତ କିଛିମାସର ନିର୍ବାଚନ ଓ ଫଳାଫଳ ଧାରାକୁ ତର୍ଜମା କଲେ ଅମ୍ପାୟାରମାନଙ୍କର ପ୍ରଚ୍ଛନ୍ନ ଭୂମିକାକୁ ବୁଝିବା ଆହୁରି ପ୍ରାଞ୍ଜଳ ହେବ ଏବଂ ବିହାର ସମେତ ଅନ୍ୟାନ୍ୟ ନିର୍ବାଚନରେ ବ୍ୟାଖ୍ୟାନ-ବାସ୍ତବତା ମଧ୍ୟରେ ଥିବା ପାର୍ଥକ୍ୟର ଚିତ୍ର ଆହୁରି ଅଧିକ ସ୍ପଷ୍ଟ ହେବ। ଏଭଳି ଅମ୍ପାୟାରମାନଙ୍କ ବଶମ୍ବଦତା ଆଧାରିତ ନିର୍ବାଚନ ପରିଚାଳନା ପରମ୍ପରାଟି ଅଧିକ ସୁଦୃଢ଼ ହେଲେ ମ୍ୟାଚ୍ ଶତପ୍ରତିଶତ ଜିତାଯାଇପାରିବ; କିନ୍ତୁ ଦେଶର ଅବସ୍ଥା ପାକିସ୍ତାନ ପରି ହେବାକୁ ବେଶୀ ବିଳମ୍ବ ହେବ ନାହିଁ। ●

ଭୁବନେଶ୍ୱର, ମୋ: ୯୩୩୮୦୮୭୯୦୦

# ବଢୁଛି ଆଣ୍ଟିବାୟୋଟିକ୍ ସଙ୍କଟ

**ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁ**

ସଂପ୍ରତି ବିଶ୍ୱରେ ଚାଲିଛି ଏକ ଅସାଧାରଣ ମହାସମର। ମହାସମରଟି ପୁଣି କାହା କାହା ଭିତରେ? କିଏ ପକ୍ଷ କିଏ ପ୍ରତିପକ୍ଷ? ପକ୍ଷ ହେଉଛି ବୈଜ୍ଞାନିକମାନେ ଗବେଷଣାଗାରେ ତିଆରି କରି ଚାଲିଥିବା ନୂଆ ନୂଆ ଆଣ୍ଟିବାୟୋଟିକ ଔଷଧ ଏବଂ ପ୍ରତିପକ୍ଷ ହେଉଛନ୍ତି ରୋଗ ସୃଷ୍ଟି କରିଚାଲୁଥିବା ଜୀବାଣୁକୁଳ। କୌଣସି ପକ୍ଷ ହାର ମାନିବା ପାଇଁ ନାରାଜ। ଏହି ସମର ଯୋଗୁଁ ରୋଗୀମାନେ ସନ୍ତୁଳି ହେବାର ସୀମା ନାହିଁ। ଜୀବାଣୁମାନଙ୍କର ଏହି ବିରୋଧୀକୁ ଡାକ୍ତରୀ ଭାଷାରେ କୁହାଯାଉଛି ଆଣ୍ଟିମାଇକ୍ରୋବିଆଲ ରେଜିଷ୍ଟାନ୍ସ। ଆଣ୍ଟିବାୟୋଟିକ କବଳରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ଜୀବାଣୁମାନେ ବଦଳେଇ ଦେଉଛନ୍ତି ନିଜର ଶାରୀରିକ ଗଠନ(ବିଜ୍ଞାନର ଭାଷାରେ ଏଭଳି ରାସାୟନିକ ପରିବର୍ତ୍ତନକୁ ମ୍ୟୁଟେସନ କୁହାଯାଏ)। ବିଶ୍ୱରେ ସ୍ୱାସ୍ଥ୍ୟ ସାମର୍ଥ୍ୟ ଯେଉଁ ହାରରେ ପ୍ରଗତି ହୋଇଚାଲିଛି ତା'ଠାରୁ ଯଥେଷ୍ଟ ବେଶୀ ହାରରେ ପ୍ରସରି ଚାଲିଛି ଜୀବାଣୁ ବା ଅଣୁଜୀବମାନଙ୍କର ବିରୋଧୀ ସଂଗ୍ରାମ। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ସତର୍କ କରି ଦେଲାଣି ଯେ ଯେଉଁ ହାରରେ ନୂଆ ନୂଆ ଆଣ୍ଟିବାୟୋଟିକ ଔଷଧ ପ୍ରସ୍ତୁତ ହେଉଛି, ତା' ତୁଳନାରେ ଆଣ୍ଟିବାୟୋଟିକ ବିରୋଧିତାର ହାର ଅଧିକ ଦ୍ରୁତ।

ଆଣ୍ଟିବାୟୋଟିକ ଔଷଧମାନ ବାହାରିବାର ଆଦିକାଳରେ ଡାକ୍ତରମାନେ ହେଣ୍ଡିମାରି, ନିଶ ଫୁଲେଇ କହି ଚାଲିଲେ ଯେ ଅଣୁଜୀବମାନେ ଏବେ ଆମ କବଜାରେ, ଆମେ ବିଜୟୀ। ଜୀବାଣୁ ଜାତି ପରାଜିତ! ଏବେ କିନ୍ତୁ ଦୃଶ୍ୟପଟ ସଂପୂର୍ଣ୍ଣ ଓଲଟା। ଜୀବାଣୁମାନଙ୍କ ଆକ୍ରମଣ ଜାରି ରହିଛି। ରୋଗୀଙ୍କ ଉପରେ ଆଣ୍ଟିବାୟୋଟିକ ଔଷଧ କାଟୁକରୁନି। ବେଖାତିରିଆ ଜୀବାଣୁମାନଙ୍କ ବାହୁସ୍ଫୋଟ ଆଗରେ ମୁଣ୍ଡରେ ହାତଦେଇ ବସିଲେଣି ଚିକିତ୍ସକଗୋଷ୍ଠୀ। ବିଶ୍ୱସ୍ୱାସ୍ଥ୍ୟସଂସ୍ଥାର ଏକ ଅନୁଧ୍ୟାନ କହୁଛି ଯେ ଜୀବାଣୁ ସଂକ୍ରମିତ ପ୍ରତି ଛଅଜଣ ରୋଗୀଙ୍କ ମଧ୍ୟରୁ ଅନ୍ତତଃ ଜଣେ କୌଣସି ଆଣ୍ଟିବାୟୋଟିକ ଔଷଧ ଦ୍ୱାରା ଆରୋଗ୍ୟ ହୋଇପାରିନାହିଁ।

ତେବେ ଏପରି ସଙ୍କଟଜନକ ପରିସ୍ଥିତି ଉପୁଜିବାର କାରଣ କ'ଣ? ଏବଂ କିପରି ଅବା ତାହା କାବୁ କରାଯାଇପାରିବ? ଏହାର ପ୍ରଧାନ କାରଣ ହେଉଛି ଆଣ୍ଟିବାୟୋଟି ଔଷଧଗୁଡ଼ିକରେ ପ୍ରଚୁର ଅପବ୍ୟବହାର ଏବଂ ମାତ୍ରାଧିକ ବ୍ୟବହାର। ଏଥିପାଇଁ ଦାୟୀ ହେଉଛନ୍ତି ସ୍ୱାସ୍ଥ୍ୟସେବା ଦାୟିତ୍ୱରେ ଥିବା ବ୍ୟକ୍ତି ଓ ଜନସାଧାରଣ ଉଭୟେ। ସାଧାରଣ ସର୍ଦ୍ଦି, ଜ୍ୱର, ଫ୍ଲୁ, ଡେଙ୍ଗୁ ଓ ମ୍ୟାଲେରିଆର ଚିକିତ୍ସା କୌଣସି ଆଣ୍ଟିବାୟୋଟିକ ଆବଶ୍ୟକ କରେ ନାହିଁ। ଅଥଚ ଏହି ସବୁ ରୋଗରେ ଆଣ୍ଟିବାୟୋଟି ଔଷଧଗୁଡ଼ିକର ଅନିୟନ୍ତ୍ରିତ ବ୍ୟବହାର ଅବ୍ୟାହତ ରହିଛି। ରୋଗୀମାନେ ଡାକ୍ତରଙ୍କ ସହିତ ପରାମର୍ଶ ନ କରି ଔଷଧ ଦୋକାନରୁ କିଣି ନିର୍ବାଧରେ ଆଣ୍ଟିବାୟୋଟିକ ଔଷଧମାନ ଖାଇ ଚାଲିଛନ୍ତି। ଆପେ ଆପେ ଡାକ୍ତର ହୋଇଯାଇଥିବା ଔଷଧ ଦୋକାନୀମାନେ ମଧ୍ୟ ଡାକ୍ତରଙ୍କ ପ୍ରେସକ୍ରିପସନ ଆବଶ୍ୟକ କରୁନାହାନ୍ତି ଔଷଧ ବିକିବା ପାଇଁ। ସେହିପରି ପୂରା ସମୟ ପାଇଁ ଔଷଧ ନ ଖାଇ ଉପଶମ ମିଳିଗଲା ପରେ ଚିକିତ୍ସାର ଅଧାରୁ ଔଷଧର ବ୍ୟବହାର ବନ୍ଦ କରିଦେବା ଭାରତରେ ଆଣ୍ଟିବାୟୋଟିକ ବିରୋଧୀ ଜୀବାଣୁଗୁଡ଼ିକର ଅବାରିତ ବୃଦ୍ଧି ପାଇଁ ମୁଖ୍ୟତଃ ଦାୟୀ।

ହସପିଟାଲଗୁଡ଼ିକରେ ମଧ୍ୟ ଆଣ୍ଟିବାୟୋଟିକ ପ୍ରତି ବିରୋଧିତା ଥିବା ଜୀବାଣୁମାନେ ହାଉଯାଉ। ତେଣୁ ସଂକ୍ରମଣ ଚିକିତ୍ସା ଉଭା ହୋଇପଡ଼ିଲାଣି ଏକ ଆହ୍ୱାନ ରୂପେ। ଯେଉଁ ରୋଗମାନ ଅତି ସାଧାରଣ ଆଣ୍ଟିବାୟୋଟିକ ଔଷଧ ପ୍ରୟୋଗ ଦ୍ୱାରା ଅତି ସହଜରେ ଆରୋଗ୍ୟ ହୋଇ ଯାଉଥିଲା, ସେସବୁ ଉଚ୍ଚଶକ୍ତି ସଂପନ୍ନ ଆଣ୍ଟିବାୟୋଟିକ ତଥା ଅତ୍ୟାଧୁନିକ ଆଣ୍ଟିବାୟୋଟିକ ଔଷଧ ଦ୍ୱାରା ଆରୋଗ୍ୟ ହେଉ ନାହିଁ। ଜୀବାଣୁମାନେ ସାଧାରଣ ଆଣ୍ଟିବାୟୋଟିକ ଔଷଧଗୁଡ଼ିକ ପ୍ରତି ବିରୋଧୀ ହୋଇପଡ଼ିବା ଫଳରେ ଡାକ୍ତରମାନେ ବାରମ୍ବାର ଆଣ୍ଟିବାୟୋଟିକ ବଦଳେଇବା ପାଇଁ ବାଧ୍ୟ ହେଉଛନ୍ତି। ଫଳରେ ଜୀବାଣୁଗୁଡ଼ିକୁ ଆଣ୍ଟିବାୟୋଟିକଗୁଡ଼ିକ ପ୍ରତି ବେଶୀ ବେଶୀ ବିରୋଧୀ କରେଇ ଦେବାରେ ସହାୟକ ହେଉଛି।

ତା' ହେଲେ କ'ଣ ଏହାର ପ୍ରତିକାର? ଭାରତର ସମସ୍ୟା ହେଉଛି, ଏଠାରେ ଜନସାଧାରଣଙ୍କ ସଂଖ୍ୟାବୃଦ୍ଧିକୁ ଚାହିଁ ଯଥେଷ୍ଟ ସଂଖ୍ୟକ ହସପିଟାଲ ନାହିଁ। ଆବଶ୍ୟକତା ଅନୁପାତରେ ଚିକିତ୍ସକ ନାହାନ୍ତି। ସୁତରାଂ ଡାକ୍ତର-ରୋଗୀ ଅନୁପାତ ଅସ୍ୱାଭାବିକ ଭାବରେ ଅସନ୍ତୁଳିତ। ହସପିଟାଲର ପରିମଳ ବ୍ୟବସ୍ଥା ବଡ଼ ଅସନ୍ତୋଷଜନକ। ରୋଗୀ ସହିତ କାରବାର କରିବା ପୂର୍ବରୁ ଓ ପରେ ଭଲଭାବରେ ହାତ ଧୋଇବାର ଶୃଙ୍ଖଳାକୁ କଡ଼ାକଡ଼ି ଭାବରେ ପାଳନ ନ କରିବା ଫଳରେ ସଂକ୍ରମଣ ହାର ଦ୍ରୁତ ହେଉଛି। ସ୍ୱାସ୍ଥ୍ୟକର୍ମୀମାନେ ଏଥିପ୍ରତି ସତତ ସଚେତନ ରହିଲେ ଆଣ୍ଟିବାୟୋଟିକ ବିରୋଧିତାକୁ ବହୁଳାଂଶରେ ନିବାରିତ କରାଯାଇପାରିବ। ତା'ଛଡ଼ା ଆଣ୍ଟିବାୟୋଟିକ ବିରୋଧୀ ଜୀବାଣୁମାନଙ୍କ ଦ୍ୱାରା ସଂକ୍ରମିତ ରୋଗୀଙ୍କୁ ପୃଥକୀକରଣ କରାଇ ସ୍ୱତନ୍ତ୍ର ୱାର୍ଡରେ ରଖି ଚିକିତ୍ସା କରିବା ଉପରେ ମଧ୍ୟ ଗୁରୁତ୍ୱ ପ୍ରଦାନ କରାଯିବା ଉଚିତ। ହସପିଟାଲରେ ସଂକ୍ରମଣରେ ପ୍ରସାରକୁ ରୋକିବା ପାଇଁ ରୋଗୀର ଶଯ୍ୟା, ବେଡସିଟ୍, କମ୍ବଳ, ରୋଗୀ ଚିକିତ୍ସାରେ ବ୍ୟବହୃତ ନାନା ଉପକରଣକୁ ଯେତେଦୂର ସମ୍ଭବ ଜୀବାଣୁମୁକ୍ତ ରଖାଯାଇପାରିବ ଆଣ୍ଟିବାୟୋଟିକ ବିରୋଧତାକୁ ସେତେ ପରିମାଣରେ ହ୍ରାସ କରାଯାଇ ପାରିବ। ଏ ସଂପର୍କରେ ଜନସାଧାରଣ, ସ୍ୱାସ୍ଥ୍ୟକର୍ମୀ, ଔଷଧ ଦୋକାନୀ, ରୋଗୀ, ଫାର୍ମାସିଷ୍ଟ, ନର୍ସ ଓ ଡାକ୍ତରମାନେ ସଚେତନ ନ ରହିଲେ ଆଣ୍ଟିବାୟୋଟିକ ବିରୋଧିତା ବିରୁଦ୍ଧରେ ସଂଗ୍ରାମ ଆଦୌ ସଫଳ ହୋଇପାରିବନି।

ସମ୍ପ୍ରତି ଭାରତ ଏ ଦିଗରେ ଅନ୍ତର୍ଜାତୀୟ ସହଯୋଗ ଲୋଡ଼ିବା, ଆଣ୍ଟିବାୟୋଟିକ ପ୍ରସ୍ତୁତି ସଂପର୍କରେ ଗବେଷଣା କରିବା, ନୂତନ ପିଢ଼ିର ଆଣ୍ଟିବାୟୋଟିକ ତିଆରି କରିବା ଇତ୍ୟାଦି ପାଇଁ ଭାରତର ପ୍ରଚେଷ୍ଟା ବେଶ୍ ଉତ୍ସାହଜନକ।। ତେବେ ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବାର ଆବଶ୍ୟକତାକୁ ଅସ୍ୱୀକାର କରାଯାଇ ପାରିବନି କି ଏଥିରେ କୌଣସି ପ୍ରକାରର ଅବହେଳା ଆଦୌ ବାଞ୍ଛନୀୟ ନୁହେଁ। ବେଳହୁଁ କଠୋର ପଦକ୍ଷେପ ଗ୍ରହଣ ନ କଲେ ଆଣ୍ଟିବାୟୋଟିକ ବିରୋଧିତା ଏକ ବିରାଟ ସମସ୍ୟା ରୂପେ ଉଭାହେବ। ଏ କ୍ଷେତ୍ରରେ ଦଣ୍ଡବିଧାନକୁ କଡ଼ାକଡ଼ି କରିବାକୁ ପଡ଼ିବ। ●

କଟକ, ମୋ: ୯୪୩୭୭୬୬୧୧୭

# ଆମ ବୃକ୍ଷଲତା ଆମ ଜୀବନ

**ସୌଭାଗ୍ୟସୁନ୍ଦର**

## ତୁଳସୀ
Holy Basil-Ocimum tenuiflorum

ପ୍ରକୃତି-ପରିବେଶ

ତୁଳସୀ ଭାରତୀୟ ଉପମହାଦେଶର ମୂଳଜାତ ଉଦ୍ଭିଦ ଏବଂ ସମଗ୍ର ଦକ୍ଷିଣ-ପୂର୍ବ ଏସିଆରେ ବଢ଼ିଥାଏ। ଏହା ଆମେରିକାର ଅନେକ ଉଷ୍ଣମଣ୍ଡଳୀୟ ଅଞ୍ଚଳରେ ମଧ୍ୟ ପ୍ରାକୃତିକୀକରଣ ହୋଇସାରିଛି। ଔଷଧୀ ତଥା ଧାର୍ମିକ ବିଶେଷତ୍ୱ ଦୃଷ୍ଟିରୁ ତୁଳସୀ ସାଧାରଣତଃ ଏକ ବହୁଆଦୃତ ଉଦ୍ଭିଦ। ତୁଳସୀର ଶହେରୁ ଅଧିକ ପ୍ରକାରର ଉପଜାତି ଅଛି। କିନ୍ତୁ ଦୁଇଟି ସାଧାରଣ ଉପଜାତିର ନାମ ହେଉଛି ରାମ ତୁଳସୀ, ଯାହା ଧଳା ଏବଂ ସବୁଜ ଏବଂ ଶ୍ୟାମ ତୁଳସୀ, ଯାହା ଗାଢ଼ ଗୋଲାପୀ-ବାଇଗଣୀ। ତୁଳସୀର ଅନ୍ୟ ଲୋକପ୍ରିୟ ପ୍ରକାର ହେଉଛି କୃଷ୍ଣ ତୁଳସୀ, ବଣ ତୁଳସୀ, କର୍ପୁର ତୁଳସୀ ଇତ୍ୟାଦି।

ଆୟୁର୍ବେଦ ଜଡ଼ିବୁଟିର 'ରାଣୀ' ଭାବରେ ଜଣାଶୁଣା ତୁଳସୀକୁ ସାଧାରଣତଃ ପବିତ୍ରତା, ଭକ୍ତି ଏବଂ ଅନନ୍ତ ଜୀବନର ପ୍ରତୀକ ଭାବରେ ବିବେଚନା କରାଯାଏ। ହିନ୍ଦୁ ପରମ୍ପରାରେ ତୁଳସୀ ଗଛ ଦେବୀ ତୁଳସୀ କିମ୍ବା ବୃନ୍ଦାଙ୍କ ଏକ ଭୌତିକ ଅବତାର, ଯାହାଙ୍କ ଉପସ୍ଥିତି ଆଶୀର୍ବାଦ, ଆଧ୍ୟାତ୍ମିକ ଶକ୍ତି ଓ ସୁରକ୍ଷା ପ୍ରଦାନ କରେ। ତୁଳସୀ ବାତାବରଣକୁ ପବିତ୍ର, ନକାରାତ୍ମକତାକୁ ଦୂର ଏବଂ ଉଭୟ ଶାରୀରିକ ଓ ମାନସିକ ଆରୋଗ୍ୟ ପ୍ରଦାନ କରେ। ଘରେ ଘରେ ପୂଜା ପାଉଥିବା ଉଦ୍ଭିଦ ମଧ୍ୟରେ ତୁଳସୀର ସ୍ଥାନ ସର୍ବାଗ୍ରେ। ଆୟୁର୍ବେଦ ଓ ସିଦ୍ଧ ଚିକିତ୍ସାରେ ବାହ୍ୟ ଓ ଆଭ୍ୟନ୍ତରୀଣ ଶରୀରକୁ ସଫା କରିବା ପାଇଁ ତୁଳସୀ ବ୍ୟବହାର କରାଯାଏ। ଏହା କୋଷ, ଟିସୁଗୁଡ଼ିକର ପ୍ରାକୃତିକ ସୁରକ୍ଷାକାରୀ ଭାବରେ କାର୍ଯ୍ୟ କରେ। ଏହା ବାୟୁ ପ୍ରଦୂଷକ, ଭାରୀ ଧାତୁ, ଶାରୀରିକ ଚାପ, ଇସ୍କେମିଆ (କ୍ଷୁବ୍ଧ ରକ୍ତ ସଞ୍ଚାଳନ), ଥଣ୍ଡା, ଗରମ ଓ ଅତ୍ୟଧିକ ଶବ୍ଦ ଇତ୍ୟାଦି କାରଣ ଦ୍ୱାରା ସୃଷ୍ଟ ଚାପରୁ ରକ୍ଷା କରେ। ଚର୍ମ ସଂକ୍ରମଣ, କ୍ଷତ, ବ୍ରଣ, ଅନ୍ୟାନ୍ୟ ଚର୍ମ ଜ୍ୱଳନ, କାଶ, ଥଣ୍ଡା, ରକ୍ତସ୍ରାବ, ମଧୁମେହ, ଜ୍ୱର ଓ କର୍କଟ ନିବାରଣ ପାଇଁ ଏବଂ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ତୁଳସୀ ଉତ୍ତମ ଘରୋଇ ଉପଚାର। ଏଥିରେ ଆଣ୍ଟିବ୍ୟାକ୍ଟେରିଆଲ୍, ଆଣ୍ଟିଭାଇରାଲ୍ ବା ଭୂତାଣୁ ରୋଧୀ, ଆଣ୍ଟିଫଙ୍ଗାଲ୍(ପ୍ରଦାହରୋଧୀ) ଓ ଆନାଲ୍ଜେସିକ୍ (ବ୍ୟଥାନାଶକ) ଗୁଣ ରହିଛି। ଏଥିସହିତ ତୁଳସୀ ଗଛରେ ଟ୍ୟାନିନ୍, ଫ୍ଲାଭୋନଏଡ୍ସ, ୟୁଜେନୋଲ୍, ବିଟା-ଏଲିମେନ୍, ଟର୍ପେନ୍ସ, ଜର୍ମାକ୍ରେନ୍, କାରିଓଫାଇଲିନ୍, କାରଭାକ୍ରୋଲ୍, ଲିନାଲୁଲ୍, କର୍ପୁର ଓ ସିନାମିଲ୍ ଆସେଟେଟ୍ ସମେତ ବିଭିନ୍ନ ଫାଇଟୋକେମିକାଲ୍ସ ଆଦି ୬୦ ରୁ ଅଧିକ ବିଭିନ୍ନ ସୁଗନ୍ଧ ଯୁକ୍ତ ଯୌଗିକ ଜୈବ ରାସାୟନିକ ଉପାଦାନ ରହିଛି। ସ୍ୱାଦ ବୃଦ୍ଧି କରିବା ପାଇଁ ଯେକୌଣସି ଉପାଦାନରେ ତୁଳସୀ ପତ୍ର ବ୍ୟବହୃତ ହୁଏ। ତୁଳସୀ ଅତ୍ୟାବଶ୍ୟକୀୟ ତେଲର ଏକ ସାଧାରଣ ଉତ୍ସ, ଯାହା ୦.୨ ରୁ ୫.୨୨% ପର୍ଯ୍ୟନ୍ତ ଏହି ଉପକାରୀ ଉପାଦାନ ପ୍ରଦାନ କରେ। ସୁଗନ୍ଧିତ ଅତ୍ୟାବଶ୍ୟକୀୟ ତେଲ ଏବଂ ପଲିଫେନୋଲଗୁଡ଼ିକ ସ୍ୱାଦ, ସୁଗନ୍ଧ, ପ୍ରସାଧନ ସାମଗ୍ରୀ, ଆରୋମାଥେରାପି ଓ ଔଷଧ ଓ କୀଟନାଶକ ଉତ୍ପାଦନ ଶିଳ୍ପରେ ବ୍ୟବହୃତ ହୁଏ।

ଉତ୍ତର ପ୍ରଦେଶରେ ପବିତ୍ର ତୀର୍ଥକ୍ଷେତ୍ର ବୃନ୍ଦାବନ, ଓଡ଼ିଶାର କେନ୍ଦ୍ରାପଡ଼ା ବଳଦେବଜିଉ ସମେତ ଭାରତର ଅନେକ ଧାର୍ମିକ କ୍ଷେତ୍ରରେ ତୁଳସୀ ମନ୍ଦିରମାନ ଶୋଭା ପାଏ। ପ୍ରାୟତଃ ଏକ ଉତ୍ସର୍ଗୀକୃତ ଚାରିପାଖିଆ ଚଉଁରାରେ ଅଗଣାରେ, ସକାଳୁଆ ସୂର୍ଯ୍ୟ କିରଣ ପହଞ୍ଚ ଯାଗାରେ ସ୍ଥାପନା କରାଯାଏ। ଏହି ଉଦ୍ଭିଦଟି ଭଗବାନ ବିଷ୍ଣୁଙ୍କ ଅବତାର କୃଷ୍ଣ, ଜଗନ୍ନାଥଙ୍କ ପାଇଁ ବିଶେଷ ଭାବରେ ପବିତ୍ର; ବୈଷ୍ଣବ (ବିଷ୍ଣୁଙ୍କ ଭକ୍ତ) ମାନେ ଗଳାରେ ପବିତ୍ର ତୁଳସୀ କାଠ ମଣିର ଏକ ମାଳା ପିନ୍ଧନ୍ତି। କାର୍ତ୍ତିକ ମାସରେ ସନ୍ଧ୍ୟାରେ ଦୀପ ଜାଳିବା ସହିତ ତୁଳସୀ ଗଛ ମୂଳରେ ପୂଜା କରାଯାଏ। ହିନ୍ଦୁ ବିବାହ ଋତୁର ଆରମ୍ଭ ତୁଳସୀ ବିବାହ ନାମରେ ଜଣାଶୁଣା ଏକ ପର୍ବ ଦ୍ୱାରା ହୁଏ, ଯେଉଁଠାରେ ଘର ଓ ମନ୍ଦିରଗୁଡ଼ିକରେ ପବିତ୍ର ତୁଳସୀକୁ ବିଷ୍ଣୁଙ୍କ ସହିତ ବିବାହ କରାଯାଏ। ମୃତକଙ୍କ ଆତ୍ମାକୁ ଶାନ୍ତ କରିବା ପାଇଁ ପ୍ରାୟତଃ ତୁଳସୀ ପତ୍ର ମିଶା ଜଳ ଦିଆଯାଏ ଏବଂ ଶବଦାହରେ ସାଧାରଣତଃ ପବିତ୍ର ତୁଳସୀ ଡାଳ ଲଗାଯାଇଥାଏ, ଯାହା ଦ୍ୱାରା ମୃତକ ମୋକ୍ଷ ପାଇପାରିବେ ବୋଲି ବିଶ୍ୱାସ ରହିଛି।

ଏହା ଆର୍ଦ୍ର, ଭଲ ଜଳ ନିଷ୍କାସନ ହୋଇଥିବା ମାଟିରେ ପୂର୍ଣ୍ଣ ସୂର୍ଯ୍ୟକିରଣ ଲାଭ ଯାଗାରେ ବଢ଼ିବାକୁ ପସନ୍ଦ କରେ। ଏହା ବିଭିନ୍ନ ପ୍ରକାରର ମାଟି ଏବଂ ଅମ୍ଳତା ଅବସ୍ଥାକୁ ସହ୍ୟ କରେ, କିନ୍ତୁ ଜଳବନ୍ଦୀ ମାଟି ବିପରୀତ ପ୍ରଭାବ ପକାଏ। ଜାପାନୀ ପୋକମାନେ ପତ୍ରକୁ କଙ୍କାଳ କରି ନଷ୍ଟ କରିପାରନ୍ତି। ହାତରେ ସେଗୁଡ଼ିକୁ କାଢ଼ି ଅଲଗା କରି ଗଛକୁ ମୁକ୍ତ ରଖିବାକୁ ହେବ। ଏହାକୁ କିଛି ଅଞ୍ଚଳରେ ଏକ ଅନାବନା ତଥା ଆକ୍ରମଣକାରୀ ଜାତୀୟ ଉଦ୍ଭିଦ ଭାବରେ ବିବେଚନା କରାଯାଏ। ●

ଭୁବନେଶ୍ୱର, ମୋ: ୯୪୩୭୧୯୦୪୨୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧-'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨- ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩-'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪- ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫-ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬-ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭- 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଅବଶିଷ୍ଟାଂଶ

### ବିରୋଧୀଙ୍କ ହାତରେ...

ସରକାର କହିଛନ୍ତି ଯେ ଶୀତକାଳୀନ ଅଧିବେଶନରେ ଏହା ଉପରେ ଆଲୋଚନା ସଂସଦର ଏଜେଣ୍ଡାରେ ନାହିଁ। ତେବେ ଗୃହ ପରିଚାଳନା କମିଟି ଏହା ଉପରେ କେବଳ ନିଷ୍ପତ୍ତି ନେଇ ପାରିବ। ସର୍ବଦଳୀୟ ବୈଠକ ପରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ଯେ ଆଜିର ବୈଠକ ସକରାତ୍ମକ ଓ ଗଠନମୂଳକ ରହିଥିଲା। ୩୬ଟି ଦଳର ୫୦ ଜଣ ନେତା ଏହି ବୈଠକରେ ଉପସ୍ଥିତ ଥିଲେ। ଏସଆଇଆର ଉପରେ ଆଲୋଚନା ପାଇଁ ଅଧିକାଂଶ ବିରୋଧୀ ଦଳ ଦାବି କରିଛନ୍ତି। କିନ୍ତୁ ଏହାକୁ ନେଇ ସଂସଦକୁ ଅଚଳ କରିବା ଲାଗି କୌଣସି ଦଳ କହି ନାହାନ୍ତି। ତେବେ ଏସଂପର୍କରେ କେବଳ ଗୃହ ପରିଚାଳନା କମିଟି ହିଁ ନିଷ୍ପତ୍ତି ନେଇପାରିବ। ସୁରୁଖୁରୁ ଭାବେ ସଂସଦ ଚଳାଇବାରେ ସହଯୋଗ କରିବା ଲାଗି ସମସ୍ତ ଦଳଙ୍କୁ ସେ ଅନୁରୋଧ କରିଛନ୍ତି। ବିରୋଧୀ ଦଳମାନଙ୍କ ସହିତ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି। କିନ୍ତୁ କୌଣସି ନିର୍ଦ୍ଦିଷ୍ଟ ପ୍ରସଙ୍ଗରେ ଅସହମତିକୁ ନେଇ ଗୃହ କାର୍ଯ୍ୟରେ ବାଧା ଦେବା ଦେବା ଠିକ୍ ହେବନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ କଂଗ୍ରେସ ସାଂସଦ ପ୍ରମୋଦ ତିୱାରୀ, ସମାଜବାଦୀ ନତା ରାମ ଗୋପାଳ ଯାଦବ ଏବଂ ସିପିଏମ୍ ସାଂସଦ ଜନ୍ ବ୍ରିଟାସ୍ କହିଲେ ଯେ ପ୍ରାୟ ସମସ୍ତ ବିରୋଧୀ ଦଳ ଏସ୍ଆଇଆର ଉପରେ ଆଲୋନା କରିବାକୁ ଦାବି କରିଛନ୍ତି। ଏସ୍ଆଇଆର ପ୍ରକ୍ରିୟା ସାରିବା ଲାଗି ନିର୍ବାଚନ କମିସନ ସମୟସୀମାକୁ ଆହୁରି ୭ ଦିନ ବୃଦ୍ଧି କରିଛନ୍ତି। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଏସଆଇଆରକୁ ନେଇ ସବୁକିଛି ଠିକ୍ ଠାକ୍ ଚାଲିନାହିଁ। ତୃଣମୂଳ କଂଗ୍ରେସ ନେତା କଲ୍ୟାଣ ବାନାର୍ଜୀ ଉଭୟ ସରକାର ଏବଂ ନିର୍ବାଚନ କମିସନଙ୍କର ତୀବ୍ର ସମାଲୋଚନା କରି କହିଛନ୍ତି ଯେ ବୁଥ ସ୍ତରୀୟ ଅଧିକାରୀଙ୍କ ମୃତ୍ୟୁ ଏକ ଉଦବେଗଜନକ ଘଟଣା। ତେଣୁ ସଂସଦରେ ଏହା ଉପରେ ଆଲୋଚନା ହେବା ଜରୁରି। ଭୋଟର ତାଲିକାରେ ନାମ ଯୋଡ଼ିବା ଅପେକ୍ଷା ନାମ କାଟିବାରେ ବ୍ୟସ୍ତ ଅଛନ୍ତି କମିସନ୍। ଏହା ଉପରେ ଆଲୋଚନା କରିବାକୁ ସରକାର କାହିଁକି ଡରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ସଂସଦରେ ଦିଲ୍ଲୀ ବିସ୍ଫୋରଣ ଏବଂ ଭାରତର ବୈଦେଶିକ ନୀତି ଉପରେ ଆଲୋଚନା କରିବାକୁ ବିରୋଧୀ ନେତାମାନେ ଦାବି କରିଥିବା ଜଣାପଡ଼ିଛି। ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଅଧିବେଶନରେ ସରକାର ୧୪ଟି ବିଲ୍ ଆଗତ କରିବାକୁ ଯୋଜନା କରିଛନ୍ତି। ଏହି ଅଧିବେଶନରେ ମାତ୍ର ୧୫ ଦିନ ବୈଠକ ହେବ।

### ସ୍ୱର ଶାଣିତ...

ସ୍ୱର ଉତ୍ତୋଳନ କରିବ। ରବିବାର ସଂସଦ ଭବନ ପରିସରରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ମଧ୍ୟ ବିଜେଡି ଏହି ପ୍ରସଙ୍ଗ ଉଠାଇଛି। ବିଜେଡି ସାଂସଦ ସସ୍ମିତ ପାତ୍ର କହିଛନ୍ତି ଯେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁଯାୟୀ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଥିବା ଅଧିବେଶନରେ ବିଜେଡି ରାଜ୍ୟବାସୀଙ୍କ ଦାବିକୁ ଉତ୍ଥାପନ କରିବ। ଦରଦାମ ବୃଦ୍ଧି, ବେକାରୀ, ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦାବି, ମହିଳା ଓ ଶିଶୁଙ୍କ ବିରୋଧରେ ବଢୁଥିବା ଅପରାଧ, ଆଇନ ଶୃଙ୍ଖଳା ପରିସ୍ଥିତି ଏବଂ ପୁଲିସ ନିଯୁକ୍ତି ଦୁର୍ନୀତି ଭଳି ପ୍ରସଙ୍ଗ ରହିଛି। ସେହିପରି ମହାନଦୀ ଏବଂ ପୋଲାଭରମ ଭଳି ସମସ୍ୟାର ଏଯାବତ୍ ସମାଧାନ ହୋଇପାରି ନାହିଁ। ଏତଦ୍ ବ୍ୟତୀତ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମଏସପି)କୁ ଦୁଇଗୁଣା କରିବା, କୋଇଲା ଓ ସବୁଜ କର ବୃଦ୍ଧି, ରାଜ୍ୟରେ ୩ଟି ସ୍ଥାନ ଯଥା ସମ୍ବଲପୁର, ବାଲେଶ୍ୱର ଓ କୋରାପୁଟରେ ନୂଆ ଏମ୍ସ ହସ୍ପିଟାଲ ପ୍ରତିଷ୍ଠା ପାଇଁ ବିଜେଡି ଦୃଢ଼ ଭାବେ ଦାବି ରଖିବ। ପୁନଶ୍ଚ ୧୩୯ ସମ୍ପ୍ରଦାୟଙ୍କୁ ଏସ୍ଟି ତାଲିକାରେ ସାମିଲ, ହୋ, ମୁଣ୍ଡା, ଭୂମିଜ ଓ ସୌରା ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ, କେନ୍ଦୁପତ୍ର ଉପରୁ ସମ୍ପୂର୍ଣ୍ଣ ଜିଏସଟି ଛାଡ଼, ରେଳ ଏବଂ ମୋବାଇଲ ସଂଯୋଗୀକରଣ ବୃଦ୍ଧି ଏବଂ ଉପକୂଳ ଜାତୀୟ ରାଜପଥ ଓ ଉପକୂଳ ରାଜପଥର ଉନ୍ନତି ଆଦି ଦାବିକୁ ବିଜେଡି ପ୍ରାଧାନ୍ୟ ଦେବ ବୋଲି ଡ. ପାତ୍ର କହିଛନ୍ତି। ଗତ ୨୦୨୪ ଲୋକସଭା ଏବଂ ବିଧାନସଭା ନିର୍ବାଚନକୁ ନେଇ ବିଜୁ ଜନତା ଦଳ ଦ୍ୱାରା ବାରମ୍ବାର କରାଯାଇଥିବା ଦାବି ଉପରେ ଭାରତର ନିର୍ବାଚନ କମିଶନଙ୍କ ନିରବତା ଉପରେ ଆଲୋଚନା ହେବା ଆବଶ୍ୟକ। ୨୦୨୪ ଲୋକସଭା ଏବଂ ବିଧାନସଭା ନିର୍ବାଚନରେ ମତଦାନରେ ବ୍ୟାପକ ବ୍ୟବଧାନ କାହିଁକି ଘଟିଲା, ମତଦାନ ପ୍ରକ୍ରିୟା ପାଇଁ ଦିନ ଶେଷ ହେବା ପରେ ମଧ୍ୟ ମତଦାନରେ ତୀବ୍ର ବୃଦ୍ଧି କିପରି ଦେଖାଦେଲା, ତାହା ସ୍ପଷ୍ଟ ହୋଇପାରିବ। ଆମେ ଅନେକ ଥର ଏନେଇ ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ହୋଇଛୁ। ଏପରିକି ନୂଆପଡ଼ା ଉପ ନିର୍ବାଚନରେ ମଧ୍ୟ ମତଦାନ ପ୍ରକ୍ରିୟା ସମୟରେ ବଡ଼ ଧରଣର ଅନିୟମିତତା ଘଟିଛି ବୋଲି ସେ କହିଛନ୍ତି।

### ଆଡ଼ବାୟା ପ୍ରଶାସନ...

କୁକୁରଙ୍କୁ ନେଇ ସୁପ୍ରିମକୋର୍ଟ ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ଏହି ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବା ନିମନ୍ତେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ କିଛି ନିଷ୍ପତ୍ତି ନିଆଯାଇଥିଲା। ଏହାମଧ୍ୟରେ ସବୁ ଅଙ୍ଗନବାଡ଼ି କେନ୍ଦ୍ର ଚାରିପଟେ ପାଚେରୀ ନିର୍ମାଣ ଓ ଫାଟକ ଲଗାଇବା ପାଇଁ ମଧ୍ୟ ନିଷ୍ପତ୍ତି ହୋଇଥିଲା। ଏହା ସହ କୁକୁର କାମୁଡ଼ିଲେ ପ୍ରାଥମିକ ଚିକିତ୍ସା ସଂକ୍ରାନ୍ତ ସଚେତନତା କାର୍ଯ୍ୟକ୍ରମ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ନିର୍ଦ୍ଦେଶନାମାକୁ ଗୁରୁତର ସହ ନେଇ କାର୍ଯ୍ୟକାରୀ କରିବାକୁ ଜିଲ୍ଲାପାଳମାନଙ୍କୁ ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶ ଦେଇଛି।

କୌତୂହଳର ବିଷୟ ହେଉଛି ଗତ ୨୯ ତାରିଖରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିଧାନସଭାରେ ଏନେଇ ଏକ ତଥ୍ୟ ରଖିଥିଲେ। ରାଜ୍ୟରେ ସମୁଦାୟ ୭୪୨୨୪ ଗୋଟି ଅଙ୍ଗନୱାଡି କେନ୍ଦ୍ର ଥିବାବେଳେ ୨୦୧୫୦ ଗୋଟି ଅଙ୍ଗନୱାଡି କେନ୍ଦ୍ରର ନିଜସ୍ୱ ଗୃହ ନାହିଁ। ୪୫୭୪ଟି ଅଙ୍ଗନବାଡି ସ୍କୁଲ ଘରେ ଚାଲୁଥିବା ବେଳେ ୧୦୪୬୯ଟି ଅଙ୍ଗନବାଡି କମ୍ୟୁନିଟି ସେଣ୍ଟରରେ ଚାଲୁଛି। ୩୮୯୦ଟି ଅଙ୍ଗନବାଡି ଭଡ଼ାଘରେ ଚାଲୁଛି। ଏପରିସ୍ଥଳେ ମୁଖ୍ୟ ସଚିବ ଫାଟକ ଓ ପାଚେରୀ ସଂକ୍ରାନ୍ତ ନିର୍ଦ୍ଦେଶ ଯେ ବାସ୍ତବିକ ଭାବେ କ୍ଷେତ୍ରସ୍ତରରେ କାର୍ଯ୍ୟକାରୀ ହୋଇପାରିବ, ତାହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

### ଆଜି ଦୌଡ଼ିବ...

ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ। ପୂର୍ବରୁ ଜିଲ୍ଲାସ୍ତରରେ ଅନୁଷ୍ଠିତ ଉଭୟ ବରିଷ୍ଠ ଓ କନିଷ୍ଠ ବର୍ଗ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ପ୍ରତ୍ୟେକ ଜିଲ୍ଲାରୁ ଶ୍ରେଷ୍ଠ ବିବେଚିତ ପ୍ରତିଯୋଗୀଙ୍କୁ ନେଇ ଭୁବନେଶ୍ୱରରେ ଅନୁଷ୍ଠିତ ହେବ ରାଜ୍ୟସ୍ତରୀୟ ବିତର୍କ ପ୍ରତିଯୋଗିତା। ସ୍ଥାନୀୟ ଗୀତଗୋବିନ୍ଦ ସଦନରେ ସକାଳ ୧୦ଟାରୁ ଏହି ପ୍ରତିଯୋଗିତା ଆରମ୍ଭ ହେବ। ଶେଷରେ ବିତର୍କରେ ଶ୍ରେଷ୍ଠ ବିବେଚିତ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ।


ADMISSION NOTICE-2025-26
**Manjari Devi College**
Affiliated to Utkal University, OUHS, PCI, OSBP & DMLT/RTEB
Campus:
262, Puranpadhan, Balakati, Bhubaneswar
Mob. 7019799641, 7978608747
9853801459
Email: mdscnbbsr@gmail.com
• **B. Pharm** Rs. 58,000/- P.A. Eligibility: +2 Sc. (PCB/M & OJEE Appeared)
• **D. Pharm** Rs. 48,000/- P.A. Eligibility: +2 Sc. (PCB/M)
• **B.M.L.T.** Rs. 58,000/- P.A. Eligibility: +2 Sc. (PCB/M with 50 % Mark)
• **D.M.L.T.** Rs. 48,000/- P.A. Eligibility: +2 Sc. Pass (PCB/M)
• **M.P.H.** Rs. 42,000/- P.A. Eligibility: Any Graguate
ALL COURSE FEES ARE EXCLUDING HOSTEL


**ନୋଟିସ୍**

ବାରିପଦା ଏକ୍ଜିକ୍ୟୁଟିଭ ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ତାରିଖ ୨୮.୧୧.୨୦୨୫ରେ ଶପଥ ଗ୍ରହଣ କରାଯାଇଥିବା ଏକ ସତ୍ୟପାଠ (ସମୀକ୍ଷା ପତ୍ର) ମୁଁ, ସୁଶାନ୍ତି ମାଣ୍ଡି, ଠିକଣା - ଜନାର୍ଦ୍ଦନପୁର, ୱାର୍ଡ ନମ୍ବର- ୨୨, ପୋଷ୍ଟ - କଇଁଫୁଲିଆ, ଥାନା- ଭଞ୍ଜପୁର, ଜିଲ୍ଲା- ମୟୂରଭଞ୍ଜ, ପିନ୍ - ୭୫୭୧୦୭, ଓଡ଼ିଶା, ଘୋଷଣା କରୁଛି ଯେ, ମୁଁ ମୋର ନାମ ସୁଶାନ୍ତି ମାରାଣ୍ଡିରୁ ସୁଶାନ୍ତି ମାଣ୍ଡିକୁ ପରିବର୍ତ୍ତନ କରିଛି। ବର୍ତ୍ତମାନ ଠାରୁ, ମୁଁ ସମସ୍ତ ଉଦ୍ଦେଶ୍ୟରେ ସୁଶାନ୍ତି ମାଣ୍ଡି ଭାବରେ ପରିଚିତ ହେବି।

ସୁଶାନ୍ତି ମାଣ୍ଡି

**AFFIDAVIT**

By virtue of an affidavit sworn before executive Magistrate Dhamnagar, dated 24/11/2025. I,Firdous Quadri Address At-Mustafapur, PO-Dobal, PS-Dhamnagar, Dist-Bhadrak, PIN-756117,State-Odisha declare that I have changed my name from Firdosh Kadri to Firdous Quadri. Henceforth, I shall be known as Firdous Quadri for all purposes.

(Firdous Quadri)

**AFFIDAVIT**

I, Sheikh Ajam Uddin, S/o-Sheikh Najim Uddin, resident of At- Panasapada, P.O - Mohiuddinpur, P.S/Dist-Jagatsinghpur, Pin-754103, Odisha declare by this affidavit No. C.N-24 -15/11/2025 that now onwards I shall be known as Sheikh Azam Uddin for all future purposes.

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION,DEOGARH.**
E-mail:- eerw_deogarh@yahoo.co.in

O-1607

**1st Corrigendum to TCN No.SERWDGH-Online- 08 of 2025-26 dtd.17.11.2025**

In partial modification to this office Tender Call Notice No.08/2025-26 invited this office letter no.3692 dtd.17.11.2025, the date & time of availability of tender on online for bidding and date & time of opening of tender have been re-scheduled as follows.

(1) Period and time of availability of the bid documents dated 30.11.2025 to 09.12.2025 up to 5.00 PM instead of dated 21.11.2025 11.00 A.M to 28.11.2025 up to 5.00 PM.

(2) Date and time of Opening of tender on dated 11.12.2025 at 11.00 AM instead of 29.11.2025 at 11.00 AM

N.B- Other term & conditions of the TCN are remain unchanged.

Superintending Engineer
R.W. Division, Deogarh

OIPR-25087/11/0022/2526


'ସକାଳ' ଖବରକାଗଜର ୫ମ ସ୍ୱନକ୍ଷତ୍ର ଉତ୍ସବ
ଅବସରରେ ଶୁଭେଚ୍ଛା ଓ ଶୁଭକାମନା
ଶୁଭେଚ୍ଛା ସହ :-
ନିୟନ୍ତ୍ରିତ ବଜାର କମିଟି, ଜଗତସିଂହପୁର
ସ୍ୱା/- ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ଜଗତସିଂହପୁର
ସ୍ୱା/- ଉପାଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ଜଗତସିଂହପୁର
ସ୍ୱା/- ଉପଜିଲ୍ଲାପାଳ-ତଥା-ଅଧ୍ୟକ୍ଷ ନିୟନ୍ତ୍ରିତ ବଜାର କମିଟି, ଜଗତସିଂହପୁର




**ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ., ଖୋର୍ଦ୍ଧା**
Regn. No. 95 PU Dt. 22.03.1912, RBI Licence No. RPCD/BBSR/15/2011-12, Dt. 02.02.2012
Ph.: 06755-220209/220203, Email id: khordhaccbank@gmail.com, ceo@khordhaccbank.com
ବ୍ୟାଙ୍କରେ ଉପଲବ୍ଧ ସୁବିଧା ଓ ସୁଯୋଗ
୧୨. IMPS, NEFT, RTGS, AEPS, PoS, CTS, Clearing ... ATM ଓ RuPay ... Micro ATM ...
୧୩. Safe Deposit Locker ...
୧୪. ... (MSP) ...
୧୫. ... (Fixed Deposit) ... (Saving Deposit) ... (DICGC) ...



**100+ AI Tools**
Scan to Master the Future of Technologies
ODISHA KNOWLEDGE CORPORATION LIMITED
Contact 0674-3520021 OR send 'Hi' to 7735552044
to know more about OS-CIT




**Sivananda Centenary Boys' School**
Chidanandavihar, Khandagiri, Bhubaneswar-30
Odisha's Best CBSE Residential School with a Spiritual Atmosphere

• Modern Science & Computer Labs
• Well-equipped Library & Robotic Room
• Dedicated Yoga Hall for Mind & Body Wellness
• Playground spanned over 5 Acres of in house land for All-round Development
**Sivananda Centenary Boys' School**
Chidanandavihar, Khandagiri, Bhubaneswar-30
For Admission Session 2026-27
Contact: 91244 93507 | 82491 47219 | 93480 66330 | 70083 70269



ଚାଷୀ ଭାଇ ମାନଙ୍କ ପାଇଁ
ଇଫ୍କୋର୍ ନୂତନ ଉପହାର୍
ନାନୋ ୟୁରିଆ ପ୍ଲସ୍ (ତରଳ) ଏବଂ
ନାନୋ ଡିଏପି (ତରଳ)ର ସମାହାର
IFFCO





AM/NS INDIA
ArcelorMittal Nippon Steel India
REIMAGINEERING AVIATION
#RE/MAGINEERING BHARAT
SMARTER STEELS BRIGHTER FUTURES


ବରେନ୍ଦ୍ରକୃଷ୍ଣ ଧଳ ଅଷ୍ଟମ ସ୍ମାରକୀ ବକ୍ତୃତାମାଳା

# ନୂଆ ଟେକ୍ନୋଲୋଜିର ବ୍ୟବହାର ପ୍ରତି ଧ୍ୟାନ ଦେବାକୁ ଆହ୍ୱାନ



ଭୁବନେଶ୍ୱର,୩୦।୧୧(ସମିସ) : ଗଣମାଧ୍ୟମ କ୍ଷେତ୍ରରେ ନୂଆ ଟେକ୍ନୋଲୋଜି ବା ନୂତନ ବୈଷୟିକ ଜ୍ଞାନ ପ୍ରୟୋଗର ସକରାତ୍ମକ ଦିଗ ପ୍ରତି ଏବେଠାରୁ ଉପଯୁକ୍ତ ଧ୍ୟାନ ଦିଆନଗଲେ ଭବିଷ୍ୟତରେ ତାହା ଗଣତନ୍ତ୍ର ଓ ମାନବ ଜଗତ ପାଇଁ ଅତ୍ୟନ୍ତ ବିପଦଜ୍ଜନକ ପରିସ୍ଥିତି ସୃଷ୍ଟି କରିବାର ଯଥେଷ୍ଟ ସମ୍ଭାବନା ରହିଛି। କୃତ୍ରିମ ବୁଦ୍ଧିମତା ବା ଏଆଇ ଓ ସାମାଜିକ ଗଣମାଧ୍ୟମର ବହୁଳ ଅପବ୍ୟବହାର ଦିଗରେ ସଜାଗ ରହିବାକୁ ଦେଶର ବିଶିଷ୍ଟ ସାମ୍ବାଦିକ ତଥା ପଦ୍ମଭୂଷଣ ସ୍ୱପନ ଦାସଗୁପ୍ତା ପରାମର୍ଶ ଦେଇଛନ୍ତି।

ଶନିବାର ସନ୍ଧ୍ୟାରେ ଭୁବନେଶ୍ୱର ଗୀତଗୋବିନ୍ଦ ସଦନ ପରିସରରେ 'ବରେନ୍ଦ୍ରକୃଷ୍ଣ ଧଳ ସ୍ମାରକୀ ନ୍ୟାସ' ପକ୍ଷରୁ ଆୟୋଜିତ ଅଷ୍ଟମ ସ୍ମାରକୀ ବକ୍ତୃତାମାଳାରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏହା କହିଥିଲେ। ଏଥିସହିତ ବରେନ୍ଦ୍ରକୃଷ୍ଣ ଧଳଙ୍କ ନିର୍ଭୀକ ସାମ୍ବାଦିକତା ସମ୍ପର୍କରେ ଉଲ୍ଲେଖ କରି ତାଙ୍କର ବହୁମୁଖୀ ପ୍ରତିଭା ରହିଥିବା ଦର୍ଶାଇଥିଲେ ଏବଂ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ବକ୍ତୃତାମାଳାରେ ମୁଖ୍ୟ ଅତିଥି ଭାବେ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ, ବିଶିଷ୍ଟ ଅତିଥି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ସମ୍ମାନିତ ଅତିଥି ଲେଖକ ଓ ବିଶିଷ୍ଟ ସମାଜସେବୀ ନମ୍ରତା ଚଢ଼ା ଯୋଗ ଦେଇଥିଲେ। ସ୍ତମ୍ଭକାର ପ୍ରଦୋଷ ପଟ୍ଟନାୟକ ପୌରୋହିତ୍ୟ କରିଥିଲେ। ଅଶୋକ ମହାନ୍ତି ବକ୍ତୃତାମାଳା କାର୍ଯ୍ୟକ୍ରମର ପରି.ଳନା କରିଥିଲେ।

# ପ୍ରଫୁଲ୍ଲ ଶ୍ରୀଚନ୍ଦନ ରାୟଙ୍କ ଜୟନ୍ତୀ



ହଂସପାଳ,୩୦।୧୧(ସମିସ): ନହରକଣ୍ଟାସ୍ଥିତ ଶ୍ରୀଜୟଦେବ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡଃ. ପ୍ରଫୁଲ କୁମାର ଶ୍ରୀଚନ୍ଦନରାୟଙ୍କ ୮୫ତମ ଜନ୍ମୋତ୍ସବ ପାଳିତ ହୋଇଯାଇଛି। ଡଃ. ରାୟଙ୍କ ସ୍ମୃତି କମିଟି ପକ୍ଷରୁ ଶ୍ରୀ ଜୟଦେବ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡଃ. କାମଦେବ ପତିଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଡଃ. ରାୟଙ୍କ ଫଟୋଚିତ୍ରରେ ପୁଷ୍ପମାଳା, ଦୀପ ଓ ଧୂପ ଅର୍ପଣ କରାଯାଇ ତାଙ୍କ ସ୍ମୃତିଚାରଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଶରତ ଚନ୍ଦ୍ର ସାହୁ, ସଂସ୍କୃତି ବିଭାଗର ଅବସର ପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରା, ରଞ୍ଜନ ପରିଡ଼ା, ଅବସର ପ୍ରାପ୍ତ ଶିକ୍ଷକ ପ୍ରଦୀପ୍ତ ଛୋଟରାୟ, ଶିକ୍ଷାବିତ୍ ସୁରେନ୍ଦ୍ର କୁମାର ଖୁଣ୍ଟିଆ, ଶିକ୍ଷକ ବିଭୂତି ଭୂଷଣ ଜେନା, ସବିତା ଛୋଟରାୟ, ବେଣୁଧର ଜେନାଙ୍କ ସମେତ ଅନ୍ୟମାନେ ଯୋଗ ଦେଇଥିଲେ।


# ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହେଲା ନାବାଳକ

ପାରଳାଖେମୁଣ୍ଡି,୩୦।୧୧(ସମିସ): ଆର୍.ଉଦୟଗିରି ଥାନା ଅଞ୍ଚଳରେ ଗତବର୍ଷ ଜୁନ୍ ମାସରେ ଘଟିଯାଇଥିବା ଏକ ହତ୍ୟା ମାମଲାର ଶୁଣାଣି କରି ଗଜପତି ଜିଲ୍ଲା ପାରଳାଖେମୁଣ୍ଡିସ୍ଥିତ ଜୁଭେନାଇଲ ଜଷ୍ଟିସ ବୋର୍ଡର ରେଜିଷ୍ଟ୍ରାର ତଥା ମୁଖ୍ୟ ମାଜିଷ୍ଟ୍ରେଟ ପ୍ରସନ୍ନ କୁମାର ବେହେରା ନାବାଳକ ଅଭିଯୁକ୍ତଙ୍କୁ ଭାରତୀୟ ପିଙ୍ଗଳ କୋଡ଼ର ଧାରା ୩୦୨ରେ ଦୋଷୀ ସାବ୍ୟସ୍ତ କରି ୧ ବର୍ଷ ୬ ମାସ ବ୍ରହ୍ମପୁର ସ୍ଥିତ ବାଳ ସୁଧାର ଗୃହରେ ରହିବା ନିମନ୍ତେ ଆଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଆସୋସିଏଟ ପବ୍ଲିକ ପ୍ରସିକ୍ୟୁଟର ପି. ପ୍ରସାଦ ରାଓ ଏହି ମାମଲାର ସଫଳ ପରିଚାଳନା କରିଥିବାର ଖବର ଭାରପ୍ରାପ୍ତ କ୍ୟାଡ଼ର ପିପି ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଗତବର୍ଷ ଜୁନ୍ ମାସରେ ଅଭିଯୁକ୍ତ ନାବାଳକ ସନ୍ଧ୍ୟା ସମୟରେ ଅଭିଯୋଗକାରିଣୀ ରୋଷେଇ କରୁଥିବାବେଳେ ଏକ ଟେକା ପକାଇଥିଲେ। ପରେ ସେ ଘର ଭିତରକୁ ପଶି ଅଭିଯୋଗକାରିଣୀଙ୍କୁ ଅସଦାଚରଣ କରିବା ସମୟରେ ଅଭିଯୋଗକାରିଣୀ ଖସି ପଳାଇଥିଲେ। କିନ୍ତୁ ତାଙ୍କ ପଛରେ ଅଭିଯୁକ୍ତ ଏକ କାଠ ଫାଳିଆ ଧରି ଗୋଡ଼ାଇଥିଲେ। ପରେ ନିଜ ଭଉଣୀଙ୍କୁ ରକ୍ଷା କରିବାକୁ ଯାଇ ଭାଇ ଅଭିଯୁକ୍ତ ନାବାଳକର ଆକ୍ରୋଶର ଶିକାର ହୋଇଥିଲେ। ଅଭିଯୁକ୍ତ ଜଣଙ୍କ ତାଙ୍କ ମୁଣ୍ଡକୁ ଶକ୍ତ ପ୍ରହାର ପକାଇଥିଲା। ପରେ ଗୁରୁତର ଅବସ୍ଥାରେ ତାଙ୍କୁ କଟକ ବଡ଼ ମେଡ଼ିକାଲରେ ଭର୍ତ୍ତି କରାଯାଇଥିଲା। ଏନେଇ ଥାନାରେ ଏତଲା ପରେ ପୁଲିସ ମାମଲା ରୁଜୁ କରିଥିଲା। ଏହାମଧ୍ୟରେ ମେଡିକାଲରେ ସମ୍ପୃକ୍ତ ବ୍ୟକ୍ତିଙ୍କ ମୃତ୍ୟୁ ପରେ ଏହା ହତ୍ୟା ମାମଲାକୁ ପରିବର୍ତ୍ତିତ ହୋଇଥିଲା। ମାମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଆର. ଉଦୟଗିରି ଥାନାର ଏସ୍‌ଆଇ ବାବୁଲାଲ ରାଉଳ ଏହି ମାମଲାର ତଦନ୍ତକାରୀ ଅଧିକାରୀ ରହିଥିଲେ। ୧୯ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ନ୍ୟାୟାଧୀଶ ଅଭିଯୁକ୍ତଙ୍କୁ ଉକ୍ତ ଘଟଣାରେ ଦୋଷୀ ସାବ୍ୟସ୍ତ କରିବା ସହ ଦେଢ଼ ବର୍ଷର ସଜା ଶୁଣାଇଛନ୍ତି।

# ବେଧଡ଼କ ଚାଲିଛି ବାଲି ଉତ୍ତୋଳନ; ଖଣି ବିଭାଗ ଚୁପ୍


ଅସୁରାଳି, ୩୦।୧୧(ସମିସ): ଅର୍ଜୁନପୁର ପଞ୍ଚାୟତ ଅଧୀନ ବାଲିପାଟଣା ତରେଇସାହି କୋଚିଲା ନଦୀର ବ୍ରିଜ୍ ତଳେ ଦିନରାତି ବେଆଇନ ବାଲି ଉଠା ଚାଲିଛି। ଜେସିବି ଲଗାଇ ଶହଶହ ଟ୍ରାକ୍ଟର ଯୋଗେ ଚୋରା ବାଲି ଚାଲାଣ କରାଯାଉଥିବାରୁ ଏହି ଅଞ୍ଚଳରେ ଲୋକଙ୍କ ଜୀବନ ଦୁର୍ଭାଗ୍ୟରେ ପଡ଼ିଛି। ଏହା ଛଡ଼ା ହସନାବାଦ ପଞ୍ଚାୟତ ଅଧୀନରେ ଲୋକନାଥପୁର ନିକଟରେ କୋଚିଲା ନଦୀର ବାମପାର୍ଶ୍ୱରେ ଦିନରାତି ବାଲି ଉଠା ଚାଲିଛି ଓ ବାଲି ଚାଲାଣ ସମୟରେ ରାସ୍ତାରେ ଧୂଳି ଉଡ଼ି ଯାତ୍ରୀଙ୍କ ଯାତାୟାତ ଅସମ୍ଭବ ହୋଇପଡୁଛି। ବାଟରେ ଯାଉଥିବା ଯାତ୍ରୀଙ୍କଠାରୁ ଆରମ୍ଭ କରି ଗୃହପାଳିତ ପଶୁ ଯାଏଁ ସମସ୍ତେ ହଇରାଣ ହେଉଛନ୍ତି। ଧୂଳିରେ ଦୃଶ୍ୟାବଳୀ ଅସ୍ପଷ୍ଟ ହେବାରୁ ବିଭିନ୍ନ ଛୋଟମୋଟ ଦୁର୍ଘଟଣା ଘଟୁଛି। କେବଳ ସେତିକି ନୁହେଁ ବେଆଇନ ବାଲି ଉଠାରୁ କୋଚିଲା ନଦୀର ପଥ ପରିବର୍ତ୍ତନ ହୋଇ ପରିବେଶୀୟ ସମସ୍ୟା ସୃଷ୍ଟି ହୋଇଛି। ପୁଣି ବାଲି ଗଚ୍ଛିତ ରଖି ଅନବରତ ଭାବେ ବାଲିଉଠା ଚାଲିଛି ଓ ବାରମ୍ବାର ଲୋକେ ଏହି ବେଆଇନ ବାଲି ଚାଲାଣ ଉପରେ ଅବଗତ କରାଇଲେ ମଧ୍ୟ ପ୍ରଶାସନ ଚୁପ୍ ହୋଇ ବସିଛି। ଏ ନେଇ ତହସିଲ୍‌ଦାର ସାଇ ଲୋକନାଥ ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ଖଣି ବିଭାଗ ଅଧିକାରୀ ସୌମ୍ୟରଞ୍ଜନ ଦ୍ୱିବେଦୀଙ୍କ ସହ ଯୋଗାଯୋଗ କରି ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।











# କଳାଞ୍ଜଳି ଲୋକକଳା ମହୋତ୍ସବ ଉଦ୍‌ଯାପିତ



ଭୁବନେଶ୍ୱର,୩୦।୧୧(ସମିସ): କଳାଞ୍ଜଳି ଆଟିଷ୍ଟ୍ରି ଟ୍ରଷ୍ଟ ଆନୁକୂଲ୍ୟରେ ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଓ ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ମିଳିତ ସହଯୋଗରେ ଦୁଇ ଦିନିଆ ଲୋକକଳା ମହୋତ୍ସବ ଉଦ୍‌ଯାପିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ରାଜ୍ୟପାଳ ଗଣେଶୀ ଲାଲ ଯୋଗଦେଇ ଭାରତର ଲୋକକଳା ଅନନ୍ୟ। ପ୍ରତ୍ୟେକ ରାଜ୍ୟରେ ଭିନ୍ନ ଭିନ୍ନ ଲୋକକଳା ରହିଛି। ଯାହା ଆମକୁ ପରିଚିତ କରିପାରିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ, ରୋଟାରିଆନ ଯଜ୍ଞାଶିଷ ମହାପାତ୍ର, ବରିଷ୍ଠ ସାମ୍ବାଦିକ କିଶୋର ଦ୍ୱିବେଦୀ, ଗୁରୁ ଗଜେନ୍ଦ୍ର ପଣ୍ଡା, ଆସ୍ଥା ହସ୍ପିଟାଲ ସିଇଓ ପ୍ରଭାକର ପାଢୀଙ୍କ ସମେତ ବହୁ ମାନ୍ୟଗଣ୍ୟ ଅତିଥି ଯୋଗଦେଇ ଥିଲେ। ଭାରତର ତଥା ଓଡିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ଓଡିଶାର ପାରମ୍ପରିକ ଲୋକନୃତ୍ୟ ସହ ଯୋଡ଼ି ଶଙ୍ଖ, ବାଘ ନୃତ୍ୟ, କେରଳର ଲୋକନୃତ୍ୟ ମୋହିନିୟାତ୍ୟମ୍, ମହାରାଷ୍ଟ୍ରର ଲୋକନୃତ୍ୟ, ଛତ୍ରପୁରର ନୃତ୍ୟ ଶିଳ୍ପୀଙ୍କ ଦ୍ୱାରା କଥାପାଦ ଲୋକନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଏହି କାର୍ଯ୍ୟକ୍ରମକୁ କଳାଞ୍ଜଳି ଟ୍ରଷ୍ଟର ପ୍ରତିଷ୍ଠାତା ରାମେଶ୍ୱରୀ ନନ୍ଦ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ଟ୍ରଷ୍ଟର ସଭାପତି ବାଇଲଣ୍ଡୁ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ଇଣ୍ଡିଆନ୍ ଗୋଲଡେନ୍ ଆୱାର୍ଡରେ ସମ୍ମାନିତ କରାଯାଇଥିଲା।

# ମଣିପାଲ ପକ୍ଷରୁ 'ହେଲ୍‌ଦି ଡେ ଆଉଟ୍ ଫର୍ ଦ ୟଙ୍ଗ ଆଟ୍ ହାର୍ଟ' କାର୍ଯ୍ୟକ୍ରମ




ଭୁବନେଶ୍ୱର,୩୦।୧୧(ସମିସ) : ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱର ପକ୍ଷରୁ ଆଇଜି ପାର୍କ ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ହେଲଦି ଡେ ଆଉଟ୍ ଫର୍ ଦ ୟଙ୍ଗ ଆଟ୍ ହାର୍ଟ' ଆୟୋଜିତ ହୋଇଯାଇଛି। ବୟସ୍କ ଲୋକଙ୍କୁ ସ୍ୱାସ୍ଥ୍ୟ ସଚେତନ କରାଇବା ଏବଂ ସକ୍ରିୟ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିନିୟର ସିଟିଜେନ୍ ଫୋରମର ୫୦ରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗଦାନ କରିଥିଲେ। ସେମାନଙ୍କୁ ଯାତାୟାତ କରିବାରେ ଯେଭଳି କୌଣସି ଅସୁବିଧା ନ ହୁଏ ସେଥିପାଇଁ ମଣିପାଲ ହସ୍ପିଟାଲ ପକ୍ଷରୁ ବିଶେଷ ଗାଡ଼ିର ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ଏହି ସ୍ୱାସ୍ଥ୍ୟ ସେଚତନ କାର୍ଯ୍ୟକ୍ରମ ଯୋଗ ଓ ଆସନ ଠାରୁ ଆରମ୍ଭ ହୋଇଥିଲା, ଯାହାକି ବୟସ୍କ ଲୋକଙ୍କର ସ୍ୱାସ୍ଥ୍ୟବସ୍ଥା ଓ ଶାରୀରିକ ଫିଟ୍‌ନେସ୍‌କୁ ଧ୍ୟାନରେ ରଖି ଡାକ୍ତରଙ୍କ ପରାମର୍ଶରେ କରାଯାଇଥିଲା। ଏହା ପରେ ଫିଜିଓଥେରାପି ଡେମୋନ୍‌ଷ୍ଟ୍ରେସନ୍ ମାଧ୍ୟମରେ ବିଭିନ୍ନ ପ୍ରକାର ଯନ୍ତ୍ରଣାଠାରୁ କିଭଳି ଉପଶମ ମିଳିପାରିବ ସେ ସମ୍ପର୍କରେ ମଧ୍ୟ ଜଣାଯାଇଥିଲା। ବୟସ୍କ ଲୋକମାନଙ୍କ ମଧ୍ୟରେ ସାଧାରଣ ହୃଦରୋଗ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଆଣିବା ପାଇଁ ମଣିପାଲ ହସ୍ପିଟାଲର ବରିଷ୍ଠ ହୃଦ୍‌ରୋଗ ବିଶେଷଜ୍ଞ ତଥା ଡାଇରେକ୍ଟର କ୍ୟାଥ ଲ୍ୟାବ ଡାକ୍ତର ଲିଙ୍ଗରାଜ ନାଥ କାର୍ଡିଓଲୋଜି ଟକ୍‌ର ଆୟୋଜନ କରାଯାଇଥିଲା। ମଜା ଓ ଆନ୍ଦୋଳନ ପୂର୍ଣ୍ଣ ପରିବେଶ ସୃଷ୍ଟି କରିବା ପାଇଁ "ଥ୍ରୋ ବଲ୍' ଓ "ଲେଟର୍ କରେକ୍ସନ୍' ପରି ସହଜ"ଖେଳମାନଙ୍କ ମଧ୍ୟ ଆୟୋଜନ ହୋଇଥିଲା, ଯେଉଁଥିରେ ସମସ୍ତେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଏହା ସଙ୍ଗୀତ ଓ ନୃତ୍ୟ କାର୍ଯ୍ୟକ୍ରମର ମନୋରମ ପରିବେଶକୁ ଆହୁରି ଜୀବନ୍ତ କରିଦେଇଥିଲା। ଶେଷରେ ଏକ ସ୍ୱତନ୍ତ୍ର ବସରେ ସିଟି ଟୁରରେ ସମସ୍ତ ସିନିୟର୍ ନାଗରିକ ମିଶି ଭୁବନେଶ୍ୱରର ସକାଳୀର ମନୋରମା ଉପଭୋଗ କରି ନିଜ ନିଜ ଘରକୁ ଫେରିଥିଲେ। ଏହି ଅବସରରେ ମଣିପାଲ ହସ୍ପିଟାଲ୍‌ର କ୍ଲଷ୍ଟର ଡାଇରେକ୍ଟର (ସାଉଥ୍-ଇଷ୍ଟ) ଡାକ୍ତର ଶକ୍ତିମୟ ମହାପାତ୍ର କହିଥିଲେ,ଆମର ବୟସ୍କ ନାଗରିକଙ୍କ ପାଇଁ ଏହି ସ୍ୱାସ୍ଥ୍ୟମୟ, ଆନନ୍ଦମୟ ସକାଳ ଆୟୋଜନ କରି ଆମେ ଅତ୍ୟନ୍ତ ଖୁସି। ବୟସ୍କମାନଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ସୁସ୍ଥ ରହିବା ଆମର ଏକ ଛୋଟିଆ ପ୍ରୟାସ। ଆଗାମୀ ଦିନରେ ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱର ପକ୍ଷରୁ ଏହି ପରି ଅନେକ କାର୍ଯ୍ୟକ୍ରମ ଆୟୋଜନ କରି ବୟସ୍କଙ୍କ ମଧ୍ୟରେ ସ୍ୱାସ୍ଥ୍ୟଜୀବନ ଓ ସକ୍ରିୟତାକୁ ପ୍ରୋତ୍ସାହିତ କରିବାକୁ ଯୋଜନା କରୁଛି। ସମାଜର ସବୁଠୁ ବୟସ୍କ ସଦସ୍ୟମାନଙ୍କୁ ସ୍ୱାସ୍ଥ୍ୟ ସେବାକୁ ଆହୁରି ନିକଟରେ ଆଣିବାରେ ହସ୍ପିଟାଲ୍‌ର ଏହି ପ୍ରୟାସକୁ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଛି।

ଜୀବନର କେତେ ରଙ୍ଗ

# 'ଦୃଢ଼ ହୋଇ ବଞ୍ଚିବା ଶିଖାଇଛି ସମୟ'


ଭୁବନେଶ୍ୱର,୩୦।୧୧(ସମିସ): ଇଚ୍ଛାଶକ୍ତି ଆଗରେ ହାର ମାନିଛି ବୟସ। ମନରେ ନା କିଛି ଅବସୋସ ନା କିଛି ବଡ଼ ଆଶା। ପ୍ରତିଦିନ ନିଜ କର୍ମ ପଥେ ସେ ଘରୁ ବାହାରି ଯାନ୍ତି। ସମୟ ସହ ତାଳ ଦେଇ ନିଜକୁ ସେଥିରେ ଖାପଖୁଆଇ ଚାଲନ୍ତି। ଜଣା ଅଜଣା ସମସ୍ତଙ୍କ ପାଇଁ ସେ ଚିହ୍ନା ମୁହଁ ପାଲଟିଛନ୍ତି। ତାଙ୍କ କେଇପଦର ହସମଜା କଥା ଲୋକଙ୍କୁ ବେଶ ଭଲ ଲାଗେ।

ଏଭଳି ଜଣେ ମଣିଷ ହେଉଛନ୍ତି ଗଙ୍ଗାଧର ମହାପାତ୍ର, ବୟସ ୬୫ରୁ ଅଧିକ ହେଲାଣି। ଆଚାର୍ଯ୍ୟବିହାର ନିକଟରେ ଥିବା ପ୍ରାକୃତିକ ବିଜ୍ଞାନ ସଂଗ୍ରହାଳୟ ଫାଟକ ନିକଟ ରାସ୍ତା ହେଉଛି ତାଙ୍କ ବର୍ତ୍ତମାନର ଠିକଣା, ଘର ମଧ୍ୟ ସେହି ନିକଟରେ। ସକାଳ ୧୦ଟାରୁ ସନ୍ଧ୍ୟା ଯାଏଁ ତାଙ୍କୁ ସେହି ଗୋଟିଏ ସ୍ଥାନରେ ହିଁ ଦେଖିବାକୁ ମିଳେ। ଯେ କେ ହିବି ସେହି ସଂଗ୍ରହାଳୟକୁ ନିୟମିତ ଯାନ୍ତି, ସେ ଗଙ୍ଗାଧରକୁ ନିଶ୍ଚିତ ଭାବରେ ଜାଣନ୍ତି। କଥାଟି ହେଲା ଗଙ୍ଗାଧର ପ୍ରଥମେ ସଂଗ୍ରହାଳୟ ପରିସରରେ ମାଳି ଭାବରେ କାମ କରୁଥିଲେ। ହେଲେ ୬୫ ବର୍ଷ ବୟସ ପରେ ଏହି କାମ ଆଉ କରିବାକୁ ଦିଆଯାଏ ନାହିଁ। ତେଣୁ ଗତ ୩ରୁ ୪ ବର୍ଷ ହେବ ସେ ଆଉ ସଂଗ୍ରହାଳୟରେ କାମ କରୁନାହାନ୍ତି। ହେଲେ ଘର ଚଳାଇବା ପାଇଁ କାମ ଏବଂ ପଇସା ଆବଶ୍ୟକ ଥିବାରୁ, ସେ ବିଭିନ୍ନ ପ୍ରକାରର ସ୍ନାକ୍ସ ବିକ୍ରି କରିବା ଆରମ୍ଭ କଲେ। ତାଙ୍କ ପତ୍ନୀ ମଧ୍ୟ ଘର ଚଳାଇବା ପାଇଁ ସେହି ସଂଗ୍ରହାଳୟରେ ହାଉସହେଲ୍ପ କାମ କରନ୍ତି। ହେଲେ ସମୟର ବିଡମ୍ବନା କି କିଛି ମାସ ପୂର୍ବେ ତାଙ୍କ ପତ୍ନୀଙ୍କର ହାତ ଭାଙ୍ଗି ଯାଇଥିଲା। ଫଳରେ ତିନିରୁ ଚାରି ମାସ ତାଙ୍କୁ ଘରେ ରହିବାକୁ ପଡିଲା। ହେଲେ ଘର ଖର୍ଚ୍ଚ ସହ ଔଷଧ ଖର୍ଚ୍ଚ ବି ଗଙ୍ଗାଧରଙ୍କ ଉପରେ। ତଥାପି ସେ ହାର ନମାନି ନିଜ କାମରେ ଲାଗିଛନ୍ତି। ସେ ଆହୁରି କୁହନ୍ତି, କର୍ମ କରୁଥିବା ମଣିଷ ସହ ଭଗବାନ ଥାନ୍ତି। ତେଣୁ ମୋ କାମ ମୁଁ କରି ଚାଲିଛି। ସମୟ ସହ ସେ ଥକି ପଡିନାହାନ୍ତି ବରଂ ଆହୁରି ଦୃଢ଼ ହୋଇ ସାମ୍ନା କରିବାର ଏକ ଉଦାହରଣ ସାଜିଛନ୍ତି। ପୁଅ ଝିଅ ଥିଲେ ହେଁ ସବୁ ଏବେ ଜେଝା ବାଟରେ ଯିଏ। ଗ୍ରାହକଙ୍କ ସହ ମଜାଳିଆ କଥା କହି ବେଶ ନିଜର କରିନିଅନ୍ତି। ସମୟ ତାଙ୍କୁ ଜୀବନର ଅନେକ ରଙ୍ଗ ଦେଖାଇଛି, ହେଲେ ତାଙ୍କ ମନ ବଳକୁ ଭାଙ୍ଗି ପାରିନି ବୋଲି ଗଙ୍ଗାଧର କହିଥିଲେ।









୫ମ ସୂନକ୍ଷତ୍ର

ସକାଳ THE SAKALA
www.sakalaepaper.com



**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୯.୯୫ ● ପାଉଣ୍ଡ ୧୧୮.୮୭
- ୟୁରୋ ୧୦୩.୧୮ ● ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**

୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୧,୧୯,୦୦୦ (ନୂଆଦିଲ୍ଲୀ)
- ରୁପା : ୧,୮୫,୦୦୦ (କେଜି)

**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୫,୭୦୬.୦୦
- ନିଫ୍ଟି ୨୬,୨୦୨.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦

# ମଣିଷର ଭବିଷ୍ୟତକୁ ଚୂରମାର କରିଦେବ ଏଆଇ

**ଆମାଜନ ସିଇଓଙ୍କୁ ଚିଠି ଲେଖି ଚେତାବନୀ ଦେଲେ ହଜାର ହଜାର କର୍ମଚାରୀ**

ୱାଶିଂଟନ୍, ୩୦।୧୧(ଏଜେନ୍ସି): ଶେଷରେ ସତ ହେବାକୁ ଯାଉଛି ବୈଜ୍ଞାନିକଙ୍କ ଭବିଷ୍ୟବାଣୀ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ମଣିଷ ସମାଜ ପାଇଁବଡ଼ ବିପଦ। ମଣିଷକୁ ନିଜ ଆୟତ୍ତରେ ରଖି ଆଙ୍ଗୁଳିରେ ନଚାଇବ ଏଆଇ। ଦିନେ ଏଆଇକୁ ନେଇ ଗଡଫାଦର ଦେଇଥିବା ଚେତାବନୀ ଏବେ ସତ ହେବାକୁ ଯାଉଛି। ଏଆଇ ମାନବତାର ଭବିଷ୍ୟତକୁ ଚୁରମାର କରିଦେବ। ଏପରି ଅଭିଯୋଗ ଆଣିଛନ୍ତି ବିଶ୍ୱର ପ୍ରମୁଖ ଟେକ୍ କମ୍ପାନୀ ଆମାଜନ୍‌ର ହଜାର ହଜାର କର୍ମଚାରୀ। ଆମାଜନ୍ କର୍ମଚାରୀ ମିଳିତ ଭାବରେ ସିଇଓ ଆଣ୍ଡି ଜାସିଙ୍କୁ ଖୋଲା ଚିଠି ଲେଖିଛନ୍ତି। ଏମାନେ ହେଉଛନ୍ତି ସେହି କର୍ମଚାରୀ ଯିଏ ପ୍ରତିଦିନ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ସିଷ୍ଟମକୁ ପରିଚାଳନା କରନ୍ତି। କିନ୍ତୁ କର୍ମଚାରୀମାନେ ଏଆଇ ବିରୁଦ୍ଧରେ ସ୍ୱର ଉଠାଇଛନ୍ତି। ଯାହାକୁ ନେଇ ଟେକ୍ ଶିଳ୍ପରେ ହଇଚଇ।

ସିଇଓ ଆଣ୍ଡି ଜାସିଙ୍କୁ ଏହି ଖୋଲା ଚିଠିରେ, ଆମାଜନ୍ କର୍ମଚାରୀମାନେ ଲେଖିଛନ୍ତି ଯେ ଏଆଇ ଯେଉଁ ଗତିରେ ଆଗକୁ ବଢୁଛି ତାହା କେବଳ ମେସିନକୁ ନୁହେଁ ବରଂ ମାନବତାର ଭବିଷ୍ୟତକୁ ମଧ୍ୟ ଚୁରମାର କରିପାରେ। ସେମାନେ କହିଛନ୍ତି ଯେ ଯଦି ଏହି ଅନିୟନ୍ତ୍ରିତ ଏଆଇ ରେସକୁ ଏବେ ବନ୍ଦ କରା ନ ଯାଏ, ତେବେ ପରିଣାମ ଅତ୍ୟନ୍ତ ବିପଜ୍ଜନକ ହୋଇପାରେ। ତାହା ଚାକିରି, ଗଣତନ୍ତ୍ର କିମ୍ବା ଆମ ଗ୍ରହର ଭବିଷ୍ୟତ ପାଇଁ ହେଉ। ଯଦି ଏବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ, ତେବେ ଏଆଇ କାଲିକୁ ମଣିଷକୁ ଗିଳିଦେବ। ଏହି ଖୋଲା ଚିଠିରେ ହଜାରରୁ ଅଧିକ କର୍ମଚାରୀ ସ୍ୱାକ୍ଷର କରିଛନ୍ତି। ସ୍ୱାକ୍ଷରକାରୀଙ୍କ ମଧ୍ୟରେ ଇଞ୍ଜିନିୟର, ପ୍ରଡକ୍ଟ ମ୍ୟାନେଜମେଣ୍ଟ, ଗୋଦାମ କର୍ମଚାରୀ ଏବଂ ଏଆଇ ସିଷ୍ଟମରେ କାମ କରୁଥିବା ବୈଷୟିକ ବିଶେଷଜ୍ଞ ମଧ୍ୟ ସାମିଲ ଅଛନ୍ତି।

କର୍ମଚାରୀମାନେ ଅଭିଯୋଗ କରିଛନ୍ତି ଯେ କମ୍ପାନୀ ଏଆଇ ରେସରେ ଆଗକୁ ବଢ଼ିବା ପାଇଁ ଏହା ମାନବ କର୍ମଚାରୀଙ୍କ ମଙ୍ଗଳକୁ ଅଣଦେଖା କରୁଛି। ଚିଠିରେ ଦାବି କରାଯାଇଛି ଯେ ଅମାଜନ୍‌ର ଏଆଇ ଡାଟା ସେଣ୍ଟରଗୁଡ଼ିକ ଅତ୍ୟଧିକ ପରିମାଣର ପାଣି ଏବଂ ଶକ୍ତି ବ୍ୟବହାର କରିବ, ଯାହା ପରିବେଶ ପ୍ରତି ଏକ ଗମ୍ଭୀର ବିପଦ ସୃଷ୍ଟି କରିବ। କର୍ମଚାରୀମାନେ ଏହା ମଧ୍ୟ ଚିନ୍ତା ପ୍ରକାଶ କରିଛନ୍ତି ଯେ କମ୍ପାନୀର ଏଆଇର ବର୍ଦ୍ଧିତ ବ୍ୟବହାର ଚାକିରି ସୁରକ୍ଷାକୁ ଦୁର୍ବଳ କରିଛି, କର୍ମଚାରୀଙ୍କ କାର୍ଯ୍ୟଭାର ବୃଦ୍ଧି କରିଛି ଏବଂ କାର୍ଯ୍ୟକ୍ଷେତ୍ରରେ ନଜର ରଖିଛି। ସେମାନଙ୍କ ଅନୁଯାୟୀ, ଏହି ପରିବର୍ତ୍ତନଗୁଡ଼ିକ କେବଳ ମାନସିକ ଚାପ ବୃଦ୍ଧି କରୁନାହିଁ ବରଂ ଆମାଜନ୍‌ର ଦୀର୍ଘକାଳୀନ ମୂଲ୍ୟବୋଧକୁ ମଧ୍ୟ ବିରୋଧ କରୁଛି।

# ବିକ୍ରି ହେବ ଟ୍ରମ୍ପଙ୍କ ପିଲାଦିନର ଘର

ନୂଆଦିଲ୍ଲୀ,୩୦।୧୧(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବର୍ତ୍ତମାନ ସାରା ବିଶ୍ୱରେ ଟାରିଫ୍ ବା ବାଣିଜ୍ୟ ଶୁଳ୍କ ପାଇଁ ବେଶ ଚର୍ଚ୍ଚାରେ ରହିଛନ୍ତି। ଏବେ ଆଉ ଏକ ଖବର ପାଇଁ ଟ୍ରମ୍ପଙ୍କୁ ନେଇ ଚର୍ଚ୍ଚା। ତାହା ହେଉଛି ଏବେ ଟ୍ରମ୍ପଙ୍କ ପିଲାଦିନର ଘର ପୁଣି ଥରେ ବିକ୍ରି ହେବାକୁ ଯାଉଛି। ଏହା ନ୍ୟୁୟର୍କର କୁଇନ୍ସରେ ଅବସ୍ଥିତ। ନ୍ୟୁୟର୍କ ଟାଇମ୍ସ ଅନୁଯାୟୀ, ଘରଟି ୨.୩ ନିୟୁତ ଡଲାର (ପ୍ରାୟ ୨୦ କୋଟି ଟଙ୍କା) ମୂଲ୍ୟରେ ନିର୍ମିତ। ଘରଟିର ନବୀକରଣ କରାଯାଇଛି। ଏହି ଟୁଡୋର-ଶୈଳୀର ଘରଟି ୧୯୪୦ ମସିହାରେ ଟ୍ରମ୍ପଙ୍କ ପିତା ରିଅଲ୍ ଇଷ୍ଟେଟ୍ ଡେଭଲପର ଫ୍ରେଡ୍ ଟ୍ରମ୍ପଙ୍କ ଦ୍ୱାରା ନିର୍ମିତ। ଏହା କୁଇନ୍ସର ପଶ ଜାମାଇକା ଇଷ୍ଟେଟ୍ସ ନିକଟରେ ଅବସ୍ଥିତ। ଟ୍ରମ୍ପ ଚାରି ବର୍ଷ ବୟସ ପର୍ଯ୍ୟନ୍ତ ଏହି ଘରେ ରହୁଥିଲେ, ତା'ପରେ ତାଙ୍କ ପରିବାର ପାଖରେ ଥିବା ଏକ ବଡ଼ ବଙ୍ଗଳାକୁ ଚାଲିଯାଇଥିଲେ।

ରିଅଲ୍ ଇଷ୍ଟେଟ୍ ଡେଭଲପର ଟମି ଲିନ୍ ମାର୍ଚ୍ଚ ମାସରେ ୮୩୫,୦୦୦ ଡଲାରରେ ଘରଟି କିଣିଥିଲେ। ସେ ତୁରନ୍ତ ମରାମତି କରିଥିଲେ, ଯାହାର ଖର୍ଚ୍ଚ ପ୍ରାୟ ୫୦୦,୦୦୦ ଡଲାର ଥିଲା। ଲିନ୍ କହିଥିଲେ ଯେ ସେହି ସମୟରେ ଘରଟି ବାସଯୋଗ୍ୟ ନ ଥିଲା। ସେସଥିରେ ପାଣି ଏବଂ ବିଦ୍ୟୁତ୍ ସମସ୍ୟା ସହ ଫଟା ପାଇପ୍ ଥିଲା। ଗୋଟିଏ ସମୟରେ, ଏହା ଜଙ୍ଗଲୀ ବିଲେଇମାନଙ୍କ ବାସସ୍ଥଳ ପାଲଟିଥିଲା। ପ୍ରାୟ ୨୫୦୦ ବର୍ଗଫୁଟ ପରିମିତ ଏହି ଘରଟିର ବର୍ତ୍ତମାନ ସମ୍ପୂର୍ଣ୍ଣ ନବୀକରଣ କରାଯାଇଛି। ଏଥିରେ ୫ଟି ଶୟନ କକ୍ଷ, ତିନୋଟି ପୂର୍ଣ୍ଣ ସ୍ନାନାଗାର, ଦୁଇଟି ଛୋଟ ଶୌଚାଳୟ ଏବଂ ଏକ ବେସମେଣ୍ଟ ଏବଂ ଏକ ପୃଥକ ଦୁଇ-କାର ଗ୍ୟାରେଜ ଅଛି। ଏହି ଘରେ ଆଧୁନିକ ଏବଂ ବିଳାସପୂର୍ଣ୍ଣ ଅପଡେଟ୍ ସୁବିଧା ରହିଛି, ଯେପରିକି ହେରିଂବୋନ୍-ପାର୍ଟର୍ଣ୍ଣ କାଠ ମହଲା ଏବଂ ଏକ ଉଚ୍ଚମାନର ରୋଷେଇ ଘର।

# ବକ୍ସାଇଟ୍ ଓଡ଼ିଶାର ଅଭିବୃଦ୍ଧିକୁ ଶକ୍ତିଶାଳୀ କରିପାରିବ

ଭୁବନେଶ୍ୱର,୩୦।୧୧(ସମିସ): ଓଡ଼ିଶାର ଅଭିବୃଦ୍ଧିର ଏହି ପରବର୍ତ୍ତୀ ଅଧ୍ୟାୟର କେନ୍ଦ୍ରବିନ୍ଦୁ ହେଉଛି ଆଲୁମିନିୟମ୍ ଏବଂ ଏହି ସୁଯୋଗର କେନ୍ଦ୍ରବିନ୍ଦୁରେ ଓଡ଼ିଶା ଅବସ୍ଥିତ। ଭାରତର ବକ୍ସାଇଟ୍ ସଂରକ୍ଷଣର ୫୯% ଓଡ଼ିଶାରେ ରହିଛି, ଯାହା ଏହାକୁ ଆଲୁମିନିୟମ୍ ଉତ୍ପାଦନ ପାଇଁ କଂଚାମାଲ ସୁରକ୍ଷିତ କରିବା ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ରାଜ୍ୟ କରିଛି। ଖଣି ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ଆଲୁମିନିୟମ୍ ଭିଜନ୍ ଡକ୍ୟୁମେଣ୍ଟ ଅନୁଯାୟୀ, ୨୦୪୭ ସୁଦ୍ଧା ଭାରତର ଆଲୁମିନିୟମ୍ ଚାହିଦା ୬ ଗୁଣ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି, ଯାହା ବାର୍ଷିକ ୪.୫ ନିୟୁତ ଟନ୍ ରୁ ୩୭ ନିୟୁତ ଟନ୍ ଉତ୍ପାଦନକୁ ବୃଦ୍ଧି କରିବ, ଓଡ଼ିଶାର ଭୂମିକା ଅପରିହାର୍ଯ୍ୟ ହୋଇପଡ଼େ। କଳାହାଣ୍ଡି ଭଳି ପ୍ରମୁଖ ବକ୍ସାଇଟ୍ ବେଲ୍ଟଗୁଡ଼ିକ ଏହି କ୍ଷମତାର ଏକ ବଡ଼ ଅଂଶକୁ ଅନଲକ୍ କରିବାର ସମ୍ଭାବନା ରଖେ, ଏହି ଅଞ୍ଚଳକୁ ଭାରତର ଆଲୁମିନିୟମ୍ ପ୍ରସାରଣରେ ଏକ ପ୍ରମୁଖ ଯୋଗଦାନକାରୀ ଭାବରେ ସ୍ଥାନିତ କରୁଛି। ବିଶେଷଜ୍ଞମାନେ ମତ ଦିଅନ୍ତି ଯେ ବକ୍ସାଇଟ୍ ଖଣି ଏବଂ ଆଲୁମିନିୟମ୍ ଉତ୍ପାଦନ ସହିତ ଜଡିତ ଆର୍ଥିକ ସୁଯୋଗ ଯଥେଷ୍ଟ। ଏହାର ଶିଳ୍ପ ଗୁରୁତ୍ୱ ବ୍ୟତୀତ, ଆଲୁମିନିୟମ୍ ଦେଶର ସବୁଠାରୁ ଶକ୍ତିଶାଳୀ ନିଯୁକ୍ତି ଗୁଣକ ମଧ୍ୟରୁ ଗୋଟିଏ। ବିଶ୍ୱ ସ୍ତରରେ ଆଲୁମିନିୟମ୍ ଚାହିଦା ବୃଦ୍ଧି ପାଉଥିବାରୁ, ଓଡ଼ିଶାକୁ ଏହାର ନୀତିଗତ ପରିବେଶକୁ ସୁଗମ କରିବା ପାଇଁ ଅଧିକ ଜରୁରୀ ହୋଇପଡ଼ିଛି।

# ମଣିପାଲ ହସ୍ପିଟାଲ୍‌ରେ 'ହେଲଦି ଡେ ଆଉଟ୍ ଫର୍ ଦ ୟଙ୍ଗ ଆଟ୍ ହାର୍ଟ' କାର୍ଯ୍ୟକ୍ରମ

ଭୁବନେଶ୍ୱର, ୩୦।୧୧: ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱର ପକ୍ଷରୁ ଆଇଜି ପାର୍କ ଠାରେ 'ହେଲଦି ଡେ ଆଉଟ୍ ଫର୍ ଦ ୟଙ୍ଗ ଆଟ୍ ହାର୍ଟ ' ନାମକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ବୟସ୍କ ଲୋକଙ୍କୁ ସ୍ୱାସ୍ଥ୍ୟ ସଚେତନ କରାଇବା ଏବଂ ସକ୍ରିୟ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିନିୟର ସିଟିଜେଟ୍ ଫୋରମର ୫୦ ରୁ ଉର୍ଦ୍ଧ ସଦସ୍ୟ ଯୋଗଦାନ କରିଥିଲେ। ସେମାନଙ୍କୁ ଯାତାୟତ କରିବାରେ ଯେଭଳି କୌଣସି ଅସୁବିଧା ନ ହୁଏ ସେଥିପାଇଁ ମଣିପାଲ ହସ୍ପିଟାଲ ପକ୍ଷରୁ ବିଶେଷ ଗାଡ଼ିର ମଧ୍ୟ ବ୍ୟବସ୍ଥା କରାଯାଇଥିଲା। ଏହି ସ୍ୱାସ୍ଥ୍ୟ ସେଚତନ କାର୍ଯ୍ୟକ୍ରମ ଯୋଗ ଓ ଆସନ ଠାରୁ ଆରମ୍ଭ ହୋଇଥିଲା, ଯାହାକି ବୟସ୍କ ଲୋକଙ୍କର ସ୍ୱାସ୍ଥ୍ୟବସ୍ଥା ଓ ଶାରୀରିକ ଫିଟ୍‌ନେସ୍‌କୁ ଧ୍ୟାନରେ ରଖି ଡାକ୍ତରଙ୍କ ପରାମର୍ଶରେ କରାଯାଇଥିଲା। ଆଗାମୀ ଦିନ ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱର ପକ୍ଷରୁ ଏହି ପରି ଅନେକ କାର୍ଯ୍ୟକ୍ରମ ଆୟୋଜନ କରି ବୟସ୍କଙ୍କ ମଧ୍ୟରେ ସ୍ୱାସ୍ଥ୍ୟଜୀବନ ଓ ସକ୍ରିୟତାକୁ ପ୍ରୋତ୍ସାହିତ କରିବାକୁ ଯୋଜନା ଥିବା ଅବସରରେ ମଣିପାଲ ହସ୍ପିଟାଲ୍‌ର କ୍ଲଷ୍ଟର ଡାଇରେକ୍ଟର (ସାଉଥ୍-ଇଷ୍ଟ) ଡାକ୍ତର ଶକ୍ତିମୟ ମହାପାତ୍ର କହିଛନ୍ତି।

# ବନ୍ଧନ ସିଲଭର ଇଟିଏଫ୍‌ର ଶୁଭାରମ୍ଭ

ମୁମ୍ବଇ,୩୦।୧୧: ବନ୍ଧନ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଦୁଇଟି ନୂଆ ଇଟିଏଫ, ବନ୍ଧନ ଗୋଲ୍ଡ ଇଟିଏଫ ଓ ବନ୍ଧନ ସିଲଭର ଇଟିଏଫର ଶୁଭାରମ୍ଭ ଘୋଷଣା କରାଯାଇଛି। ଏହି ଓପନ-ଏଣ୍ଡେଡ ସ୍କିମଗୁଡିକ ଫିଜିକାଲ ଗୋଲ୍ଡ ଓ ସିଲଭରର ଘରୋଇ ମୂଲ୍ୟକୁ ଟ୍ରାକ କରିବେ। ଏହି ନୂତନ ଫଣ୍ଡ ଅଫର (ଏନଏଫଓ) ସୋମବାର ୧ ଡିସେମ୍ବରରେ ଖୋଲିବ ଏବଂ ବୁଧବାର ୩ ଡିସେମ୍ବରରେ ବନ୍ଦ ହେବ। ଏହି ଇଟିଏଫଗୁଡିକ ଏକ ସ୍ମାର୍ଟ, ସ୍ୱଚ୍ଛ ଓ ଦକ୍ଷ ଉପାୟରେ ନିବେଶ କରିବା ପାଇଁ ସୁନା କିମ୍ବା ରୁପାର ପହଞ୍ଚ ହାସଲ କରିବାକୁ ଚାହୁଁଥିବା ନିବେଶକଙ୍କ ପାଇଁ ଏହାକୁ ସରଳ କରିବା ଲାଗି ଲକ୍ଷ୍ୟ ରଖିଛନ୍ତି। ନିଜର ପୋର୍ଟଫୋଲିଓରେ ସ୍ଥିରତା ଓ ବିବିଧତାକୁ ସୁଦୃଢ କରିବାକୁ ଚାହୁଁଥିବା ନିବେଶକମାନେ ବନ୍ଧନ ଗୋଲ୍ଡ ଇଟିଏଫ ଓ ବନ୍ଧନ ସିଲ୍‌ଭର ଇଟିଏଫ ସମ୍ପର୍କରେ ବିଚାର କରିପାରିବେ।




## ଉପମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ମହିଳାଙ୍କୁ ଉଠାଇନେଲା ପୁଲିସ

ବଳଙ୍ଗା,୩୦।୧୧(ସମିସ): ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ବଳଙ୍ଗା ଅଞ୍ଚଳକୁ ରବିବାର ଗସ୍ତ ଥିବାବେଳେ ପୁଲିସ ଆଇନ ଶୃଙ୍ଖଳା ନିୟନ୍ତ୍ରଣ ରଖିବା ନିମନ୍ତେ ଜଣେ ସରପଞ୍ଚଙ୍କୁ ସୁରକ୍ଷା ଦେବାକୁ ଯାଇ ପୀଡ଼ିତା ମହିଳାଙ୍କୁ ଗ୍ରାମରୁ ଉଠାଇ ଆଣି ଥାନାରେ ଅଟକ ରଖିଥିଲା। ସମ୍ପୃକ୍ତ ସରପଞ୍ଚ ଗତ ୨୯ ତାରିଖ ରାତି ୩ଟା ସମୟରେ ମହିଳାଙ୍କ ସ୍ୱାମୀ ନ ଥିବାର ସୁଯୋଗ ନେଇ ଘର ଭିତରେ ପଶିଥିଲେ। ତାଙ୍କ ବେକରେ ଭୁଜାଲି ଲଗାଇ ଅସଦାଚରଣ କରି ହତ୍ୟା ଧମକ ଦେବା ସହ ମହିଳାଙ୍କ ବେକରେ ଥିବା ମଙ୍ଗଳସୂତ୍ରକୁ ଛିଣ୍ଡାଇ ନେଇଥିଲେ। ଏ ସମ୍ପର୍କରେ ମହିଳା ଜଣକ ବଳଙ୍ଗା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଦେବାର ୪୦ ଘଣ୍ଟା ପୂରିଯାଇଥିଲେ ମଧ୍ୟ ପୁଲିସ ଏ ପର୍ଯ୍ୟନ୍ତ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇ ନ ଥିବା ଯୋଗୁଁ ବିଭିନ୍ନ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏନେଇ ବଳଙ୍ଗା ଥାନା ଆଇଆଇସିଙ୍କ ମତାମତ ଲୋଡ଼ିଥିବାବେଳେ ସେ ଉପମୁଖ୍ୟମନ୍ତ୍ରୀଙ୍କ ଗସ୍ତରେ ବ୍ୟସ୍ତ ଥିବାରୁ ପ୍ରତିକ୍ରିୟା ମିଳିପାରି ନାହିଁ। ତେବେ ଏଠାରେ ପ୍ରଶ୍ନ ଉଠୁଛି ଜଣେ ମହିଳାଙ୍କୁ ନ୍ୟାୟ ଦେବା ପରିବର୍ତ୍ତେ ତାଙ୍କୁ ଘରୁ ଉଠାଇନେବା ପୁଲିସର ଏ କି ପ୍ରକାର ନ୍ୟାୟ ବ୍ୟବସ୍ଥା।




## 'ଆମ ଐତିହ୍ୟ, ଆମ ଗୌରବ' କୋଣାର୍କ ପ୍ରେସ୍ କ୍ଲବ୍ ପକ୍ଷରୁ ମିନି ସାଇକ୍ଲୋଥନ୍



କୋଣାର୍କ,୩୦।୧୧(ସମିସ): କୋଣାର୍କ ଉତ୍ସବର ଅବ୍ୟବହିତ ପୂର୍ବରୁ ରବିବାର ସକାଳୁ 'ଆମ ଐତିହ୍ୟ, ଆମ ଗୌରବ' ବାର୍ତ୍ତା ନେଇ କୋଣାର୍କ ପ୍ରେସ୍ କ୍ଲବ୍ ପକ୍ଷରୁ ଆୟୋଜିତ ହୋଇଛି ମିନି ସାଇକ୍ଲୋଥନ୍। କୋଣାର୍କ ସୂର୍ଯ୍ୟମନ୍ଦିର ସମ୍ମୁଖରୁ ରାମଚଣ୍ଡୀ ମନ୍ଦିର ପର୍ଯ୍ୟନ୍ତ ବେଳାମାର୍ଗ ରାସ୍ତାରେ ଆୟୋଜିତ ଏହି ସାଇକଲ ଚାଳନା କାର୍ଯ୍ୟକ୍ରମରେ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ, ଯୁବଗୋଷ୍ଠୀ ଓ ସମାଜସେବୀ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିରୂପେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ବରିଷ୍ଠ ସିଂହାରୀ ସେବାୟତ ମଧୁସୂଦନ ସିଂହାରୀ, କୋଣାର୍କ ଏନ୍ଏସି ଅଧ୍ୟକ୍ଷା ସଂଯୁକ୍ତା ତ୍ରିପାଠୀ, ଗୋପ ବ୍ଲକ୍ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ଗୋପ ତହସିଲ୍‌ଦାର ସୂର୍ଯ୍ୟ ଶଙ୍କର ଦାଶ, କୋଣାର୍କ ସାହିତ୍ୟ ସଂସଦ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି, କୋଣାର୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡାକ୍ତର ବିଧୁଭୂଷଣ ନାୟକ, କାଉନ୍‌ସିଲର ସୌମ୍ୟ ସୌରଭ ଦାଶ ଓ କୋଣାର୍କ ମଣ୍ଡଳ ବିଜେପି ସଭାପତି ଗୋପୀନାଥ ସ୍ୱାଇଁ ପ୍ରମୁଖ ଯୋଗଦେଇ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସାଇକଲ ଶୋଭାଯାତ୍ରା କୋଣାର୍କ ସୂର୍ଯ୍ୟମନ୍ଦିର ସମ୍ମୁଖରୁ ବାହାରି ରାମଚଣ୍ଡୀ ପୀଠରେ ପହଞ୍ଚିବା ପରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବରେ ରାମଚଣ୍ଡୀ ଥାନା ଅଧିକାରୀ ବିଚିତ୍ରାନନ୍ଦ ପରିଡ଼ା, ଚମ୍ପାହର ଅଗ୍ନିଶମ ସେବା କେନ୍ଦ୍ର ଅଧିକାରୀ ବିଚିତ୍ର ଚୌଧୁରୀ ଓ ସୁତନ ଗ୍ରାମପଞ୍ଚାୟତର ସମିତିସଭ୍ୟ କାଶୀନାଥ ନାୟକ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଅଗ୍ରଣୀ ଶିକ୍ଷାନୁଷ୍ଠାନ ମହୋଦଧି ଏଜୁକେସନ ଏକାଡେମୀର ଅଧ୍ୟକ୍ଷ ଶୁଭ୍ରଜିତ୍ ମହାପାତ୍ରଙ୍କୁ ବିଶିଷ୍ଟ ଶିକ୍ଷାବିତ୍ ସମ୍ମାନ, ଦିବଂଗତ ସାମ୍ବାଦିକ ବାଦଲ ଦାଶ ସ୍ମୃତି ସମ୍ମାନରେ ସାମ୍ବାଦିକ ଦୀପ୍ତି ରଞ୍ଜନ ପାତ୍ର ଓ ସଂଗ୍ରାମ କେଶରୀ ମହାପାତ୍ରଙ୍କ ସ୍ମୃତି ସମ୍ମାନରେ ବରିଷ୍ଠ ସାମ୍ବାଦିକ ଭାଗିରଥି ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରେସ୍ କ୍ଲବ୍ ଉପଦେଷ୍ଟା ରାମକୃଷ୍ଣ ମହାନ୍ତି ଓ ସଞ୍ଜୟ ପତି ସଞ୍ଚାଳନ କରିଥିବାବେଳେ ସଭାପତି ଧନଞ୍ଜୟ ବେହେରା, ସମ୍ପାଦକ ବିଚିତ୍ର ଓଝା ଓ ସମସ୍ତ କର୍ମକର୍ତ୍ତା ପରିଚାଳନାରେ ସହଯୋଗ କରିଥିଲେ।

## ଦେଢ଼ ଘଣ୍ଟା ବିଳମ୍ବରେ ଆସିଲା ଆମ୍ବୁଲାନ୍ସ; ରୋଗୀ ମୃତ

ଗୋପ,୩୦।୧୧(ସମିସ): ରବିବାର ଅପରାହ୍ଣରେ ପାରାଲିସିସ୍‌ରେ ଆକ୍ରାନ୍ତ ଜଣେ ରୋଗୀ ସରକାରଙ୍କ ୧୦୮ ଆମ୍ବୁଲାନ୍ସ ସେବା ନ ପାଇ ପ୍ରାଣ ହରାଇଥିବା ଅଭିଯୋଗ ହୋଇଛି। ମୃତକ ଜଣକ ହେଲେ ବିନୋଦ ମଲ୍ଲିକ(୮୦)। ଦୀର୍ଘ ଦେଢ଼ ଘଣ୍ଟା ପରେ ଆମ୍ବୁଲାନ୍ସ ଆସିବାରୁ ରୋଗୀଙ୍କର ମୃତ୍ୟୁ ହୋଇଥିବା ନେଇ ଡାକ୍ତରଖାନାରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗୋପ ଥାନା କୁଆଁପଡ଼ା ପଞ୍ଚାୟତ ଅନ୍ତର୍ଗତ ଓରୁଆଳି ଗ୍ରାମର ବିନୋଦ ମଲ୍ଲିକ (୮୦)ଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ପରିବାର ସଦସ୍ୟ ଅପରାହ୍ଣରେ ଗୋପ ଡାକ୍ତରଖାନାକୁ ଆଣିଥିଲେ। ଡ୍ୟୁଟିରେ ଥିବା ଡାକ୍ତର କାବ୍ୟାରାଣୀ ସ୍ୱାଇଁ ଚିକିତ୍ସା କରିବା ପରେ ସନ୍ଧ୍ୟା ସାଢ଼େ ୫ଟାରେ ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ଡାକ୍ତର ରେଫର କରିବା ପରେ ରୋଗୀଙ୍କ ସାନ ଭାଇଁ ରବିନ୍ଦ୍ର ମଲ୍ଲିକ ୧୦୮ ଆମ୍ବୁଲାନ୍ସକୁ ୫ଟା ୩୭ ମିନିଟ୍‌ରେ ଫୋନ୍ କରିଥିଲେ। କଲ୍ ସେଣ୍ଟରରୁ ୫ଟା ୫୨ରେ ପୁରୀରୁ ଆମ୍ବୁଲାନ୍ସ ଯାଉଥିବା ସୂଚନା ମଧ୍ୟ ଆସିଥିଲା। ଆମ୍ବୁଲାନ୍ସ ବିଳମ୍ବ ହେବା ଫଳରେ ପରିବାର ସଦସ୍ୟ ବାରମ୍ବାର ଆମ୍ବୁଲାନ୍ସକୁ ଫୋନ୍ ମଧ୍ୟ କରିଥିଲେ। ଆମ୍ବୁଲାନ୍ସଟି ଗୋପ ଡାକ୍ତରଖାନାରେ ପହଞ୍ଚିବା ପୂର୍ବରୁ ବିନୋଦ ମଲ୍ଲିକ ଆଖି ବୁଜିଦେଇଥିଲେ। ଦୀର୍ଘ ଦେଢ଼ ଘଣ୍ଟା ବିଳମ୍ବରେ ଆମ୍ବୁଲାନ୍ସ ଆସିବା ଯୋଗୁଁ ମୋ ବାପାଙ୍କ ମୃତ୍ୟୁ ହୋଇଥିବା ପୁଅ ଅନାମ ମଲ୍ଲିକ ଅଭିଯୋଗ କରିଛନ୍ତି। ଏନେଇ ପରିବାର ସଦସ୍ୟ ଡାକ୍ତରଖାନାରେ ହୋ-ହଲ୍ଲା କରିବା ସହ ଆମ୍ବୁଲାନ୍ସ ଗାଡ଼ିର କାଚକୁ ବାଡ଼ାବାଡ଼ି କରିଥିଲେ। ଫଳରେ ୩ ଜଣ ଆମ୍ବୁଲାନ୍ସ କର୍ମଚାରୀ ବାହାରକୁ ବାହାରିପାରି ନ ଥିଲେ। ଏହି ଘଟଣା ଘଟିବା ପରେ ସ୍ଥାନୀୟ ପୁଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ତେବେ ଏକ ଗୁରୁତ୍ୱପୂର୍ଣ୍ଣ କଥା ଯେ, ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏକ ପୁରାତନ ଡାକ୍ତରଖାନା ହୋଇଥିବାବେଳେ କିଛି ବିନା ସୂଚନାରେ ରାତି ଅଧରେ ଗୋପ ଡାକ୍ତରଖାନା ପାଇଁ ନିୟୋଜିତ ଥିବା ୧୦୮ ଆମ୍ବୁଲାନ୍ସ ନିମାପଡ଼ା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯିବା ଯୋଗୁଁ ଆଜି ଏପରି ଘଟଣା ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି।

**୧ ଘଣ୍ଟା ଧରି ଆମ୍ବୁଲାନ୍ସ ଅଟକ, ଗୋପ ଡାକ୍ତରଖାନାରେ ଉତ୍ତେଜନା**

## ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଚାରିଛକ,୩୦।୧୧(ସମିସ): ଚାରିଛକ-ଗୋପ ମୁଖ୍ୟ ରାସ୍ତାର ଅନ୍ନପୂର୍ଣ୍ଣା ବିଦ୍ୟାପୀଠ ନିକଟରେ ରବିବାର ଅପରାହ୍ଣରେ ଏକ ବୋଲେରୋ ଧକ୍କାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ ଗୋପ ଥାନା ଅନ୍ତର୍ଗତ ବାଇଆକୁଦ ଗ୍ରାମର ଜଗନ ସେନାପତି। ଜଗନ ଚାରିଛକରୁ ନିଜ ଘରକୁ ପରିବା କିଣି ନେଇ ଯାଉଥିବା ସମୟରେ ଏକ ବୋଲେରୋ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକମାନେ ଦୁର୍ଘଟଣାସ୍ଥଳରୁ ଜଗନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଚାରିଛକ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ତେବେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଜଗନ ପରିବା ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିଲେ। ତାଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ଗ୍ରାମର ଲୋକମାନେ ଦାବି କରିଛନ୍ତି।

## ଛାତ୍ରୀକୁ ଅସଦାଚରଣ ଉଦ୍ୟମ; ଯୁବକ ଗିରଫ

କଣାସ,୩୦।୧୧(ସମିସ): କଣାସ କଲେଜରେ କ୍ଲାସ୍ ସାରି ଘରକୁ ଯିବା ବାଟରେ ନିଛାଟିଆ ରାସ୍ତାର ସୁଯୋଗ ନେଇ ଜନୈକା ନାବାଳିକା ଛାତ୍ରୀଙ୍କୁ (୧୭) ଜଟଣୀ ଥାନା ଅନ୍ତର୍ଗତ ଜୋରକଣି ବଡ଼ଂଗାରା ଗ୍ରାମର ସୁଦେଇ ଓରଫ ପ୍ରଭାସ ପ୍ରଧାନ ନାମକ ଜଣେ ଯୁବକ ରାସ୍ତାରେ ଅଟକାଇ ଅସଦାଚରଣ କରିବାକୁ ଉଦ୍ୟମ କରିଥିଲେ। ତାଙ୍କୁ ଟଣାଓଟରା କରିବାବେଳେ ଛାତ୍ରୀ ଜଣକ ତାଙ୍କ ଭାଇକୁ ଫୋନ୍ କରି ଡାକିଥିଲେ। ଭାଇ ଆସୁଥିବା ଜାଣି ଅଭିଯୁକ୍ତ ଘଟଣାସ୍ଥଳରୁ ଖସି ପଳାଇଥିଲା। ଏନେଇ କଣାସ ଥାନା ଆଇଆଇସିଙ୍କୁ ଜଣାଇବା ପରେ ବିଭିନ୍ନ ସ୍ଥାନରେ ଚଢ଼ଉ କରି ରବିବାର ସକାଳୁ ପ୍ରଭାସକୁ ମନ୍ଦାରବସ୍ତ ନିକଟରୁ ଗିରଫ କରିଥିଲେ।

## ଉପମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ୨ଟି ପ୍ରକଳ୍ପର ଶିଳାନ୍ୟାସ

ଚାରିଛକ,୩୦।୧୧(ସମିସ): ନିମାପଡ଼ା ବ୍ଲକ୍ ଅନ୍ତର୍ଗତ ବାହାରଣା ପଞ୍ଚାୟତରେ ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ୨ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଯାଇଛି। ୨କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଶ୍ରୀକୋଇଲିଠାରୁ ବାଇଦୀପଡ଼ା ୩ କି.ମି. କେନାଲ ବନ୍ଧ ବାମପଟ ରାସ୍ତାର ସମ୍ପ୍ରସାରଣ ଓ ଉନ୍ନତୀକରଣ ନିମନ୍ତେ ଶିଳାନ୍ୟାସ କରାଯାଇଛି। ସେହିପରି କୁଣ୍ଢେଇ ଡିଷ୍ଟ୍ରିବ୍ୟୁଟାରୀ ମୁଖ୍ୟ କେନାଲର ବାହାରଣା ଡିଭିଜନ ତାଳଦଣ୍ଡାଠାରେ ୧୭ଲକ୍ଷ ଟଙ୍କା ବ୍ୟୟରେ ଏକ ପୋଲ ନିମନ୍ତେ ଶିଳାନ୍ୟାସ ହୋଇଯାଇଛି। ଏହି ରାସ୍ତାଟି ନିର୍ମାଣ ହେଲେ ୨ଟି ବାହାରଣା ଓ ତୁଳସୀପୁର ପଞ୍ଚାୟତର ୨୦ରୁ ଊର୍ଦ୍ଧ୍ୱ ଗ୍ରାମର ଜନସାଧାରଣ ଉପକୃତ ହେବେ। ଏହି ଶିଳାନ୍ୟାସ ଉତ୍ସବରେ ଶ୍ୟାମ ସୁନ୍ଦର ନାୟକ, ସାଂସଦଙ୍କ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ପ୍ରଭାତ କୁମାର ନାୟକ, ବ୍ରଜବନ୍ଧୁ ନାୟକ, ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ସ୍ୱାଇଁ, ଭକ୍ତବନ୍ଧୁ ବିଶ୍ୱାଳ, ଦୁର୍ଯ୍ୟୋଧନ ମହାନ୍ତି, କୈଳାସ ଚନ୍ଦ୍ର କର, ଜ୍ୟୋତି ରଞ୍ଜନ ପାତ୍ର, ଅରକ୍ଷିତ ଭୋଇ, ପୂର୍ବତନ ସରପଞ୍ଚ ଭଗବାନ ମିଶ୍ର, ଛଣିଜଙ୍ଗ ସରପଞ୍ଚ ଅଜୟ କୁମାର ପରିଡ଼ାଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।









## କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ: ସେମିରେ ଖୋର୍ଦ୍ଧା

**ଭାପୁର, ୩୦।୧୧(ସମିସ):** ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ଚକ୍ରଧର ପ୍ରସାଦ କ୍ରିକେଟ୍ ଆସୋସିଏସନ ତରଫରୁ ଶାଳବଣୀ କ୍ରିକେଟ୍ ଖେଳପଡ଼ିଆରେ ରବିବାର ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଖୋର୍ଦ୍ଧା ଦଳ ଭୁବନେଶ୍ୱରକୁ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିଣି କୋଣାର୍କ ନଗର ଖୋର୍ଦ୍ଧା ଦଳ ପ୍ରଥମେ ବ୍ୟାଟିଂ କରି ୧୫ ଓଭରରେ ୧୩୫ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ମଞ୍ଚେଶ୍ୱର ଭୁବନେଶ୍ୱର ୧୩ ଓଭରରେ ସମସ୍ତ ୱିକେଟ୍ ହରାଇ ୯୫ ରନ୍ କରି ୪୫ ରନ୍‌ରେ ପରାଜିତ ହୋଇଥିଲା। ଖେଳକୁ ଉଦ୍‌ଘାଟନ କରିଥିଲେ ଚକ୍ରଧରପ୍ରସାଦ ପଞ୍ଚାୟତ ସରପଞ୍ଚ ବିଜୟ କୁମାର କର। ଖେଳ ପରିଚାଳନା କରିଥିଲେ ରଙ୍କନିଧି ସାହୁ ଓ ଶିବୁଲ କୁମାର ନାଥ। ସ୍କୋରର୍ ଭାବେ ଚନ୍ଦନ ନାଥ, ଶିପୁ ନାୟକ ଓ ଧାରା ବିବରଣୀ କାର୍ଯ୍ୟ ପ୍ରଦୀପ ପ୍ରଧାନ ଓ ପ୍ରକାଶ ପ୍ରହରାଜ ସମ୍ପାଦନ କରିଥିଲେ। ସୋମବାର ନୟାଗଡ଼ ଇଲେଭେନ୍ ଓ ଏମ୍‌ବିସି ଖୋର୍ଦ୍ଧା ଦଳ ମଧ୍ୟରେ ମ୍ୟାଚ୍ ଖେଳାଯିବ।

### ଦୀପକ ହୋଟେଲ ଉପରେ ପୁଲିସ ଚଢ଼ଉ

# ଦେହଜୀବୀ ଉଦ୍ଧାର, ମାଳିକ ଗିରଫ






ସକାଳ ପ୍ରଭାବ

**ନୟାଗଡ଼, ୩୦।୧୧(ସମିସ)**

ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅନ୍ତର୍ଗତ ପ୍ରତାପପ୍ରସାଦ ଲାଠିପଡ଼ା ରାସ୍ତାରେ ରହିଥିବା ହୋଟେଲ୍ ଦୀପକ ଉପରେ ପୁଲିସ ଚଢ଼ଉ କରିଛି। ନୟାଗଡ଼ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟଙ୍କ ନେତୃତ୍ୱରେ ଟାଉନ୍ ଥାନା ପୁଲିସ ଓ ଇଟାମାଟି ଥାନା ପୁଲିସ ଚଢ଼ଉ କରିଛନ୍ତି। ହୋଟେଲ ଭିତରୁ ଜଣେ ଦେହଜୀବୀକୁ ପୁଲିସ ଧରିବାରେ ସଫଳ ହୋଇଥିବାବେଳେ ଗ୍ରାହକ ଖସି ଯାଇଥିବା ସୂଚନା ମିଳିଛି। ଏହା ସହିତ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି। ଏହି ଘଟଣାରେ ହୋଟେଲ ମାଲିକ ସୁଦର୍ଶନ ନନ୍ଦଙ୍କୁ ଗିରଫ କରାଯାଇଛି।


ପ୍ରତାପପ୍ରସାଦ ଓ ଲାଠିପଡ଼ା ରାସ୍ତାରେ ରହିଥିବା ଏହି ହୋଟେଲରେ ଦୀର୍ଘଦିନ ଧରି ବେଆଇନ ଭାବେ ଦେହ ବେପାର ହୋଇ ଆସୁଥିଲା। ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ଦେଖାଯାଉଥିଲା। ଏନେଇ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ରବିବାର ନୟାଗଡ଼ ଏସ୍‌ପି ଏସ୍. ସୁଶ୍ରୀଙ୍କ ନିର୍ଦ୍ଦେଶରେ ଚଢ଼ଉ ହୋଇଥିଲା। ନୟାଗଡ଼ ଏସ୍‌ଡିପିଓଙ୍କ ନେତୃତ୍ୱରେ ସଦର ଥାନା, ଟାଉନ ଥାନା ଓ ଇଟାମାଟି ଥାନା ପୁଲିସ

- ଆପତ୍ତିଜନକ ସାମଗ୍ରୀ ଜବତ; ଖସିଗଲା ଗ୍ରାହକ
- ଦୀର୍ଘଦିନ ଧରି ଖୁଲମ୍‌ଖୁଲା ଚାଲିଥିଲା କାରବାର

ଚଢ଼ଉ କରି ଉକ୍ତ ହୋଟେଲରୁ ଦେହଜୀବୀଙ୍କୁ ଧରିବାରେ ସଫଳ ହୋଇଛନ୍ତି। ଉଭୟ ଦେହଜୀବୀ ଓ ହୋଟେଲ ମାଲିକଙ୍କୁ ଇଟାମାଟି ଥାନାରେ ଅଟକ ରଖାଯାଇ ପଚରାଉଚରା କରାଯାଇଥିଲା। ଦେହଜୀବୀ ଜଣକ ଜଣେ ସ୍ୱାମୀ ପରିତ୍ୟକ୍ତା ମହିଳା ବୋଲି କହିଥିଲେ। ଏହି ଘଟଣାରେ ଇଟାମାଟି ପୁଲିସ ଏକ ମାମଲା ରୁଜୁ କରିବା ସହ ମାଲିକଙ୍କୁ ଗିରଫ କରିଛି। ଦେହଜୀବୀଙ୍କୁ ଷ୍ଟେ ହୋମ୍‌ରେ ରଖାଯିବ ବୋଲି ସୂଚନା ମିଳିଛି।

## ପନ୍ତିଖାରୀ ଆର୍‌ଆଇ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଓଡ଼ଗାଁ, ୩୦।୧୧(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ତହସିଲ୍ ପନ୍ତିଖାରୀ ଶାସନଠାରେ ରାଜସ୍ୱ ନିରୀକ୍ଷକଙ୍କ ନୂତନ କାର୍ଯ୍ୟାଳୟ ଜାତୀୟ ମାନବାଧିକାର କମିଶନ ସଭ୍ୟ ତଥା ଝାଡ଼ଖଣ୍ଡ ଉଚ୍ଚ ନ୍ୟାୟାଳୟର ପ୍ରାକ୍ତନ ମୁଖ୍ୟ ବିଚାରପତି ଡ. ଜଷ୍ଟିସ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀଙ୍କ କରକମଳରେ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ଗାଁ ତହସିଲ୍‌ଦାର ଡ. ମାନସ ରଞ୍ଜନ ଭୋଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଯୋଗଦେଇ ଜଷ୍ଟିସଙ୍କ ପ୍ରସ୍ତାବ କ୍ରମେ ଗାଁରେ କଲ୍ୟାଣମଣ୍ଡପ ନିର୍ମାଣ ପାଇଁ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟତମ ଅତିଥି ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ ଆର୍‌ଆଇ କାର୍ଯ୍ୟାଳୟର କାର୍ଯ୍ୟ ସମ୍ପର୍କରେ ତହସିଲ୍ ଅନ୍ତର୍ଗତ ପନ୍ତିଖାରୀ, ରଙ୍ଗଣୀପାଟଣା ଏବଂ ପାଣ୍ଡେରିପଡ଼ା ପଞ୍ଚାୟତରୁ ଆସିଥିବା ସରପଞ୍ଚ, ଜନପ୍ରତିନିଧି ଏବଂ ଜନସାଧାରଣଙ୍କୁ ବୁଝାଇଥିଲେ। ମୁଖ୍ୟ ଅତିଥି ତଥା ଉଦ୍‌ଘାଟକ ଡ. ଜଷ୍ଟିସ ଷଡ଼ଙ୍ଗୀ ଏବଂ ଅନ୍ୟ ଅତିଥିଙ୍କ ଦ୍ୱାରା ୨୦ ଜଣ ଆବେଦନକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା। ଡ. ଜଷ୍ଟିସ ଷଡ଼ଙ୍ଗୀଙ୍କ ଜନ୍ମସ୍ଥାନ ପନ୍ତିଖାରୀ ଶାସନ ହୋଇଥିବାରୁ କାର୍ଯ୍ୟାଳୟ ତରଫରୁ ରାଜସ୍ୱ ନିରୀକ୍ଷକ ସ୍ୱପ୍ନା



ସ୍ୱାଇଁ ପ୍ରଥମ କରି ଡ. ଜଷ୍ଟିସ ଷଡ଼ଙ୍ଗୀଙ୍କ ଜାଗା ଏବଂ ଜମିର ପାଉତି କାଟିଥିଲେ। ସଭାକାର୍ଯ୍ୟ ଆରମ୍ଭରେ ସ୍ଥାନୀୟ ଗାୟତ୍ରୀ ବିଦ୍ୟାମନ୍ଦିର ମଶାବାରୀର ଶିଶୁମାନଙ୍କ ଦ୍ୱାରା ଅଭିନନ୍ଦନ ସଙ୍ଗୀତ ପରିବେଷଣ ହୋଇଥିଲା। ପଣ୍ଡିତ ଖଗେଶ୍ୱର ହୋତା ତାଙ୍କ ସ୍ୱରଚିତ ଆଧ୍ୟାତ୍ମିକ ପୀୟୂଷ ପୁସ୍ତକ ଅତିଥିଙ୍କୁ ବଣ୍ଟନ କରିଥିଲେ। ଶେଷରେ ତହସିଲ୍‌ଦାର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ବେଆଇନ ମଦ କାରବାର; ଗୁଗୁଲି ଢାବାରେ ଚଢ଼ଉ

## ୫୦ ଲିଟର ଜବତ, ମାଲିକ ଗିରଫ

**ନୟାଗଡ଼, ୩୦।୧୧(ସମିସ):** ନୟାଗଡ଼ ଅବକାରୀ ବିଭାଗର ନିଷ୍କ୍ରିୟତା ପାଇଁ ଚୋରା ତଥା ବେଆଇନ ମଦ କାରବାର ବୃଦ୍ଧି ପାଉଛି। ରବିବାର ନୟାଗଡ଼ ଏସ୍‌ଡିପିଓଙ୍କ ନେତୃତ୍ୱରେ ଟାଉନ ଥାନା ପୁଲିସ ଲେଙ୍କୁଡ଼ିପଡ଼ାଠାରେ ଥିବା ଗୁଗୁଲି ଢାବାରେ ଚଢ଼ଉ କରି ୫୦ ଲିଟର ମଦ ଜବତ କରିଛି। ବେଆଇନ ମଦ କାରବାର ଅଭିଯୋଗରେ ଗୁଗୁଲି ହୋଟେଲର ମାଲିକ ସୁରେଶ ଚନ୍ଦ୍ର ପ୍ରଧାନଙ୍କୁ ଗିରଫ କରାଯାଇଛି। ସୁରେଶଙ୍କ ନାମରେ ପୂର୍ବରୁ ନୟାଗଡ଼ ଟାଉନ ଥାନାରେ ଏକାଧିକ ମାମଲା ରହିଥିବା ଜଣାପଡ଼ିଛି। ନୟାଗଡ଼ ଟାଉନ ଥାନାର ସବ୍ ଇନ୍ସପେକ୍ଟର ସନ୍ତୋଷ କୁମାର ଦାସ ଏହି ଚଢ଼ଉ କରିଥିଲେ। ଏହି ହୋଟେଲରେ ପ୍ରତ୍ୟେକ ଦିନ ମଦ କାରବାର ହୋଇ ଆସୁଥିଲା। ଗତ ମାର୍ଚ୍ଚ ୧୫ ତାରିଖରେ ପୁଲିସ ଚଢ଼ଉ କରି ୩ ଜଣଙ୍କୁ ଗିରଫ କରିବା ସହ ୪୭୦ ଲିଟର ମଦ ଜବତ କରିଥିଲା। ମାଲିକ ଜେଲ୍‌ରୁ ଜାମିନରେ ଆସିବା ପରେ ପୁଣି ମଦ କାରବାର କରୁଥିବା ନେଇ ଅଭିଯୋଗ ରହିଥିଲା। ଚଢ଼ଉ ସମୟରେ ବିଭିନ୍ନ ବ୍ରାଣ୍ଡର ୫୦ ଲିଟର ବିଦେଶୀ ମଦ ଜବତ କରାଯାଇଛି। ଏହି ଚଢ଼ଉ ପରେ ନୟାଗଡ଼ ସହରରେ ଚାଲିଥିବା ଅନ୍ୟ ହୋଟେଲଗୁଡ଼ିକରେ ବେଆଇନ ମଦ କାରବାର ହ୍ରାସ ଘଟିବ ବୋଲି ଆଲୋଚନା ହେଉଛି। ନୟାଗଡ଼-ଭୁବନେଶ୍ୱର ରାସ୍ତାରେ ରହିଥିବା ଢାବା, ନୟାଗଡ଼-ଦଶପଲ୍ଲା ରାସ୍ତାରେ ରହିଥିବା ଢାବା, ନୟାଗଡ଼-ଖଣ୍ଡପଡ଼ା ରାସ୍ତାରେ ରହିଥିବା ଢାବାରେ ମଧ୍ୟ ଦିନ ଦ୍ୱିପହରେ ମଦ କାରବାର ହେଉଥିବା ଅଭିଯୋଗ ହେଉଛି।

## ବ୍ୟାପିଛି ଫାଟୁଆ ରୋଗ: ୪୦ରୁ ଅଧିକ ଷଣ୍ଢ ଆକ୍ରାନ୍ତ



**ରଣପୁର, ୩୦।୧୧(ସମିସ):** ନୟାଗଡ଼ ଜିଲ୍ଲା ରଣପୁରରେ ବ୍ୟାପିଛି ବର୍ଷାଦିନିଆ ରୋଗ ଫାଟୁଆ। ଦିନକୁ ଦିନ ଏହି ରୋଗ ମହାମାରୀ ରୂପ ନେଉଥିବାବେଳେ ଚେଇଁ ଶୋଇଛି ପ୍ରାଣୀଧନ ବିଭାଗ। ମାସେ ତଳେ କାଁ ଭାଁ କେଉଁ ଗାଁରେ ଏହି ରୋଗ ଦେଖିବାକୁ ମିଳିଥିବାବେଳେ ଏବେ ରଣପୁର ଅଞ୍ଚଳର ପ୍ରତ୍ୟେକ ଷଣ୍ଢ(ବୃଷଭ)ଙ୍କୁ ମାଡ଼ି ସାରିଲାଣି ଫାଟୁଆ। ଏବେଯାଏଁ ପ୍ରାୟ ୪୦ରୁ ୬୦ ଷଣ୍ଢଙ୍କୁ ଏହି ରୋଗ ଆକ୍ରାନ୍ତ ହୋଇଥିବାବେଳେ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ। ରବିବାର ରଣପୁର ଜଗନ୍ନାଥ ମନ୍ଦିର ସାମ୍ନାରେ ୮ରୁ ୧୦ ଷଣ୍ଢ ଫାଟୁଆ ରୋଗରେ ଆକ୍ରାନ୍ତ ହୋଇ ଯନ୍ତ୍ରଣାରେ ଛଟପଟ ହେଉଥିବା ଦେଖି ଜଗନ୍ନାଥ ସେନା ଓ ସ୍ଥାନୀୟ ସମାଜସେବୀ ପ୍ରିୟବ୍ରତ ପ୍ରହରାଜ ପ୍ରାଣୀଧନ ଚିକିତ୍ସା କେନ୍ଦ୍ରକୁ ଚିକିତ୍ସା ନିମନ୍ତେ ଯୋଗାଯୋଗ କରିଥିଲେ। ଏହି ରୋଗ ବାୟୁ ଦ୍ୱାରା ବ୍ୟାପୁଥିବାରୁ ଏପରି ଗୁରୁତ୍ୱପୂର୍ଣ୍ଣ ସମୟରେ ପ୍ରାଣୀଧନ ବିଭାଗ ଯେପରି ଭାବେ ତତ୍ପରତା ଦେଖାଇବା କଥା ଦେଖାଉନାହିଁ ବୋଲି ଅଭିଯୋଗ କରିଥିଲେ।

ଏନେଇ ଗୋ-ସେବକ ସନାତନ ରଣା କହିଛନ୍ତି ଯେ ଗାଈଗୋରୁଙ୍କୁ ଏହି ରୋଗ ହୋଇ ନ ଥିବାବେଳେ କେବଳ ଷଣ୍ଢଙ୍କୁ କାହିଁକି ଏହି ରୋଗ ବ୍ୟାପିଛି। ଷଣ୍ଢଙ୍କ ପାଟିରୁ ଧଳା ଫେଣ ବାହାରିବା ସହ ଖୁରାରେ ଘା' ହୋଇଥିବାରୁ ଚାଲିବୁଲି ପାରୁନାହାନ୍ତି। ଆକ୍ରାନ୍ତ ହେବାର ୮ରୁ ୧୦ ଦିନ ମଧ୍ୟରେ ମରିଯାଉଛନ୍ତି। ଏନେଇ ସ୍ଥାନୀୟ ପ୍ରାଣୀଧନ ବିଭାଗକୁ ବହୁବାର ଜଣାଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନି। ଫଳରେ ବହୁ ଷଣ୍ଢ ମୃତ୍ୟୁମୁଖରେ ପଡ଼ିଛନ୍ତି ବୋଲି ସେ କହିଛନ୍ତି। ଏନେଇ ରଣପୁର ବିଡିଓ ରୋଗରେ ପଡ଼ିଥିବା ଷଣ୍ଢଙ୍କ ନିକଟରେ ତୁରନ୍ତ ପହଞ୍ଚିଥିଲେ ଏବଂ ଚିକିତ୍ସା ଚାଲିଥିବା ସହିଛନ୍ତି। ତେଣୁ ଉପଯୁକ୍ତ ଚିକିତ୍ସା ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ଗଣିଆ, ୩୦।୧୧(ସମିସ):** ଗଣିଆ ଥାନା ଅନ୍ତର୍ଗତ ରାସଙ୍ଗ ପଞ୍ଚାୟତ କାଦୁଆ ଗ୍ରାମରେ ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ଜଣକ ଗୋଲେଖ ବାରିକଙ୍କ ପୁଅ ବିଶ୍ୱଜିତ୍ ବାରିକ ବୋଲି ଜଣାପଡ଼ିଛି। ରବିବାର ଅପରାହ୍ଣରେ ବିଶ୍ୱଜିତ୍‌ଙ୍କ ଦେହ ଖରାପ ହୋଇ ବାନ୍ତି ହେବାରୁ ତାଙ୍କୁ ଗଣିଆ ମେଡିକାଲକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାରୁ ପ୍ରକାଶ ଯେ, ବିଶ୍ୱଜିତ୍ ତାଙ୍କ ଘର ପାଖରେ ଥିବା ଏକ ପାଳଗଦା ଉପରୁ ଖସିପଡ଼ିଥିଲେ। ତାଙ୍କୁ ଡାକ୍ତରଖାନାକୁ ଆଣି ଚିକିତ୍ସା କରି ଘରକୁ ନେଇଥିଲେ। ରବିବାର ଅପରାହ୍ଣରେ ତାଙ୍କ ଶରୀର ଅସୁସ୍ଥ ହେବା ସହିତ ବାନ୍ତି କରିଥିଲେ। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଗଣିଆ ମେଡିକାଲକୁ ଅଣାଯାଇଥିବା ବେଳେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଶନିବାର ସେ ପାଳଗଦାରୁ ପଡ଼ିବା ପରେ ମେଡିକାଲକୁ ଆସିଥିବାବେଳେ ତାଙ୍କୁ ଉତ୍ତମ ଚିକିତ୍ସା ପାଇଁ ବାହାର ମେଡିକାଲକୁ ନ ପଠାଇବାରୁ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଗଣିଆ ମେଡିକାଲ ପରିସରରେ ଗଣିଆ ଥାନା ଅଧିକାରୀ ଲକ୍ଷ୍ମଣ ଦଣ୍ଡସେନା, ଏଏସ୍‌ଆଇ ଦେବାଶିଷ ସେଠୀ ପ୍ରମୁଖ ପହଞ୍ଚି ଶବଟିକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଦଶପଲ୍ଲା ମେଡିକାଲକୁ ପଠାଇଥିବା ଜଣାପଡ଼ିଛି। ଶବ ବ୍ୟବଚ୍ଛେଦ ପରେ ପ୍ରକୃତ ଘଟଣା ପଦାକୁ ଆସିପାରିବ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

### ବେଆଇନ ମାଙ୍କଡ଼ା ପଥର ଚୋରା ଚାଲାଣ

## ୪୦୭ ମିନିଟ୍ରକ୍ ସହିତ ମାଲିକ ଓ ଚାଳକ ଅଟକ

**ଓଡ଼ଗାଁ, ୩୦।୧୧(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ପୁଲିସ ରବିବାର ସକାଳୁ ପାଟ୍ରୋଲିଂ କରୁଥିବା ସମୟରେ ବେଆଇନ ମାଙ୍କଡ଼ା ପଥର ବୋଝେଇ ୪୦୭ ମିନିଟ୍ରକ୍ ସହିତ ମାଲିକ ଓ ଚାଳକଙ୍କୁ ଅଟକ ରଖିଥିବା ଜଣାଯାଇଛି। ଚାଳକ ଜଣକ କୋମଣ୍ଡ ମଶାଣି ସାହିର ବଳରାମ ନାୟକ(୩୯) ଏବଂ ଗାଡ଼ି ମାଲିକ କୋମଣ୍ଡ ମକରପଦାର ରବୀନ୍ଦ୍ର ଭଟ୍ଟ(୩୫)। ରବିବାର ସକାଳେ ଓଡ଼ଗାଁ ପୁଲିସ ଏଏସ୍‌ଆଇ ଦେବରାଜ ମଲ୍ଲିକ, ହାବିଲ୍‌ଦାର ବ୍ରଜେନ୍ଦ୍ର ନାୟକ ଏବଂ କନେଷ୍ଟବଳ ଉପେନ୍ଦ୍ର ମଲ୍ଲିକ ପାଟ୍ରୋଲିଂ କରୁଥିବାବେଳେ ରୋହିବାଙ୍କ କୋମଣ୍ଡ ଆଡ଼କୁ ଯାଉଥିବା ଏକ ବେଆଇନ ମାଙ୍କଡ଼ା ଚାଲାଣକାରୀ ମିନିଟ୍ରକ୍‌କୁ ଅଟକାଇ ଓଡ଼ଗାଁ ଥାନାକୁ ଆଣିଥିଲେ। ବେଆଇନ ଖଣିଜ ଦ୍ରବ୍ୟ ଚୋରା ଚାଲାଣ ଦଫା ୩୫୮/୨୦୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲେ।

## ବରିଷ୍ଠ ନେତା ଶ୍ରବଣ ରାମଙ୍କ ପରଲୋକ

**ନୟାଗଡ଼, ୩୦।୧୧(ସମିସ):** ନୟାଗଡ଼ ଜିଲ୍ଲା ଇଟାମାଟି ପଞ୍ଚାୟତର ବରିଷ୍ଠ ନେତା ତଥା ଅବସରପ୍ରାପ୍ତ ରାଜନୀତି ବିଜ୍ଞାନ ଅଧ୍ୟାପକ ଶ୍ରବଣ ରାମଙ୍କ ଶନିବାର ବିଳମ୍ବିତ ରାତିରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। କିଛିଦିନ ହେଲା ସେ ଅସୁସ୍ଥ ଥିଲେ। ଜଣେ ଅଧ୍ୟାପକ ଭାବେ ଇଟାମାଟି ଅଞ୍ଚଳରେ ସେ ବେଶ୍ ପରିଚିତ ଥିବାବେଳେ ଅବସର ପରେ ଇଟାମାଟି ପଞ୍ଚାୟତ ସରପଞ୍ଚ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଏହା ସହିତ ବିଜୁ ଜନତା ଦଳର ବ୍ଲକ ସଭାପତି ଭାବେ ମଧ୍ୟ କାର୍ଯ୍ୟ କରିଥିଲେ। ଖବରପାଇ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ଶ୍ରମିକ ନେତା ବିଶ୍ୱନାଥ ମହାପାତ୍ର, ଅବସରପ୍ରାପ୍ତ ଅଧ୍ୟକ୍ଷ ଅଶୋକ ନାୟକ, କଂଗ୍ରେସ ଜିଲ୍ଲା ସଭାପତି ରଣଜିତ୍ ଦାଶ ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିଛନ୍ତି।

# ଛାତ ଉପରେ ଚାଲିଥିଲା ବନ୍ଧୁକ କାରଖାନା

**ନୟାଗଡ଼, ୩୦।୧୧(ସମିସ)**



ନୟାଗଡ଼ ଜିଲ୍ଲା ରଣପୁର ଥାନା ପୁଲିସ ନିର୍ମାଣ ସାମଗ୍ରୀ ସହ ଦୁଇଟି ବନ୍ଧୁକ ଜବତ କରିଛି। ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଦୁଇ ଜଣ ହେଲେ ଶରଣକୁଳ ଥାନା ଜାକେଡ଼ା ଗ୍ରାମର ପାଣ୍ଡା ଓରଫ ପ୍ରଶାନ୍ତ ବିଶ୍ୱାଳ, ରଣପୁର ଥାନା ଡମସାହି ଲଡୁକେଶ୍ୱରପୁର ଗ୍ରାମର ଗୁଡୁ ଓରଫ ତୋଫାନ ବିଶ୍ୱାଳ। ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ଶନିବାର ଦର୍ପନାରାୟଣପୁର ଫାଣ୍ଡି ଅଧିକାରୀ ଧର୍ମେନ୍ଦ୍ର ଶିଆଳ ପାଟ୍ରୋଲିଂ କରୁଥିବା ସମୟରେ ଗୁଡୁ ଗୋଟିଏ ବାଇକ୍ ଯୋଗେ ଯାଉଥିଲା। ପୁଲିସ ଯାଞ୍ଚ ସମୟରେ ତା' ବାଇକ୍‌ରୁ ଗୋଟିଏ ଦେଶୀ ପିସ୍ତଲ ରହିଥିବା ଦେଖାଯାଇଥିଲା। ପୁଲିସ ତାକୁ ଅଟକ ରଖି ପଚରାଉଚରା କରିବା ପରେ ସେ ଏହି ବନ୍ଧୁକ ପାଣ୍ଡାଠାରୁ କିଣିଥିବା ସ୍ୱୀକାର କରିଥିଲା। ଯାହାକୁ ନେଇ ପୁଲିସ ଟିମ୍ ଗୋଡ଼ିପଡ଼ାରେ ରହିଥିବା ପାଣ୍ଡା ଘର ଉପରେ ଚଢ଼ଉ କରିବା ପରେ ସେ ବନ୍ଧୁକ ନିର୍ମାଣ କରୁଥିବା ଜଣାପଡ଼ିଥିଲା। ତାକୁ ପୁଲିସ ଧରିବାକୁ ଚେଷ୍ଟା କରୁଥିବାବେଳେ ସେ ଆକ୍ରମଣ କରିଥିଲା। ଏଏସ୍‌ଆଇ ଏମ୍‌କେ ଦିଗାଲ ପାଣ୍ଡା ଆକ୍ରମଣରେ ଆହତ ହୋଇଥିବା ନୟାଗଡ଼ ଏସ୍‌ପି ଏସ୍ ସୁଶ୍ରୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ପୁଲିସ ତାଙ୍କ ଘର ଛାତ ଉପରେ ଚାଲିଥିବା ବନ୍ଧୁକ କାରଖାନାରୁ ସମସ୍ତ ନିର୍ମାଣ ସାମଗ୍ରୀ ଜବତ କରିଛି। ଏହା ସହିତ ଆଉ ଏକ ବନ୍ଧୁକ ଜବତ କରିଛି। ଏସ୍‌ପିଙ୍କ ସୂଚନାନୁସାରେ, ଦୁଇଟି ବନ୍ଧୁକ ସମେତ ଡ୍ରାଏ ମେସିନ୍, ୱେଲ୍‌ଡିଂ ମେସିନ୍ ଓ ଅନ୍ୟାନ୍ୟ ସାମଗ୍ରୀ ସହ ଏକ ବାଇକ୍ ଜବତ କରାଯାଇଛି। ଏହି ଘଟଣାରେ ଇନ୍ସପେକ୍ଟର ଧର୍ମେନ୍ଦ୍ର ଶିଆଳଙ୍କ ଏତଲା ଆଧାରରେ ଏକ ମାମଲା ରୁଜୁ ହୋଇଛି। ଏହି ମାମଲାର ତଦନ୍ତ ରଣପୁର ଥାନା ଏସ୍‌ଆଇ ରମେଶ ଚନ୍ଦ୍ର ଜେନା କରୁଛନ୍ତି। ପାଣ୍ଡା ଜଣେ ଦୁର୍ଦ୍ଦାନ୍ତ ଅପରାଧୀ ଏବଂ ତା' ନାମରେ ଶରଣକୁଳ ଥାନାରେ ଏକାଧିକ ମାମଲା ରହିଥିବା ଜଣାପଡ଼ିଛି। ଏହି ଘଟଣାରେ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ନୟାଗଡ଼ ଏସ୍‌ପି, ଶରଣକୁଳ ଏସ୍‌ଡିପିଓ ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହି ସୂଚନା ଦେଇଛନ୍ତି।

**ନିର୍ମାଣ ସାମଗ୍ରୀ ସହ ଦୁଇ ବନ୍ଧୁକ ଜବତ, ୨ ଗିରଫ**






# ବୁଦାମୂଳରୁ ନବଜାତ ଶିଶୁପୁତ୍ର ଉଦ୍ଧାର

**ଖୋର୍ଦ୍ଧା, ୩୦।୧୧(ସମିସ):** ସଦରଥାନା ଅନ୍ତର୍ଗତ ବଙ୍ଗିଦା ଗ୍ରାମ ଖେଳପଡିଆ ନିକଟ ଏକ ବୁଦାମୂଳରୁ ଏକ ନବଜାତ ଶିଶୁପୁତ୍ର ଉଦ୍ଧାର ହୋଇଛି । ଶିଶୁ ପୁତ୍ରକୁ ଉଦ୍ଧାର କରି ଜନୈକ ମହିଳା ନିଜ ପାଖରେ ରଖିଥିବାବେଳେ ଖବର ପାଇ ପ୍ରଶାସନିକ ଅଧିକାରୀ ଓ ଶିଶୁ ସୁରକ୍ଷା କର୍ମଚାରୀ ପହଁଚିଥିଲେ । ମାତ୍ର ଉଦ୍ଧାର ଶିଶୁ ଟିକୁ ନଫେରାଇବା ଲାଗି ଉକ୍ତ ମହିଳାଙ୍କ ସମେତ ଗ୍ରାମବାସୀ ଏକଜୁଟ୍ ହୋଇଥିବା ବେଳେ ଜିଲ୍ଲା ଶିଶୁ ସୁରକ୍ଷା ଟିମ୍, ପୁଲିସ ଓ ପ୍ରଶାସନିକ ଅଧିକାରୀଙ୍କ ହସ୍ତକ୍ଷେପରେ ରାତି ୧୧ଟା ୧୫ରେ ଶିଶୁଟିକୁ ସୁରକ୍ଷା କର୍ମଚାରୀଙ୍କୁ ଗ୍ରାମବାସୀ ପ୍ରଦାନ କରିଥିଲେ । ବୁଝାସୁଝା କରିବାରେ ଗ୍ରାମବାସୀ ନବଜାତ ଶିଶୁକୁ ପ୍ରଶାସନକୁ ହସ୍ତାନ୍ତର କରିଥିବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣିଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ବର୍ତ୍ତମାନ ଶିଶୁଟି ଭଲ ଅଛି ଏବଂ ଶିଶୁ କଲ୍ୟାଣ କମିଟିର ଆଦେଶ ଅନୁଯାୟୀ ତାକୁ ଭୁବନେଶ୍ୱରର ଏକ ସ୍ପେସିଆଲ୍ ଏଡପ୍ସନ୍ ଏଜେନ୍ସିରେ ରଖାଯାଇଛି ବୋଲି କହିଛନ୍ତି ।

## ଆଜି ବିଶ୍ୱ ଏଡ୍ସ ଦିବସ

# ୨୪ ବର୍ଷରେ ଗଲାଣି ୩୧୯୫ ଜୀବନ

ଖୋର୍ଦ୍ଧା,୩୦।୧୧(ସମିସ) : ସୋମବାର ହେଉଛି ବିଶ୍ୱ ଏଡସ ଦିବସ । ଏଡ଼ସ୍ ନିୟନ୍ତ୍ରଣ ସମିତି ଓ ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏଡ୍ସ ନିରାକରଣ ନିମନ୍ତେ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି । ମାତ୍ର ସଚେତନତା ଅଭାବରୁ ଗତ ୨୪ବର୍ଷ ମଧ୍ୟରେ ଏହି ରୋଗ ଯୋଗୁ ୩୧୯୫ଜଣ ଲୋକଙ୍କ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ତଥ୍ୟ କହୁଛି । ଗୋଟିଏ ପାଶ୍ୱର୍ରେ ଦାଦନ ସମସ୍ୟା ଓ ଅନ୍ୟପାଶ୍ୱର୍ରେ ଅପ୍ରାକୃତିକ ଯୌନସମ୍ପର୍କ ଓ ଇଞ୍ଜେକସନ ଛୁଂଚି ବାରମ୍ବାର ଜଣେ ଲୋକ ବ୍ୟବହାର କରିବା, ଏଚ୍ଆଇଭି ସଂକ୍ରମିତ ମାଆ ଠାରୁ ତାର ଗର୍ଭସ୍ଥ ଶିଶୁକୁ ଏବଂ ଗୋଟିଏ ଛୁଂଚିରେ ଏକାଧିକ ବ୍ୟକ୍ତି ଚିତା କୁଟାଇବା ଦ୍ୱାରା ଏଭଳି ସମସ୍ୟା ସୃଷ୍ଟି ହେଉଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହୁଛନ୍ତି । କିନ୍ତୁ ସ୍ୱର୍ଶ ମାଧମରେ, ମଶା କାମୁଡିବା ଦ୍ୱାରା, ଏକ ସଙ୍ଗରେ କାମ କରିବା ଦ୍ୱାରା, ସଂକ୍ରମିତ ବ୍ୟକ୍ତିଙ୍କ ସଙ୍ଗରେ ଖାଇବା ପିଇବା, ତାର ପୋଷାକ ବ୍ୟବହାର କରିବା ଦ୍ୱାରା ଏଡସ୍ ରୋଗୀ ବ୍ୟାପି ନ ଥାଏ । ଏଡସ୍ ରୋଗର ସଚେତନତା ଓ ନିୟନ୍ତ୍ରିତ ଲାଗି ରାଜ୍ୟରେ କାମ କରୁଛି ଓଡିଶା ଏଡସ୍ ନିୟନ୍ତ୍ରଣ ସମିତି । ଏହା ଜରିଆରେ ଖୋର୍ଦ୍ଧା ଜିଲ୍ଲାରେ କାର୍ଯ୍ୟ କରୁଛି ଜିଲ୍ଲା ଏଡସ୍ ନିରାକରଣ ଓ ନିୟନ୍ତ୍ରଣ କେନ୍ଦ୍ର ବୋଲି କୁହାଯାଉଛି । ଏଥିସହିତ ଏଡସ୍ର ନିୟନ୍ତ୍ରଣ ଲାଗି ବିଭାଗ ପକ୍ଷରୁ ଜନସାଧାରଣଙ୍କୁ ବିଭିନ୍ନ ସଭା ସମିତି, ପ୍ରଚାରପତ୍ର, ବିଜ୍ଞାପନ ପ୍ରଭୃତି ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଥିବା ବିଭାଗ ଯୁକ୍ତିବାଢୁଛି । ମାତ୍ର ଏହା କେବଳ କାଗଜପତ୍ରରେ ସୀମିତ ଥିବାବେଳେ ବାସ୍ତବରେ ସଚେତନତା ଅଭାବରୁ ଏଡସ୍ ରୋଗରେ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି । ଗତ ୨୦୦୨ ମସିହାରୁ ବର୍ତ୍ତମାନ ସୁଦ୍ଧା ୫୨୫୪ଜଣ ଏଡ଼ସ୍ ରୋଗୀ ଜିଲ୍ଲାରେ ଥିବା ସ୍ୱାସ୍ଥ୍ୟ ବିଭାଗ ତଥ୍ୟ କହୁଛି । ଜିଲ୍ଲାରେ ବର୍ତମାନ ସୁଦ୍ଧା ୨୦ଲକ୍ଷ ୩୯ହଜାର ୧୬୪ଜଣ ବ୍ୟକ୍ତିଙ୍କୁ କାଉନସେଲିଂ କରାଯାଇଥିବାବେଳେ ସମସ୍ତଙ୍କ ରକ୍ତ ପରୀକ୍ଷା କରାଯାଇଛି । ସଚେତନତା ଅଭାବରୁ ୨୪ବର୍ଷ ମଧ୍ୟରେ ୩୧୯୫ଜଣ ମୃତ୍ୟୁବରଣ କରିଛନ୍ତି । ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ବିଶ୍ୱ ଏଡ଼ସ ଦିବସ ପାଳନ କରିବାକୁ ଯାଇ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରୁଥିବା ଡିଣ୍ଡିମ ପିଟୁଥିବାବେଳେ ସଚେତନତା ଅଭାବରୁ ଗତ ୨୪ବର୍ଷରେ ମହିଳାଙ୍କ ତୁଳନାରେ ଅଧିକ ପୁରୁଷ ଏଡ଼ସ ରୋଗୀ ଚିହ୍ନଟ ହୋଇଥିବା ଏବଂ ମୃତ୍ୟୁ ସଂଖ୍ୟା ବଢିବା ଏବେ ସ୍ୱାସ୍ଥ୍ୟ ବିଭାଗର ଚିନ୍ତା ବଢାଇଛି ।



# ବ୍ରାଉନ୍ସୁଗର ଜବତ; ଜଣେ ଗିରଫ

ଖୋର୍ଦ୍ଧା, ୩୦।୧୧ (ସମିସ): ଆଦର୍ଶ ଥାନା ପୁଲିସ ଗୁରୁଜଙ୍ଗ ମହୋତ୍ସବ ପଡିଆରୁ ଜଣେ ବ୍ରାଉନସୁଗର ବେପାରୀକୁ ଗିରଫ କରିଛି । ଗିରଫ ଜଣକ ହେଲେ ଗୁରୁଜଙ୍ଗ ଦେୱାନସାହି ର ସର୍ବେଶ୍ୱର ବେହେରା ଓରଫ୍ ବାପି (୩୩) । ତା ଠାରୁ ପୁଲିସ ୩୦ ଗ୍ରାମ୍ ବ୍ରାଉନ୍ସୁଗର ଜବ୍ତ କରିଛି । ବ୍ରାଉନସୁଗର ବିକ୍ରୀ ଅଭିଯୋଗରେ ଏକ ମାମଲା ରୁଜୁ କରାଯାଇ ତାକୁ କୋର୍ଟ ଚାଲାଣ କରାଯାଇଥିବା ଆଦର୍ଶଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍ଡିପିଓ ନିହାର ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି । ମହୋତ୍ସବ ପଡିଆରେ ବ୍ରାଉନସୁଗର ବେପାର ହେଉଥିବା ଖବର ପାଇଥିଲା ପୁଲିସ । ସେମାନଙ୍କୁ ଧରିବାକୁ ଏସ୍ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଏସ୍ଡିପିଓ ଶ୍ରୀ ପ୍ରଧାନ ଏବଂ ଆଦର୍ଶ ଥାନା ଅଧିକାରୀ ସଞ୍ଜୟ କୁମାର ନାୟକଙ୍କ ତତ୍ୱାବଧାନରେ ଏକ ଟିମ୍ ଗଠିତ ହୋଇଥିଲା । ଏସ୍ଆଇ ସସ୍ମିତା ବେହେରାଙ୍କ ନେତୃତ୍ୱରେ ଏହି ଟିମ୍ ସେଠାରେ ଚଢଉ କରିଥିଲେ । ପୁଲିସ ଚଢଉ ଦେଖି ବାପି ପଳାଉଥିବାବେଳେ ପୁଲିସ ର ତା ଉପରେ ସନ୍ଦେହ ହେବାରୁ ତାକୁ ଅଟକାଇ ଯାଂଚ କରିଥିଲେ । ତା ଠାରୁ ୩୦ଗ୍ରାମ୍ ବ୍ରାଉନ୍ସୁଗର, ଗୋଟିଏ ବୁଲେଟ୍ ମୋଟରସାଇକଲ୍ (ଓଡି-୦୨ ସିୱାଇ- ୮୩୩୧), ଗୋଟିଏ ନୋକିଆ କିପ୍ୟାଡ୍ ମୋବାଇଲ୍ ଫୋନ୍ ଏବଂ ନଗଦ ୧,୫୦୦ ଟଙ୍କା ପୁଲିସ ଜବତ କରିଥିଲା । ବ୍ରାଉନସୁଗର ବିକ୍ରି ଅଭିଯୋଗରେ ପୁଲିସ ବାପି କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଏହି ମାମଲା ର ତଦନ୍ତଭାର ଏସ୍ଆଇ ଦିନେଶ କୁମାର ପିଙ୍ଗୁଆ ଙ୍କୁ ଦିଆଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଥାନା ଅଧିକାରୀ ସଞ୍ଜୟ କୁମାର ନାୟକ, ଏସ୍ଆଇ ସସ୍ମିତା ବେହେରା, ଏସ୍ଆଇ ଦିନେଶ କୁମାର ପିଙ୍ଗୁଆ ପ୍ରମୁଖ ଉପସ୍ଥିତଥିଲେ ।

● ବାଲୁଗାଁର ପୁଲିସ ଓ ଆରଟିଓର ଯାନବାହନ ଯାଞ୍ଚ

# ୭୨ଜଣଙ୍କୁ ୫ଲକ୍ଷ ୩୭ହଜାର ଟଙ୍କା ଜରିମାନା

ବାଲୁଗାଁ, ୩୦ ।୧୧(ସମିସ) : ବାଲୁଗାଁ ପୁଲିସ ଏବଂ ଖୋର୍ଦ୍ଧା ଅତିରିକ୍ତ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ମିଳିତ ଭାବେ ରାତିରେ ବାଲୁଗାଁ ଅଞ୍ଚଳର ବିଭିନ୍ନ ସ୍ଥାନରେ ଚଢ଼ାଉ କରି ବେଆଇନ ଭାବେ ଚଳାଚଳ କରୁଥିବା ଯାନବାହନ ଯାଞ୍ଚ କରିଥିଲେ । ଏଥିରେ ମୋଟରଯାନ ଆଇନ ଉଲ୍ଲଂଘନ ତଥା ବିନା ହେଲମେଟ, ବିନା ଡ୍ରାଇଭିଂ ଲାଇସେନ୍ସ, ବୀମା ଭୁକ୍ତ ନଥିବା, ସିଟ ବେଲ୍ଟ ନ ବାନ୍ଧିଥିବା, ଦୁଇ ଚକିଆ ଯାନରେ ୩ଜଣ ବସିବା, ମଦ୍ୟପାନ କରି ଗାଡ଼ି ଚଲାଇବା ଏବଂ ଅନ୍ୟାନ୍ୟ କାଗଜାତ ଆଦି ଯାଞ୍ଚ କରିଛି ବିଭାଗ । ଯାଞ୍ଚ ବେଳେ ୭୨ଜଣଙ୍କ ନାମରେ ଚାଲାଣ କରାଯାଇ ସମୁଦାୟ ୫ ଲକ୍ଷ ୩୭ ହଜାର ଟଙ୍କାର ଜରିମାନା ରସିଦ ପ୍ରଦାନ କରାଯାଇଥିବା ସହ ୩ଜଣ ମଦ୍ୟପ ଚାଳକଙ୍କ ନାମରେ ମାମଲା ରୁଜୁ କରିଥିବା ବେଳେ ୨୭ ଗାଡ଼ି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସକୁ ୬ମାସ ପର୍ଯ୍ୟନ୍ତ ରଦ୍ଦ କରାଯାଇଥିବା ପୁଲିସ କହିଛି । ଉକ୍ତ ଚଢଉ ବାଲୁଗାଁ ଥାନା ଅଧିକାରୀ ଜୟ ପ୍ରକାଶ ପରିଡ଼ା ଏବଂ ଖୋର୍ଦ୍ଧା ଟ୍ରାଫିକ ସବ୍ ଇନ୍ସପେକ୍ଟର ତୃପ୍ତିରେଖା ଜେନାଙ୍କ ତତ୍ତ୍ୱାବଧାନରେ ଟିମ ବାଲୁଗାଁ ବାଇପାସ୍ ରୋଡ ଓ ନୂଆ ବସ୍ଷ୍ଟାଣ୍ଡ ଆଦି ସ୍ଥାନରେ ଯାଞ୍ଚ କରିଥିଲେ ।

# ଶାଳିଆ ନଦୀ ସୁରକ୍ଷା ସମ୍ପର୍କିତ ଆଲୋଚନାଚକ୍ର

**ବାଣପୁର, ୩୦।୧୧(ସମିସ) :** ଶାଳିଆ ନଦୀ ସୁରକ୍ଷା ଓ ଜଳ ସଂରକ୍ଷଣକୁ ନେଇ ଏକତା ପରିଷଦ ଟ୍ରଷ୍ଟ ପକ୍ଷରୁ ଏକ ଜାଗରଣ ଆଲୋଚନାଚକ୍ର ବାଣପୁର କୃତ୍ତିବାସ ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି । ପତ୍ରକାର ନୃସିଂହ ପ୍ରସାଦ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ବାଣପୁର ଐତିହାସିକ ଓ ସଂସ୍କୃତିକ ସମ୍ପଦ ସୁରକ୍ଷାରେ ଭାଗିଦାରୀତା ଓ ବାଣପୁରର ଏକତା ଓ ସାଂସ୍କୃତିକ ପରିଚୟକୁ ସମୃଦ୍ଧ କରିବା ପାଇଁ ଶାଳିଆ ବିସ୍ଥାପିତ ପରିବାର ସହ ବରିଷ୍ଠ ନାଗରିକ ସଂଘର ସଭାପତି ଚିନ୍ତାମଣି ମିଶ୍ର, ସାହିତ୍ୟ ସିନ୍ଧୁରାର ମୁଖ୍ୟ ଗୋଲଖ ବିହାରୀ ପରିଡା, କଲ୍ୟାଣ ସ୍ୱାସ୍ଥ୍ୟ ସଂଗଠନର ମୁଖ୍ୟ ରଙ୍କନାଥ ସେଠି, ସେଣ୍ଟଜନ ଆମ୍ବୁଲାନ୍ସର ସଦସ୍ୟ ଅନନ୍ତ ଚରଣ ଖଟେଇ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇ ଥିଲେ । ଏହି ଅଭିଯାନକୁ ସମର୍ଥନ କରି ଉତ୍ସାହିତ କରିବା ପାଇଁ ଓଡିଶା ତଥା ଓଡିଶା ବାହାରୁ ପରିବେଶବିତ ଓ ସଂଗଠକ ଗୌତମ ବନ୍ଦୋପାଧ୍ୟାୟ, ନରେନ୍ଦ୍ର ଭାଇ, ସୁଦର୍ଶନ ଭାଇ ଯୋଗ ଦେଇ ଶାଳିଆ ନଦୀରେ ବର୍ତ୍ତମାନ ଯେଭଳି ପ୍ରଦୁଷଣ ବଢ଼ି ଯାଇଛି ସେ ସମ୍ପର୍କରେ ଆଲୋଚନା କରିବା ସହ ଏହାକୁ କିପରି ସୁରକ୍ଷା କରାଯାଇ ପାରିବ ସେ ସମ୍ପର୍କରେ ଚର୍ଚ୍ଚା କରିଥିଲେ । ସମସ୍ତଙ୍କ ସହାଭାଗିତାରେ ଏକ କ୍ରିୟାନ୍ୱୟନ କମିଟି ଗଠନ ସହ ଆଗାମୀ ବୈଠକରେ ଶାଳିଆ ସୁରକ୍ଷାର ରୂପରେଖ ପ୍ରସ୍ତୁତ କରିବାକୁ ସ୍ଥିର କରାଯାଇଛି । ଏକତା ପରିଷଦ ଟ୍ରଷ୍ଟର ମ୍ୟାନେଜିଙ୍ଗ ଟ୍ରଷ୍ଟି ସୁଶ୍ରୀ ସନ୍ଧ୍ୟା ଦେବୀ ଧନ୍ୟବାଦ ଦେଇଥିଲେ ।

# ମେଗା ପାନୀୟ ଜଳ ପ୍ରକଳ୍ପରେ ନିମ୍ନମାନର ପାଇପ୍

● ବିଧାନସଭାରେ ପ୍ରଶ୍ନ କଲେ ବିଧାୟକ

**ବେଗୁନିଆ, ୩୦।୧୧(ସମିସ):** ବେଗୁନିଆ ନିର୍ବାଚନ ମଣ୍ଡଳୀରେ ମେଗା ପାନୀୟ ଜଳ ଅମଳ ପ୍ରକଳ୍ପ ମାଧ୍ୟମରେ ପ୍ରତି ଗ୍ରାମର ଜନସାଧାରଣଙ୍କୁ ସ୍ୱଚ୍ଛ ପାଣି ଯୋଗାଇ ଦିଆ ଯାଇଛି । ଏଥିରେ ବେଗୁନିଆ ଓ ବୋଲଗଡ ବ୍ଲକ ଅଞ୍ଚଳରେ ଦୁଇଟି ଠିକାଦାର ସଂସ୍ଥା ମନ୍ଥର ଗତିରେ କାର୍ଯ୍ୟ କରୁଥିବା ବେଳେ ଛଅ ମାସ ତଳେ ନିମ୍ନମାନର ପାଇପ ପକାଇ ଥିବାରୁ ବିଭିନ୍ନ ସ୍ଥାନରେ ଫାଟି ଯାଇ ଜଳ ନିଷ୍କାସିତ ହୋଇ ବହି ଯାଉଛି । ଫଳରେ ଗାଁ ଗହଳି ଭିତରେ କୃତ୍ରିମ ହ୍ରଦ ସୃଷ୍ଟି ହୋଇ ଥିବାରୁ ଲୋକମାନେ ଯାତାୟାତ କରୁଥିବା ଜନସାଧାରଣଙ୍କ ମନରେ ଅସନ୍ତୋଷ ଦେଖା ଦେଇଛି । ଏପରିକି ଉଭୟ ବ୍ଲକର ଦିନକୁ ଦିନ ଜଳ ସ୍ତର ହ୍ରାସ ହେଉଥିବାରୁ ପାନୀୟ ଜଳର ଘୋର ଅଭାବ ପରିଲକ୍ଷିତ ହେଉ ଥିବାରୁ ଅଗଭୀର ନଳକୂପ ଖନନ କାର୍ଯ୍ୟ ବିଫଳ ହେବାର ଦେଖିବାକୁ ମିଳୁଛି । ଏହି ଠିକାଦାର ସଂସ୍ଥାକୁ ମେଗା ପାନୀୟ ଜଳ ଅମଳ ପ୍ରକଳ୍ପରେ ପୋତା ହୋଇଥିବା ପାଇପ ଉତ୍ତମ ମାନର ପକାଇବା ସହ ତାଗିଦ କରିବା ପାଇଁ ବିଧାୟକ ପ୍ରଦୀପ କୁମାର ସାହୁ ବିଧାନସଭାରେ ବାଚସ୍ପତିଙ୍କୁ ପ୍ରଶ୍ନ କରିଥିଲେ ।

# ଖୋର୍ଦ୍ଧା ଜିଲ୍ଲା ଭାରତ ଓ ସ୍କାଉଟ ଗାଇଡ୍ର ବୈଠକ

■ ୧୧ରେ ଜିଲ୍ଲାସ୍ତରୀୟ କ୍ୟାମ୍ପୋରୀ

**ଖୋର୍ଦ୍ଧା, ୩୦।୧୧(ସମିସ):** ଖୋର୍ଦ୍ଧା ଜିଲ୍ଲା ଭାରତ ସ୍କାଉଟ ଗାଇଡ୍ କାର୍ଯ୍ୟକାରୀ କମିଟିର ଏକ ବୈଠକ ଜିଲ୍ଲା ଶିକ୍ଷାଧିକାରୀ ସୋନାମିକା ରାୟଙ୍କ ଅଧ୍ୟକ୍ଷତାରେ ବିଜେବି ହାଇସ୍କୁଲ ଖୋର୍ଦ୍ଧା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି ।



ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଡ. ପ୍ରଜ୍ଞାପରମିତା ଜେନା ବୈଠକକୁ ପରିଚାଳନା କରିଥିବାବେଳେ ଡିସେମ୍ବର ୧୧,୧୨ ଓ ୧୩ ତାରିଖ ୩ ଦିନ ଧରି ବିଜେବି ହାଇସ୍କୁଲ ଖୋର୍ଦ୍ଧାଠାରେ ହେବା ପାଇଁ ସ୍ଥିର କରାଯାଇଥିବା ଜିଲ୍ଲା ସମ୍ପାଦକ ସୁଧାକର ମହାପାତ୍ର ପ୍ରକାଶ କରିଛନ୍ତି । ଏହି କ୍ୟାମ୍ପୋରୀରେ ଶାରୀରିକ ପ୍ରଦର୍ଶନୀ, ଦୁଃସାହାସିକ କାର୍ଯ୍ୟକଳାପ, ଗାଁ ମେଳା ଓ ଖାଦ୍ୟସମ୍ଭାର, ଶିବିରାଗ୍ନି ଉତ୍ସବ, ସର୍ବଧର୍ମ ପ୍ରାର୍ଥନା, ଯୋଗ, ଶାନ୍ତିଶୋଭାଯାତ୍ରା ଭଳି ୧୪ଟି ପ୍ରତିଯୋଗୀତା କରାଯିବ । କ୍ୟାମ୍ପୋରୀର ଶୃଙ୍ଖଳିତ ପରିଚାଳନା ପାଇଁ ବିଭିନ୍ନ କମିଟି ମାନ ଗଠନ କରାଯିବା ପାଇଁ ସ୍ଥିରକରାଯାଇଛି । ପ୍ରତିଯୋଗୀତାଗୁଡିକ ପରିଚାଳନା ପାଇଁ ଅଭିଜ୍ଞ ସମ୍ପର୍ଣ୍ଣ ତାଲିମଦାତା ପୀତବାସ ପଟ୍ଟନାୟକ, ରମେଶ କୁମାର ବଳବନ୍ତରାୟ, ଦିବାକର ପଟ୍ଟନାୟକ ପ୍ରମୁଖଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଏହି ବୈଠକରେ ଶାରୀରିକ ଶିକ୍ଷା ନୀରିକ୍ଷକ ଦିଲ୍ଲୀପ କୁମାର ମୋଦୀ, ଜିଲ୍ଲା ଜୁନିଅର ରେଡକ୍ରସ ଅଫିସର ତୋଫାନ ରାଉତରାୟ, ଜିଲ୍ଲା ସହ ସମ୍ପାଦକ ପ୍ରକାଶ କୁମାର ପଲାଇ, ପ୍ରଧାନଶିକ୍ଷକ ଗଣେଶ୍ୱର ମିଶ୍ର, ଜିଲ୍ଲା ଗାଇଡ କମିଶନର ଜୟନ୍ତୀ କୁମାରୀ ହୋତା, ଜିଲ୍ଲା ସ୍କାଉଟ କମିଶନର ବିଭୁପ୍ରସାଦ ସେନାପତି, କର୍ମକର୍ତ୍ତା ଚିତ୍ତରଞ୍ଜନ ବରାଳ, ମାନସ ସେଠୀ, ତପସ୍ୱିନୀ ପଟ୍ଟନାୟକ, ରଚିତା ପଟ୍ଟନାୟକ ପ୍ରମୁଖ ବ୍ଲକ୍ କର୍ମକର୍ତ୍ତା ଯୋଗଦାନ କରିଥିଲେ । ଓଡିଶା ଭାରତ ସ୍କାଉଟ ଗାଇଡ ଦ୍ୱାରା ଗତ ୧୮ ତାରିଖରୁ ୨୨ ତାରିଖ ମଧ୍ୟରେ ରାଜ୍ୟସ୍ତରୀୟ 'ଉଡାନ' କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲା 'ରାମ୍ପସୋ' ରେ ପ୍ରଥମ ଓ 'ଗ୍ରୁପ ଡ୍ୟାନ୍ସ' ରେ ଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲ୍ଲାପାଇଁ ଗୌରବ ଆଣିଥିବାରୁ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀମତୀ ରାୟ ପିଲାମାନଙ୍କ ସହିତ କର୍ମକର୍ତ୍ତା ଓ ସ୍କାଉଟ ମାଷ୍ଟର ଓ ଗାଇଡ କ୍ୟାପଟେନ୍ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ସମ୍ପାଦକ ସୁଧାକର ମହାପାତ୍ର ଜିଲ୍ଲା ପାଇଁ ମିଳିଥିବା ଟ୍ରଫିକୁ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିଥିଲେ ।






## ଆଜିର ରାଶିଫଳ

**ମେଷ:** ଦୀର୍ଘ ଦିନର ଆଶା ପୂରଣ ହେବ। କର୍ମକ୍ଷେତ୍ରରେ ପ୍ରଶଂସିତ ହୋଇପାରନ୍ତି। ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ବୃଷ:** ବ୍ୟସ୍ତତା ଭିତରେ ଦିନ କଟିପାରେ। ଅତିଥି ସତ୍କାର କରିବେ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିପାରନ୍ତି।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ଚାକିରିରେ ନୂଆ ସୁଯୋଗ ଜୁଟିପାରେ। ଅଯଥା ଖର୍ଚ୍ଚାନ୍ତ ହୋଇପାରନ୍ତି।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁନି।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ମହିଳାମାନେ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। କୌଣସି କଥାକୁ ନେଇ ମନ ଉଣା କରିପାରନ୍ତି।

**କୁମ୍ଭ:** ପ୍ରେମିକ ପ୍ରେମିକାଙ୍କ ଲାଗି ଦିନଟି ଭଲ। ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଦାନ ଧର୍ମ କରନ୍ତୁ।

**ମୀନ:** ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ଶିକ୍ଷାରେ ସଫଳତା ମିଳିବ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ।

## ଆଜିର ଐତିହ୍ୟ

- ୧୯୩୩: କଲିକତା ଓ ଢାକା ମଧ୍ୟରେ ବିମାନ ସେବା ଆରମ୍ଭ ହେଲା।
- ୧୯୫୯: ମହାକାଶରୁ ପୃଥିବୀପୃଷ୍ଠର ପ୍ରଥମ ରଙ୍ଗିନ ଫଟୋ ନିଆଗଲା।
- ୧୯୬୩: ନାଗାଲାଣ୍ଡ ଭାରତର ୧୬ତମ ରାଜ୍ୟ ହେଲା।
- ୧୯୬୫: ସୀମା ସୁରକ୍ଷା ବଳର ସ୍ଥାପନା।
- ୧୯୯୧: ଏଡ୍‌ସ ସଚେତନ ଦିବସ ଆରମ୍ଭ।

# ମିଷ୍ଟ୍ରି ମ୍ୟାନ୍‌ଙ୍କ ସହ ମଲାଇକା




ଫିଟ୍‌ନେସ୍ କ୍ୱିନ୍ ମଲାଇକା ଅରୋଡ଼ା ତାଙ୍କ ବୃତ୍ତିଗତ ଜୀବନ ଅପେକ୍ଷା ବ୍ୟକ୍ତିଗତ ଜୀବନକୁ ନେଇ ଅଧିକ ଚର୍ଚ୍ଚାରେ ରୁହନ୍ତି। ଅର୍ଜୁନ୍ କପୁରଙ୍କ ସହ ବ୍ରେକ୍‌ଅପ୍ ପରେ ମଲାଇକାଙ୍କୁ କିଛି ଦିନ ହେଲାଣି ଜଣେ ମିଷ୍ଟ୍ରି ମ୍ୟାନ୍‌ଙ୍କ ସହ ଦେଖିବାକୁ ମିଳୁଛି। ନିକଟରେ ମଲାଇକାଙ୍କ ଏକ ଭିଡିଓ ଭାଇରାଲ ହୋଇଛି। ଏଥିରେ ସେ ମୁମ୍ବାଇର ବିମାନବନ୍ଦରରେ ଜଣେ ମିଷ୍ଟ୍ରି ମ୍ୟାନ୍‌ଙ୍କ ସହ ନଜର ଆସିଛନ୍ତି। ମଲାଇକା କଳା ରଙ୍ଗର ଟିସାର୍ଟ ସହ ଟ୍ରାଉଜର୍ ପିନ୍ଧିଥିବାବେଳେ ଯୁବକ ଜଣକ ତାଙ୍କୁ ମ୍ୟାଚ୍ କଲାଭଳି ଜିନ୍ସ, ସାର୍ଟ ଓ ବ୍ଲେଜର୍ ପିନ୍ଧିଥିଲେ। ମଲାଇକାଙ୍କ ସହ ନଜର ଆସିଥିବା ଯୁବକ ଜଣକ ମୁହଁରେ ମାସ୍କ ପିନ୍ଧି ଚେହେରା ଲୁଚାବାକୁ ଚେଷ୍ଟା କରିଥିଲେ। ଭିଡିଓ ଭାଇରାଲ ହେବା ପରେ ଏବେ ଏହି ମିଷ୍ଟ୍ରି ମ୍ୟାନ୍‌ଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ତେବେ ଏହି ଯୁବକ ଜଣକ ହୀରା ବ୍ୟବସାୟୀ ହର୍ଷ ମେହେଟା ବୋଲି ଚର୍ଚ୍ଚା ହେଉଛି। ଏହାପୂର୍ବରୁ ମୁମ୍ବାଇର ଏକ କନସର୍ଟ ସମୟରେ ମଧ୍ୟ ହର୍ଷଙ୍କୁ ମଲାଇକାଙ୍କ ସହ ଦେଖାଯାଇଥିଲା। ଏହି ଭିଡିଓ ଭାଇରାଲ ହେବା ପରେ ପୁଣିଥରେ ମଲାଇକା ପ୍ରେମରେ ପଡ଼ିଥିବା ଚର୍ଚ୍ଚା ହେବାକୁ ଲାଗିଲାଣି।

# ବିଶ୍ୱ ଏଡ୍‌ସ ଦିବସ





ପ୍ରତିବର୍ଷ ଡିସେମ୍ବର ୧ ତାରିଖକୁ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ 'ବିଶ୍ୱ ଏଡସ୍ ଦିବସ' ଭାବେ ପାଳନ କରାଯାଉଛି। ଏଡ୍‌ସ ନିୟନ୍ତ୍ରଣ ଓ ନିରାକରଣ ଉଦ୍ଦେଶ୍ୟରେ ଏହି ଦିବସ ସମର୍ପିତ। ଏହି ଦୂରାରୋଗ୍ୟ ବ୍ୟାଧିରୁ ଦୂରେଇ ରହିବା ପାଇଁ ଲୋକଙ୍କୁ ସଚେତନ କରାଇବା ଏହି ଦିବସର ମୂଳ ଲକ୍ଷ୍ୟ। କେବଳ ସଚେତନତା ହିଁ ଏଡ୍‌ସ କବଳରୁ ବର୍ତ୍ତିବାର ଏକ ମାତ୍ର ଉପାୟ ବୋଲି ବିଶେଷଜ୍ଞମାନେ ମତ ଦିଅନ୍ତି। ଏଚ୍‌ଆଇଭି ଏକ ଗମ୍ଭୀର ଓ ମାରାତ୍ମକ ରୋଗ। ଡାକ୍ତରୀ ଭାଷାରେ ଏହାକୁ ହ୍ୟୁମାନ୍ ଇମ୍ୟୁନୋ ଡେଫିସିଏନ୍ସି ଭାଇରସ୍ (HIV) କୁହାଯାଏ। ସାଧାରଣ ଲୋକେ ଏହାକୁ ଏଡ୍‌ସ ଅର୍ଥାତ୍ ଏକ୍ୱାୟର୍ଡ ଇମ୍ୟୁନୋ ଡେଫିସିଏନ୍ସି ସିଣ୍ଡ୍ରୋମ୍ ଭାବରେ ଜାଣନ୍ତି। ଏଥିରେ ଥିବା ମାରାତ୍ମକ ସଂକ୍ରମଣ ବ୍ୟକ୍ତିର ଶରୀରର ପ୍ରତିରୋଧକ କ୍ଷମତା ଉପରେ ଆକ୍ରମଣ କରିଥାଏ, ଯେଉଁ କାରଣରୁ ଶରୀର ସାଧାରଣ ରୋଗ ବିରୁଦ୍ଧରେ ଲଢ଼ିବାକୁ ସକ୍ଷମ ହୁଏ ନାହିଁ। ଏଚ୍‌ଆଇଭି ପଜିଟିଭ୍ ଲୋକଙ୍କ ବିଷୟରେ ସାଧାରଣ ଲୋକଙ୍କର ଅନେକ ଭୁଲ ଧାରଣା ରହିଛି, ଏହି ଦିନ ସେମାନଙ୍କର ଏହି ଭୁଲ୍ ଧାରଣାକୁ ହଟାଇବା ପାଇଁ ପ୍ରୟାସ କରାଯାଏ। ଏହି ଦିବସ ପାଳନ ଅବସରରେ ଏଡ୍‌ସ ପୀଡ଼ିତମାନଙ୍କୁ ବାଛବିଚାର ନ କରି ସେମାନଙ୍କୁ ସହଯୋଗର ହାତ ବଢ଼ାଇବା ପାଇଁ ଜାତିସଂଘର ପକ୍ଷରୁ ଆହ୍ୱାନ ଦିଆଯାଇଛି। ଏଡ୍‌ସ ଦିବସ ଅବସରରେ ଅନେକ ସରକାରୀ ସଂସ୍ଥା ଓ ବେସରକାରୀ ସଂସ୍ଥା ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ କରାଯାଇ ଲୋକଙ୍କୁ ସଚେତନ କରିବାକୁ ପ୍ରୟାସ କରାଯାଏ।

# ସ୍ତ୍ରୀ ମାଗିଲେ ସ୍ୱାମୀଙ୍କୁ ପୋଷା ବିଲେଇର ଖର୍ଚ୍ଚ



ଦାମ୍ପତ୍ୟ ଜୀବନରେ ବେଳେବେଳେ ସମସ୍ୟା ଯୋଗୁ ସ୍ୱାମୀ ସ୍ତ୍ରୀ ଅଲଗା ରହିବାକୁ ବାଧ୍ୟ ହୋଇଥାନ୍ତି। ଆଇନ ବ୍ୟବସ୍ଥାରେ ଏହାକୁ ଛାଡ଼ପତ୍ର କୁହାଯାଇଥାଏ। ତୁର୍କୀରେ ଛାଡ଼ପତ୍ରକୁ ନେଇ ଏକ ବିଚିତ୍ର ମାମଲା ସାମ୍ନାକୁ ଆସିଛି। ଏଠାରେ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କୁ ଛାଡ଼ପତ୍ର ଦେଇଛନ୍ତି। ହେଲେ ଛାଡ଼ପତ୍ର ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ତାଙ୍କ ସ୍ତ୍ରୀ ବିଲେଇର ଦେଖାଶୁଣା ପାଇଁ ବିଲେଇ ଭତ୍ତା ମାଗିଛନ୍ତି। ଯାହାକି ଚର୍ଚ୍ଚାର ପ୍ରସଙ୍ଗ ହେବା ସହ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ବୁଗ୍ରା ନାମକ ଏହି ବ୍ୟକ୍ତିଙ୍କ ବିବାହ ଏଜ୍‌ଗୀଙ୍କ ସହିତ ହୋଇଥିଲା। ହେଲେ ବିବାହର ଦୁଇ ବର୍ଷ ପରେ ପତିପତ୍ନୀ ଅଲଗା ହୋଇଯିବାକୁ ନିଷ୍ପତ୍ତି ନେଇଥିଲେ। ଛାଡ଼ପତ୍ର ପରେ ସେମାନଙ୍କର ଦୁଇ ପୋଷା ବିଲେଇର ଯତ୍ନ ଏଜ୍‌ଗୀ ନେବେ ବୋଲି ଅଦାଲତରେ ସ୍ଥିର ହୋଇଥିଲା। ହେଲେ ବିଲେଇ ଦୁଇଟିର ଖର୍ଚ୍ଚ ଏଜ୍‌ଗୀ କିପରି ଉଠାଇବେ, ତାହା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କଲା। ଏଭଳି ସ୍ଥିତିରେ ଅଦାଲତ କହିଲେ ଯେ, ବୁଗ୍ରା ଆଗାମୀ ୧୦ ବର୍ଷ ପର୍ଯ୍ୟନ୍ତ ପ୍ରତି ତିନି ମାସରେ ବିଲେଇ ଖର୍ଚ୍ଚ ବାବଦକୁ ୨୧ ହଜାର ୫ଶହ ଟଙ୍କା ଏଜ୍‌ଗିଙ୍କୁ ଦେବେ। ଏହି ଅର୍ଥ ବୁଗ୍ରା ବିଲେଇର ଦେଖାଶୁଣା, ଟିକାକରଣ ଏବଂ ଖାଦ୍ୟ ବାବଦକୁ ପ୍ରଦାନ କରିବେ। କେବଳ ସେତିକି ନୁହେଁ, ପ୍ରତିବର୍ଷ ମୁଦ୍ରାସ୍ଫୀତି ଅନୁସାରେ ଏହି ପରିମାଣକୁ ନିୟନ୍ତ୍ରିତ କରାଯିବ ଏବଂ ବିଲେଇ ଦୁହିଁଙ୍କ ମୃତ୍ୟୁ ପରେ ଏହି ଧାରା ବନ୍ଦ ହେବ। ଅନ୍ୟପଟେ ବୁଗ୍ରାଙ୍କୁ ବିଲେଇ ଭତ୍ତା ସମେତ ଏଜ୍‌ଗୀଙ୍କୁ ଅତିରିକ୍ତ ୧୧.୫ ଲକ୍ଷ ଟଙ୍କା ଭରଣପୋଷଣ ବାବଦରେ ଦେବାକୁ ପଡ଼ିବ। ଏନେଇ ଆଇନ ବିଶେଷଜ୍ଞ ଅୟଲିନ୍ ଏସରା ଏରେନଙ୍କ କହିବା କଥା, ତୁର୍କୀରେ ପୋଷା ପ୍ରାଣୀଙ୍କୁ ଏକ ମାଇକ୍ରୋଚିପ୍ ସହିତ ପଞ୍ଜିକୃତ କରାଯାଏ ଏବଂ ଯାହାଙ୍କ ନାମରେ ସେମାନେ ପଞ୍ଜିକୃତ ହୋଇଥାନ୍ତି, ସେମାନେ ପୋଷା ପ୍ରାଣୀର ଆଇନଗତ ମାଲିକ ହୋଇଥାନ୍ତି। ତେବେ ତୁର୍କୀରେ ପ୍ରାଣୀଙ୍କୁ ଛାଡ଼ିଦେବା ଏବଂ ଦେଖାଶୁଣା ନ କରିବାକୁ ଅପରାଧ ବୋଲି ବିବେଚନା କରାଯାଏ। କାରଣ ସେଠାକାର ପ୍ରାଣୀ ସୁରକ୍ଷା ଆଇନ ଅନୁଯାୟୀ, ପୋଷା ପ୍ରାଣୀଙ୍କୁ ସମ୍ପତ୍ତି ଭାବରେ ନୁହେଁ, ବରଂ ଜୀବନ୍ତ ପ୍ରାଣୀ ଭାବରେ ଦେଖାଯାଏ। ଏ ଦୃଷ୍ଟିରୁ କେହି ନିଜ ପୋଷା ପ୍ରାଣୀଙ୍କୁ ରାସ୍ତାରେ ଛାଡ଼ି ଦେଲେ ୧୪୦୦ ଡଲାର ଜରିମାନା ଦେବାକୁ ପଡ଼ିଥାଏ। ଏରେନ୍ କହିଛନ୍ତି ଯେ, 'ଏହି ମାମଲା ତୁର୍କୀର ପାରିବାରିକ ଆଇନ ପାଇଁ ଐତିହାସିକ। କାରଣ ପ୍ରଥମ ଥର ପାଇଁ ଅଦାଲତ ପୋଷା ପ୍ରାଣୀଙ୍କ ଯତ୍ନ ପାଇଁ ଆଇନଗତ ଦାୟିତ୍ୱ ନେବାର ନିଷ୍ପତ୍ତି ନେଇଛନ୍ତି।'



# ଭାରତକୁ ଜିତାଇଲେ କୋହଲି, କୁଲଦୀପ

ରାଞ୍ଚି,୩୦।୧୧(ଏଜେନ୍ସି)




ବିରାଟ କୋହଲି
ରନ୍- ୧୩୫
ବଲ୍- ୧୨୦
ଚୌକା- ୧୧
ଛକା - ୭

ବିରାଟ କୋହଲି (୧୩୫)ଙ୍କ ଶତକ, କୁଲଦୀପ ଯାଦବ (୪/୬୮) ଓ ହର୍ଷିତ ରାଣା (୩/୬୫)ଙ୍କ ସୁନ୍ଦର ବୋଲିଂ ସହାୟତାରେ ଏଠାରେ ରବିବାର ଖେଳାଯାଇଥିବା ପ୍ରଥମ ଦିନିକିଆ ମ୍ୟାଚ୍‌ରେ ଭାରତ ୧୭ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଏହା ଫଳରେ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌ରେ ଭାରତ ୧-୦ରେ ଆଗୁଆ ରହିଥିଲାବେଳେ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ରାୟପୁରରେ ଡିସେମ୍ବର ୩ ତାରିଖରେ ଖେଳାଯିବ। ଏହି ମ୍ୟାଚ୍‌ରେ ଦିନିକିଆ କ୍ରିକେଟରେ ରେକର୍ଡ ୫୨ତମ ଶତକ ହାସଲ କରିଥିବା ଭାରତର କୋହଲିଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏହି ମ୍ୟାଚ୍‌ରେ ଭାରତ କ୍ରମାଗତ ୧୯ତମ ଥର ଲାଗି ଟସ୍ ହାରିବା ପରେ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୮ ୱିକେଟ ହରାଇ ୩୪୯ ରନ୍ କରିଥିଲା। ଦଳ ପକ୍ଷରୁ କୋହଲି ଶତକ ହାସଲ କରିବା ସହ ଦ୍ୱିତୀୟ ୱିକେଟରେ ରୋହିତ ଶର୍ମାଙ୍କ ସହ ୧୩୬ ରନ୍‌ର ଭାଗୀଦାରି କରିଥିଲେ। ରୋହିତ ୫୭, କାମଚଲା ଅଧିନାୟକ ଲୋକେଶ ରାହୁଲ ୬୦ ଓ ରବୀନ୍ଦ୍ର ଜାଡେଜା ୨୦ ବଲ୍‌ରୁ ୩୨ ରନ୍ କରିଥିଲେ। ଜବାବରେ ୩୫୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଓଭରରେ ୨ୱିକେଟ ହରାଇ ବିପଦରେ ପଡ଼ିଥିଲା। ୧୧ ରନ୍‌ରେ ଦଳ ତୃତୀୟ ୱିକେଟ ହରାଇଥିଲା। ୧୩୦ରନ୍‌ରେ ପ୍ରଥମ ୫ଜଣ ଖେଳାଳି ଆଉଟ ହେବା ପରେ ମାଥ୍ୟୁ ବ୍ରିଜ୍‌କେ ୭୨ ଓ ମାର୍କୋ ଜାନ୍‌ସେନ୍ ୭୦ରନ୍ କରିବା ସହ ୬ଷ୍ଠ ୱିକେଟରୁ ୬୯ବଲ୍‌ରୁ ୯୭ରନ୍ ଉଠାଇ ଭାରତୀୟ ଶିବିରରେ ନିରାଶା ଭରିଥିଲେ। ଏହି ସମୟରେ ବା ୩୪ତମ ଓଭର ବୋଲିଂ କରିବାକୁ ଆସି କୁଲଦୀପ ଯାଦବ ପ୍ରଥମ ୩ଟି ବଲ୍‌ରେ ଉଭୟଙ୍କୁ ଆଉଟ କରି ଭାରତକୁ ମ୍ୟାଚ୍‌କୁ ଫେରାଇଆଣିଥିଲେ। ଶେଷ ଭାଗରେ ଅଲରାଉଣ୍ଡର କୋର୍ବିନ ବୋଷ୍ଟ ୫୧ବଲ୍‌ରୁ ୬୭ରନ୍ ଉଠାଇ ଭାରତର ବିଜୟ ବିଳମ୍ବିତ କରିଥିଲେ। ଟୋନି ଡି ଜୋର୍ଜି ୩୯, ଡିୱାଲ୍ଡ ବ୍ରେଭିସ୍ ୩୭ ରନ୍‌ର ଯୋଗଦାନ ଦେଇଥିଲେ। ଭାରତ ପକ୍ଷରୁ କୁଲଦୀପ ଯାଦବ ସର୍ବାଧିକ ୪ଟି, ହର୍ଷିତ ରାଣା ୩ଟି ଏବଂ ଅର୍ଶଦୀପ ସିଂହ ୨ଟି ୱିକେଟ ପାଇଥିଲେ।

### ସଂକ୍ଷିପ୍ତ ସ୍କୋର

**ଭାରତ:** ୩୪୯/୮, ୫୦ ଓଭର (କୋହଲି- ୧୩୫, ରାହୁଲ-୬୦, ରୋହିତ- ୫୭, ବାର୍ଟମ୍ୟାନ୍-୨/୬୦, ବର୍ଗର-୨/୬୫, ବୋଷ୍ଟ-୨/୬୬, ଜାନସେନ୍-୨/୭୬)

**ଦକ୍ଷିଣ ଆଫ୍ରିକା:** ୩୩୨/୧୦, ୪୯.୨ ଓଭର (ବ୍ରିଜ୍‌କେ- ୭୨, ଜାନସେନ-୭୦, ବୋଷ୍ଟ- ୬୭, କୁଲଦୀପ- ୪/୬୮, ହର୍ଷିତ-୩/୬୫, ଅର୍ଶଦୀପ-୨/୬୪)।

## ରୋ-କୋ'ଙ୍କ ବିଶ୍ୱରେକର୍ଡ

**ରାଞ୍ଚି,୩୦।୧୧(ଏଜେନ୍ସି):** ଭାରତୀୟ କ୍ରିକେଟର ଦୁଇ ପ୍ରବାଦ ପୁରୁଷ ରୋହିତ ଶର୍ମା ଓ ବିରାଟ କୋହଲି ଏଠାରେ ରବିବାର ଖେଳାଯାଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଦିନିକିଆରେ ବିଶ୍ୱରେକର୍ଡ ପ୍ରତିଷ୍ଠା କରିଛନ୍ତି। ଏହି ମ୍ୟାଚ୍‌ରେ ୫୭ ରନ୍ କରିଥିବା ରୋହିତ ଶର୍ମା ୩ଟି ଛକା ମାରିଥିଲେ। ଏହା ଫଳରେ ସେ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ୩୫୨ଟି ଛକା ମାରି ପାକିସ୍ତାନର ସାହିଦ୍ ଆଫ୍ରିଦୀଙ୍କ ନାମରେ ଥିବା ବିଶ୍ୱରେକର୍ଡକୁ ଭାଙ୍ଗିଦେଇଥିଲେ। ଆଫ୍ରିଦୀ ୩୫୧ଟି ଛକା ମାରିଥିଲେ। ସେହିପରି ବିରାଟ କୋହଲି ଏଠାରେ ୫୨ତମ ଦିନିକିଆ ଶତକ ହାସଲ କରିଛନ୍ତି। ଏହା ଫଳରେ ସେ ଅନ୍ତର୍ଜାତୀୟ କ୍ରିକେଟର ଗୋଟିଏ ଫର୍ମାଟରେ ସର୍ବାଧିକ ଶତକରେ ସଚିନ ତେନ୍ଦୁଲକରଙ୍କ ରେକର୍ଡ ଭାଙ୍ଗିଦେଇଛନ୍ତି। ସଚିନ ଟେଷ୍ଟ କ୍ରିକେଟରେ ୫୧ଟି ଶତକ ହାସଲ କରିଛନ୍ତି। ଭାରତର ସମ୍ମାନ ରକ୍ଷା କରିଥିବା ରୋ-କୋ (ରୋହିତ ଶର୍ମା- ବିରାଟ କୋହଲି) ଏଠାରେ ଆଜି ଦୁଇଟି ବିଶ୍ୱ ରେକର୍ଡ ପ୍ରତିଷ୍ଠା କରିବାରେ ସମର୍ଥ ହୋଇଛନ୍ତି।

# ବାରବାଟୀ ଟି-୨୦ ଆଜି ଦିନ ୨ଟାରୁ ଅନଲାଇନ୍ ଟିକଟ ବୁକିଂ

କଟକ,୩୦।୧୧(ସମିସ): ଡିସେମ୍ବର ୯ରେ ବାରବାଟୀ ଷ୍ଟାଡିୟମରେ ଖେଳାଯିବାକୁ ଥିବା ଭାରତ-ଦକ୍ଷିଣଆଫ୍ରିକା ବିପକ୍ଷ ଅନ୍ତର୍ଜାତୀୟ ଟି-୨୦ ମ୍ୟାଚ୍ ପାଇଁ ସୋମବାର ପ୍ରଥମ ପର୍ଯ୍ୟାୟ ଟିକଟ୍ ବିକ୍ରି ଆରମ୍ଭ ହେବ। ଦିନ ୨ଟାରୁ ଆରମ୍ଭ ହେବ ଅନଲାଇନ୍ ଟିକଟ ବୁକିଂ। ଡିଷ୍ଟ୍ରିକ୍ଟ ବାଏ ଜୋମାଟୋ ଆପ୍ଲିକେସନ ଏବଂ ୱେବସାଇଟ୍‌ରେ କ୍ରିକେଟପ୍ରେମୀ ଟିକଟ ବୁକ୍ କରିପାରିବେ। ଏଥର ମାତ୍ର ୨ହଜାର ଟିକଟ ଅନଲାଇନ୍‌ରେ ଉପଲବ୍ଧ ହେବ ବୋଲି ଆଜି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ସୂଚନା ଦିଆଯାଇଛି। ଅନଲାଇନ୍ ଟିକଟ କ୍ରେତାମାନଙ୍କ ପାଇଁ ଡିସେମ୍ବର ୮ ଏବଂ ୯ ତାରିଖରେ କେମ୍ବ୍ରିଜ ସ୍କୁଲରେ ସ୍ୱତନ୍ତ୍ର କାଉଣ୍ଟର ଖୋଲାଯିବ। ସେଠାରୁ ସେମାନେ ଟିକଟ୍‌ର ହାର୍ଡକପି ସଂଗ୍ରହ କରିବେ। ତେବେ ଗ୍ୟାଲେରୀ ନଂ-୨, ୪, ୭ ସହିତ ନ୍ୟୁ ପ୍ୟାଭିଲିୟନ, ସ୍ପେଶିଆଲ ଏନକ୍ଲୋଜର ଏବଂ ଏସି ଗ୍ୟାଲେରୀ ବକ୍ସର ଟିକଟ କେବଳ ଅନଲାଇନ୍‌ରେ ବୁକିଂ ହୋଇପାରିବ। ଜଣେ ବ୍ୟକ୍ତି ୨ଟି ଟିକଟ ହିଁ ଅନଲାଇନ୍‌ରେ କିଣି ପାରିବେ। ଆସନ୍ତା ୭ ତାରିଖରେ ଉଭୟ ଭାରତ ଏବଂ ଦକ୍ଷିଣଆଫ୍ରିକା ଦଳ ଭୁବନେଶ୍ୱରରେ ପହଞ୍ଚିବେ। ୮ ତାରିଖରେ ଉଭୟ ଦଳ ଅଭ୍ୟାସ ପାଇଁ କଟକ ଆସିବେ। ଦିନ ସମୟରେ ଭାରତ ଏବଂ ସନ୍ଧ୍ୟା ସମୟରେ ଦକ୍ଷିଣଆଫ୍ରିକା ଦଳର ଅଭ୍ୟାସ ସୂଚୀ ଧାର୍ଯ୍ୟ କରାଯାଇଛି। ଅଭ୍ୟାସ ଦେଖିବା ନିମନ୍ତେ ଗ୍ୟାଲେରୀ ନଂ-୬ ଏବଂ ୭ ଫାଟକ ଖୋଲା ରଖାଯିବ। ଡିସେମ୍ବର ୩ ଏବଂ ୪ ତାରିଖରେ ଓସିଏ ସହ ଅନୁବନ୍ଧିତ ୟୁନିଟ ଗୁଡ଼ିକୁ ଟିକଟ ବିକ୍ରି କରାଯିବ। ମୋଟ୍ ୪୨ହଜାର ଟିକଟ ଭିତରୁ ୧୧ହଜାର ଟିକଟ ଅନୁବନ୍ଧିତ ୟୁନିଟ କିଣିବେ। ୧୦ହଜାର ଟିକଟ କାଉଣ୍ଟରକୁ ପଠାଯିବ ବୋଲି ସାମ୍ବାଦିକ ସମ୍ମିଳନୀ ଜରିଆରେ ସୂଚନା ଦିଆଯାଇଛି। ଡିସେମ୍ବର ୫ ତାରିଖରେ ବାରବାଟୀ ଷ୍ଟାଡିୟମ ନିକଟରେ ଟିକଟ କାଉଣ୍ଟର ଖୋଲିବ। ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରା, କୋଷାଧ୍ୟକ୍ଷ ବିକାଶ ପ୍ରଧାନ, ସିଇଓ ସୁବ୍ରତ ବେହେରା ଉପସ୍ଥିତ ଥିଲେ।

## ତ୍ରିସା-ଗାୟତ୍ରୀ ଯୋଡ଼ି ଚାମ୍ପିଅନ; ଶ୍ରୀକାନ୍ତ ରନର୍ସ

ଲକ୍ଷ୍ନୌ, ୩୦।୧୧ (ଏଜେନ୍ସି): ଟପ୍ ସିଡ୍ ତ୍ରିସା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ଯୋଡ଼ି ଏଠାରେ ଚାଲିଥିବା ୨.୧୪ କୋଟି ପୁରସ୍କାର ରାଶିବିଶିଷ୍ଟ ସୟଦ ମୋଦି ଇଣ୍ଟରନ୍ୟାସନାଲ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଛନ୍ତି। ରବିବାର ଅନୁଷ୍ଠିତ ମହିଳା ଡବଲ୍ସ ଫାଇନାଲରେ ତ୍ରିସା-ଗାୟତ୍ରୀ ଯୋଡ଼ି ୧୭-୨୧, ୨୧-୧୩, ୨୧-୧୫ ଗେମରେ ଜାପାନର କାହୋ ଓସାୱା ଓ ମାଇ ତାନାବେ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ଏଥିସହ ଏହି ଭାରତୀୟ ଯୋଡ଼ି କ୍ରମାଗତ ୨ୟ ଦ୍ୱିତୀୟଥର ଲାଗି ଏହି ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଛନ୍ତି। ତେବେ ପୁରୁଷ ସିଙ୍ଗଲ୍ସରେ ଘରୋଇ ତାରକା କିଦାମ୍ବୀ ଶ୍ରୀକାନ୍ତଙ୍କୁ ନିରାଶ ହେବାକୁ ପଡ଼ିଛି। ଫାଇନାଲରେ ଶ୍ରୀକାନ୍ତ ୧୬-୨୧, ୨୧-୮, ୨୦-୨୨ ଗେମରେ ହଂକଂର ଜାସନ ଗୁନାୱାନଙ୍କ ନିକଟରୁ ହାରି ରନର୍ସଅପ୍‌ରେ ସନ୍ତୁଷ୍ଟ ରହିଛନ୍ତି।

## ଅଭିଷେକଙ୍କ ବିସ୍ଫୋରକ ବ୍ୟାଟିଂ

### ୧୨ ବଲ୍‌ରେ ଅର୍ଦ୍ଧଶତକ, ୩୨ ବଲରେ ଶତକ

ହାଇଦରାବାଦ, ୩୦।୧୧ (ଏଜେନ୍ସି): ଭାରତୀୟ ଦଳର ଯୁବ ଓପନର୍ ଅଭିଷେକ ଶର୍ମା ଚଳିତ ସୟଦ ମୁସ୍ତାକ ଅଲି ଟି-୨୦ରେ ବିସ୍ଫୋରକ ଶତକୀୟ ପାଳି ଖେଳିଛନ୍ତି। ପଞ୍ଜାବ ପକ୍ଷରୁ ଖେଳୁଥିବା ଅଭିଷେକ ରବିବାର ଏଠାରେ ବେଙ୍ଗଲ ବିପକ୍ଷରେ ୫୨ ବଲରେ ୧୪୮ ରନର ମାରାଥନ ଶତକ ହାସଲ କରିଛନ୍ତି। ଯେଉଁଥିରେ ୧୬ ଛକା ଓ ୮ ଚୌକା ସାମିଲ ରହିଥିଲା। ଫଳରେ ପଞ୍ଜାବ ୨୦ ଓଭରରେ ୫ ୱିକେଟରେ ୩୧୦ ରନର ବିଶାଳ ସ୍କୋର କରିଥିଲା। ଜବାବରେ ବେଙ୍ଗଲ ଅଭିମନ୍ୟୁ ଈଶ୍ୱରନ (୬୬ ବଲରେ ୧୩୦ ରନ) ଅପରାଜିତ ଶତକ ସତ୍ତ୍ୱେ ୯ ୱିକେଟରେ ୧୯୮ ରନ କରି ପରାସ୍ତ ହୋଇଥିଲା। ୧୨ଟି ବଲରେ ଅର୍ଦ୍ଧଶତକ ଓ ୩୨ ବଲରେ ଶତକ ହାସଲ କରି ଅଭିଷେକ ଏକାଧିକ ରେକର୍ଡ ଏହି ଇନିଂସରେ କରିଛନ୍ତି। ଟି-୨୦ରେ ଦ୍ରୁତତମ ଅର୍ଦ୍ଧଶତକ ହାସଲକାରୀ ବ୍ୟାଟର୍ ତାଲିକାରେ ସେ ଆଶୁତୋଷ ଶର୍ମା (୧୧ ବଲ୍)ଙ୍କ ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିଭଳି ଭାରତୀୟ ଭାବେ ଦ୍ରୁତତମ ଟି-୨୦ ଶତକ ହାସଲ କରିବାରେ ସେ ୩ୟ ସ୍ଥାନରେ ରହିଛନ୍ତି। ଓପନିଂ ୱିକେଟ ଯୋଡ଼ିରେ ପ୍ରଭସିମରନ ସିଂହ (୭୦ ରନ)ଙ୍କ ସହ ମିଶି ସେ ୨୦୫ ରନର ଭାଗୀଦାରି ଗଢ଼ିଥିଲେ। ଏହି ଟୁର୍ଣ୍ଣାମେଣ୍ଟ ଇତିହାସରେ ଓପନିଂ ୱିକେଟ ଏହା ରେକର୍ଡ ଭାଗୀଦାରି ହୋଇଛି।

## ରାଜ୍ୟ ୧୭ ବର୍ଷରୁ କମ୍ ଚେସ୍ ଉଦ୍‌ଯାପିତ

ଭୁବନେଶ୍ୱର,୩୦।୧୧(ସମିସ): ଓଡ଼ିଶା ରାଜ୍ୟ ଚେସ୍ ସଂଘ ଆନୁକୂଲ୍ୟରେ ରାଜ୍ୟ ୧୭ ବର୍ଷରୁ କମ୍ ଚେସ୍ ଚାମ୍ପିଅନସିପ୍ କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲ ପରିସରରେ ରବିବାର ଉଦ୍‌ଯାପିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ଏହି ପ୍ରତିଯୋଗିତାରେ ଏପିଜେ ସ୍କୁଲ୍‌ର ପ୍ରାଂଶୁ ଦାସ ଚାମ୍ପିଅନ ଓ ଭୁବନେଶ୍ୱର କେଭି ନଂ-୧ର ଆୟୁଷ୍ମାନ ବେହେରା ରନର୍ସଅପ୍ ହୋଇଛନ୍ତି। ଉଭୟ ଖେଳାଳି ୬.୫ ପଏଣ୍ଟ ଲେଖାଏଁ ସଂଗ୍ରହ କରିଥିଲେ। ବିଜେଇଏମ୍ ସ୍କୁଲ-୧ର ସାଇ କ୍ରିଷ୍ଣା ସାମଲ ତୃତୀୟ, ବିଜେଇଏମ୍-୨ର କୁମାର ପ୍ରଥମ ଚତୁର୍ଥ, ୟୁନିଟ୍-୮ ଡିଏଭି ପବ୍ଲିକ୍ ସ୍କୁଲ୍‌ର ଆରିଶ ନନ୍ଦ ଗୋସ୍ୱାମୀ ପଞ୍ଚମ ସ୍ଥାନ ଅଧିକାର କରିଛନ୍ତି। ରୟାଲ ପବ୍ଲିକ୍ ସ୍କୁଲର ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ ଏହି ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଖେଳ ଶେଷରେ ଭାଇସ୍ ପ୍ରିନ୍ସିପାଲ ପ୍ରଜ୍ଞାପାରମିତା ସାହୁ ଓ ଦେବାଶିଷ ପାଣିଗ୍ରାହୀ ଅତିଥିଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ।

## ଅସ୍ମିତା ଖେଲୋ ଇଣ୍ଡିଆ ସଫ୍ଟ ଟେନିସ ଲିଗ୍ ଉଦ୍‌ଯାପିତ

ଭୁବନେଶ୍ୱର,୩୦।୧୧(ସମିସ): ଏଠାରେ ଚାଲିଥିବା ଖେଲୋ ଇଣ୍ଡିଆ ସଫ୍‌ଟ ଟେନିସ ଲିଗ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାର ୧୫ ବର୍ଷରୁ କମ୍ ବାଳିକା ବିଭାଗରେ ଲୋପା ଲିପସାନୀ ସ୍ୱର୍ଣ୍ଣ, ବର୍ଷା ସେଠୀ ରୌପ୍ୟ, ଆଦ୍ୟାଶା ରାଉତରାୟ ଓ ଅଶ୍ୱିନ ଦିଗଲ କାଂସ୍ୟ ପଦକ ପାଇଛନ୍ତି। ୧୮ ବର୍ଷରୁ କମ୍ ବାଳିକା ବିଭାଗରେ ଲିପ୍‌ସାରାଣୀ ପ୍ରଧାନ ସ୍ୱର୍ଣ୍ଣ, ଆଦିପ୍ତା ସାହୁ ରୌପ୍ୟ, ଅର୍ଚ୍ଚନା ମହାପାତ୍ର ଓ ତନୁସ୍କା ନାୟକ କାଂସ୍ୟ ପଦକ ପାଇଥିଲେ। ୨୧ ବର୍ଷରୁ କମ୍ ବାଳିକା ବିଭାଗରେ ଆରୁନିକା ମେହେଟା ସ୍ୱର୍ଣ୍ଣ, ରଷିକା ନନ୍ଦ ରୌପ୍ୟ, ଦିବ୍ୟାଙ୍କା ମେହେର ଓ ତାନିଆ ଜେନା କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି।

## ଆଇପିଏଲ୍‌ରୁ ଅବସର ନେଲେ ରସେଲ୍

କୋଲକାତା, ୩୦।୧୧ (ଏଜେନ୍ସି): ୱେଷ୍ଟଇଣ୍ଡିଜର ବିସ୍ଫୋରକ ଅଲ୍‌ରାଉଣ୍ଡର ଆନ୍ଦ୍ରେ ରସେଲ ଆଇପିଏଲ୍‌ରୁ ଅବସର ଘୋଷଣା କରିଛନ୍ତି। ଆଗାମୀ ୧୯ତମ ସିଜନ ପୂର୍ବରୁ କୋଲକାତା ନାଇଟ୍ ରାଇଡର୍ସ ଫ୍ରାଞ୍ଚାଇଜ ରସେଲଙ୍କୁ ଦଳରୁ ରିଲିଜ କରିଥିଲା। ରସେଲ ଏବେ କେକେଆର୍‌ର ପ୍ରଶିକ୍ଷକ ମଣ୍ଡଳୀରେ ଯୋଗଦେବେ ବୋଲି ଜଣାପଡ଼ିଛି। ଆଇପିଏଲ୍‌ରେ ସେ ମୋଟ୍ ୧୪୦ଟି ମ୍ୟାଚ୍ ଖେଳି ୨୬୫୧ ରନ ସଂଗ୍ରହ କରିଛନ୍ତି। ଯେଉଁଥିରେ ୧୨ଟି ଅର୍ଦ୍ଧଶତକ ସାମିଲ ରହିଛି।


## ସୁଲତାନ ଆଜଲାନ ଶାହ କପ୍ ହକି ଭାରତ ରନର୍ସଅପ୍

ଇପୋ, ୩୦।୧୧ (ଏଜେନ୍ସି): ମାଲେସିଆରେ ଅନୁଷ୍ଠିତ ସୁଲତାନ ଆଜଲାନ ଶାହ କପ୍ ହକି ଟୁର୍ଣ୍ଣାମେଣ୍ଟର ୩୧ତମ ସଂସ୍କରଣରେ ଭାରତ ରନର୍ସଅପ୍ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ବେଲ୍‌ଜିୟମ ୧-୦ ଗୋଲ୍‌ରେ ଭାରତକୁ ପରାସ୍ତ କରି ପ୍ରଥମଥର ଲାଗି ଚାମ୍ପିଅନ ହୋଇଛି। ମ୍ୟାଚର ୩ୟ କ୍ୱାର୍ଟର ତଥା ୩୪ତମ ମିନିଟରେ ଥିବାଉ ଷ୍ଟୋକବୋଏକ ବେଲ୍‌ଜିୟମ ପାଇଁ ବିଜୟସୂଚକ ଏକମାତ୍ର ଗୋଲଟି ଦେଇଥିଲେ। ପରାଜୟ ସହ ଭାରତ ୪ର୍ଥ ଥର ଲାଗି ରନର୍ସଅପ୍ ହୋଇଛି। ଏଥିପୂର୍ବରୁ ୨୦୦୮, ୨୦୧୬ ଓ ୨୦୧୯ରେ ଭାରତ ରନର୍ସଅପ୍ ହୋଇଥିଲା। ପୂର୍ବରୁ ଭାରତ ମୋଟ୍ ଉପରେ ୫ଥର ଏହି ଟୁର୍ଣ୍ଣାମେଣ୍ଟରେ ଟାଇଟଲ୍ ହାସଲ କରିଛି।










## ଉତ୍ତର-ପୂର୍ବ ଅସ୍ମିତା ଭାରୋତ୍ତୋଳନ

# ଓଡ଼ିଶା ଦଳଗତ ଚାମ୍ପିଅନ

ଭୁବନେଶ୍ୱର,୩୦।୧୧(ସମିସ): କୋଲକାତାରେ ଚାଲିଥିବା ଉତ୍ତର-ପୂର୍ବ ଅସ୍ମିତା ଭାରୋତ୍ତୋଳନ ଚାମ୍ପିଅନସିପ୍ ରବିବାର ଶେଷ ହୋଇଛି। ଏଥିରେ ଓଡ଼ିଶା ସମସ୍ତ ୩ଟି ବିଭାଗ ଯଥା ଯୁବ, କନିଷ୍ଠ ଓ ବରିଷ୍ଠ ବିଭାଗରେ ଦଳଗତ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଏହି ଟୁର୍ଣ୍ଣାମେଣ୍ଟରେ ପ୍ରତ୍ୟେକ ବିଭାଗରେ ୮ଟି ବର୍ଗରେ ଖେଳ ହୋଇଥାଏ। ଏହା ମଧ୍ୟରୁ ଯୁବ ବର୍ଗରେ ଓଡ଼ିଶାର ବନିତା ନାଏକ, ଅଙ୍କିତା ପ୍ରଧାନ, ପ୍ରୀତିମୟୀ ମହାନ୍ତି, ପ୍ରତିଭାରାଣୀ ପାତ୍ର ଓ ମୌସୁମୀ ଦାସ ୫ଟି ସ୍ୱର୍ଣ୍ଣପଦକ ଜିତିଥିଲେ। ଏହି ବିଭାଗରେ ମିନା ସାନ୍ତା-ବି' ଓ ଶ୍ୱେତଲିନା ମହାନ୍ତି ୨ଟି ରୌପ୍ୟ ପଦକ ପାଇଥିଲେ। କନିଷ୍ଠ ବର୍ଗରେ ବନିତା ନାଏକ, ଶ୍ୱେତଲିନା ମହାନ୍ତି, ରିମ୍‌ଝିମ୍ ନାଏକ ୩ଟି ରୌପ୍ୟ ପଦକ ପାଇଥିଲେ। ଏହି ବିଭାଗରେ ମୀନା ସିଂ, ଅଙ୍କିତା ପ୍ରଧାନ, ଆଲିଶା ବେହେରା ଓ ଟିନା ରାଉତ ୪ଟି କାଂସ୍ୟ ପଦକ ଜିତିବା ଫଳରେ ଦଳଗତ ଟାଇଟଲ କବ୍‌ଜା କରିଥିଲେ। ବରିଷ୍ଠ ବିଭାଗରେ ମୌସୁମି ଦାସ ଗୋଟିଏ ସ୍ୱର୍ଣ୍ଣ, ରୋମାଲି ପ୍ରଧାନ ଓ ରିମ୍‌ଝିମ୍ ନାୟକ ୨ଟି ରୌପ୍ୟ, ବନିତା ନାଏକ, ମୀନା ସିଂ ଓ ଅଙ୍କିତା ପ୍ରଧାନ ୩ଟି କାଂସ୍ୟ ପଦକ ଜିତି ଦଳଗତ ଟାଇଟଲ ଜିତିଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ପଶ୍ଚିମବଙ୍ଗ, ବିହାର, ଝାଡଖଣ୍ଡ, ମଣିପୁର, ଆସାମ, ତ୍ରିପୁରା, ମେଘାଳୟ, ମିଜୋରାମ ରାଜ୍ୟରୁ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଦଳକୁ ରାଜ୍ୟ ଭାରୋତ୍ତୋଳନ ସଂଘ ସଭାପତି ଙ୍କ ଚିତ୍ତରଞ୍ଜନ ସ୍ୱାଇଁ, ଉପସଭାପତି ହରିପ୍ରସାଦ ପଟ୍ଟନାୟକ ଓ ଅନ୍ୟ କର୍ମକର୍ତ୍ତାମାନେ ଅଭିନନ୍ଦନ ଜଣାଇଛନ୍ତି।



# ଆଇକନିକ ଓପନ୍ ଗେଟବଲ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୩୦।୧୧ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ରବିବାର ଆଇକନିକ ଇଣ୍ଡିଆ ଇଣ୍ଟରନ୍ୟାସନାଲ ଓପନ୍ ଗେଟ୍‌ବଲ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି। ଆଇକନିକ ସ୍ପୋର୍ଟ୍ସ ଫାଉଣ୍ଡେସନ (ଆଇଏସ୍‌ଏଫ୍) ଓ ଭାରତୀୟ ଗେଟ୍‌ବଲ ୟୁନିୟନ (ଆଇଜିୟୁ)ର ମିଳିତ ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତାକୁ ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦଘାଟନ କରିଥିଲେ। ମନ୍ତ୍ରୀ ରବି ନାରାୟଣ ନାୟକ, ସାଂସଦ ରବୀନ୍ଦ୍ର ନାରାୟଣ ବେହେରା, ସୁଜିତ ଦାସ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହିଥିଲେ। ଏହି ଦୁଇଦିବସୀୟ ପ୍ରତିଯୋଗିତାରେ ଇଣ୍ଡୋନେସିଆ ଓ ତାଇୱାନ ସମେତ ଭାରତର ୧୮ ରାଜ୍ୟର ୨୦୦ରୁ ଊର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିଛନ୍ତି। କ୍ଲାସିକ ଓ ଡବଲ୍ସ ବର୍ଗରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଆଇଏସ୍‌ଏଫ୍‌ର ଡିରେକ୍ଟର ସଞ୍ଜୟ ଚୌଧୁରୀ, ଚିଦାତମିକା ଖଟୁଆ, ଶେଖ ଅବଦୁଲ ସମିସ, ପ୍ରମୁଖ ଉଦଘାଟନୀ ଉତ୍ସବରେ ଉପସ୍ଥିତ ରହିଥିଲେ।

## ସୟଦ ମୁସ୍ତାକ ଅଲି ଟି-୨୦

# ପରାଜୟରେ ଓଡ଼ିଶାର ହ୍ୟାଟ୍ରିକ୍

ଭୁବନେଶ୍ୱର, ୩୦।୧୧ (ସମିସ): ବିସିସିଆଇ ଆନୁକୂଲ୍ୟରେ ଚାଲିଥିବା ସୟଦ ମୁସ୍ତାକ ଅଲି ଟି-୨୦ ଟ୍ରଫିରେ ଓଡ଼ିଶା ହ୍ୟାଟ୍ରିକ ପରାଜୟବରଣ କରିଛି। ଏଲିଟ୍ ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ଓଡ଼ିଶା ରବିବାର ୩ୟ ମ୍ୟାଚରେ ୮ ୱିକେଟ୍‌ରେ ବିଦର୍ଭ ନିକଟରୁ ପରାସ୍ତ ହୋଇଛି। ଲକ୍ଷ୍ନୌରେ ଏକନ୍ନା ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ଟସ୍ ଜିତି ଓଡ଼ିଶା ଅଧିନାୟକ ବିପ୍ଳବ ସାମନ୍ତରାୟ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ମଧ୍ୟକ୍ରମରେ ସମ୍ବିତ ବରାଳ (୩୮ ବଲରେ ୪୬ ରନ) ଓ ନିମ୍ନଭାଗରେ ପ୍ରୟାସ କୁମାର ସିଂ (୨୬ ବଲରେ ଅପରାଜିତ ୪୦ ରନ)ଙ୍କ ଉପଯୋଗୀ ଇନିଂସ ବଳରେ ଓଡ଼ିଶା ୬ ୱିକେଟରେ ୧୬୦ ରନ ସଂଗ୍ରହ କରିଥିଲା। ବିଦର୍ଭର ଦର୍ଶନ ନାଲକନ୍ଦେଙ୍କୁ ୨ଟି ୱିକେଟ୍ ମିଳିଥିଲା। ଜବାବରେ ଓପନର୍ ଅମନ ମୋଖାଡେ ଓ ଧ୍ରୁବ ସୋରୀଙ୍କ ଅପରାଜିତ ଅର୍ଦ୍ଧଶତକ ବଳରେ ବିଦର୍ଭ ୧୪.୫ ଓଭରରେ ମାତ୍ର ୨ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା। ଅମନ ୪୦ ବଲରେ ସର୍ବାଧିକ ୭୩ ରନ କରିଥିଲେ। ଏହି ପାଳିରେ ସେ ୫ଟି ଲେଖାଏ ଚୌକା ଓ ଛକା ମାରିଥିଲେ। ସେହିଭଳି ଧ୍ରୁବ ସୋରେ ୬ଟି ଚୌକା ଓ ୩ ଛକା ବଳରେ ୩୯ ବଲରୁ ୬୯ ରନ କରି ଅପରାଜିତ ରହିଥିଲେ। ଅସମାପ୍ତ ୩ୟ ୱିକେଟ ଯୋଡ଼ିରେ ଅମନ ଓ ଧ୍ରୁବ ୧୩୯ ରନର ଭାଗୀଦାରି ଗଢ଼ି ବିଦର୍ଭକୁ ସହଜ ବିଜୟ ଦେଇଥିଲେ। ଓଡ଼ିଶାର ରାଜେଶ ମହାନ୍ତିଙ୍କୁ ୨ଟି ଯାକ ୱିକେଟ୍ ମିଳିଥିଲା। ପୂର୍ବରୁ ଓଡ଼ିଶା ପ୍ରଥମ ମ୍ୟାଚରେ ୧୦ ୱିକେଟରେ କେରଳ ନିକଟରୁ ଏବଂ ଦ୍ୱିତୀୟ ମ୍ୟାଚରେ ୬୬ ରନରେ ଆନ୍ଧ୍ର ପ୍ରଦେଶ ନିକଟରୁ ପରାସ୍ତ ହୋଇଥିଲା।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS